READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524




ବର୍ଷ-୬ | ସଂଖ୍ୟା-୨୮ | ୨୫ - ୩୧ ଜୁଲାଇ, ୨୦୨୨ | ଭୁବନେଶ୍ୱର | Monday Weekly | VOL-6 | ISSUE-28 | 25th - 31st JULY, 2022 | BHUBANESWAR | ₹ 5/- (8 Pages)

### ଦ୍ରୌପଦୀଙ୍କ ପାଇଁ କ୍ରସ ଭୋଟିଂ

# ବିରୋଧୀ ମେଣ୍ଟରେ ଫାଟ !

**ନୂଆଦିଲ୍ଲୀ :** ଅଧିକାଂଶ ବିରୋଧୀ ଏକାଠି ହୋଇ ରାଷ୍ଟ୍ରପତି ନିର୍ବାଚନରେ ଯଶଓ୍ୱନ୍ତ ସିହ୍ନାଙ୍କୁ ପ୍ରାର୍ଥୀ କରିଥିଲେ। ସବୁ ବିରୋଧୀ ଏକାଠି ହୋଇ ଯଶଓ୍ୱନ୍ତ ସିହ୍ନାଙ୍କୁ ଭୋଟ ଦେବେ ବୋଲି ବି କହିଥିଲେ। ହେଲେ ବିରୋଧୀଙ୍କ ଏକତା କେତେ ମଜବୁତ ଥିଲା, ସେକଥା ରାଷ୍ଟ୍ରପତି ନିର୍ବାଚନର ଫଳାଫଳ ପରେ ଜଣାପଡ଼ିଯାଇଛି। କାରଣ ବିରୋଧୀ ଦଳରେ ଥିବା ଅନେକ ବିଧାୟକ ଓ ସାଂସଦ ନିର୍ବାଚନ ବେଳେ ବିଜେପି ନେତୃତ୍ୱାଧୀନ ଏନଡିଏ ପ୍ରାର୍ଥୀ ତଥା ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ ଦେଇଛନ୍ତି। ଦଳର କଥା ନ ମାନି ସେମାନେ ଦ୍ରୌପଦୀଙ୍କ ସପକ୍ଷରେ କ୍ରସ ଭୋଟିଂ କରିଛନ୍ତି। ଏହି ଘଟଣା ହିଁ ବିରୋଧୀ ମେଣ୍ଟରେ ଥିବା ଫାଟକୁ ପଦାରେ ପକାଇଛି। ମିଳିଥିବା ସୂଚନା ଅନୁଯାୟୀ, ବିରୋଧୀ ମେଣ୍ଟରେ ଥିବା ପ୍ରାୟ ୧୨୫ ଜଣ ବିଧାୟକ ଓ ୧୭ ଜଣ ସାଂସଦ ଦଳୀୟ ନିଷ୍ପତ୍ତିକୁ ବେଖାତିର କରି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେଇଛନ୍ତି। ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ନିର୍ବାଚନ ଜିତିବା ପରେ କ୍ରସ ଭୋଟିଂ କଥା ସାମ୍ନାକୁ ଆସିଥିଲା। ମଧ୍ୟପ୍ରଦେଶ ଓ ଆସାମରେ ସର୍ବାଧିକ କ୍ରସ ଭୋଟିଂ ହୋଇଛି। ଏଥିପାଇଁ ବିଜେପି ଶାସିତ ରାଜ୍ୟ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ ଓ ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କ୍ରସ ଭୋଟିଂ କରିଥିବା ନିଜ ରାଜ୍ୟର ବିରୋଧୀ ଦଳ ବିଧାୟକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କେରଳରେ ବିଜେପି କିମ୍ବା ଏହାର ସହଯୋଗୀ ଦଳର କୌଣସି ବିଧାୟକ ନାହାନ୍ତି। ତଥାପି ୧୪୦ ବିଧାୟକଙ୍କ ମଧ୍ୟରୁ ଅପ୍ରତ୍ୟାଶିତ ଭାବେ ଜଣଙ୍କ ଭୋଟ ଦ୍ରୌପଦୀ ମୁର୍ମୁଙ୍କ ଖାତାକୁ ଯାଇଛି। ଏଠାରେ କ୍ଷମତାରେ ଥିବା ବାମ ମେଣ୍ଟ ଓ ବିରୋଧୀ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ପକ୍ଷରୁ ଯଶଓ୍ୱନ୍ତ ସିହ୍ନାଙ୍କୁ ସମର୍ଥନ ଘୋଷଣା କରାଯାଇଥିଲା। ତଥାପି ରାଜ୍ୟରେ କ୍ରସ ଭୋଟିଂ ହୋଇଛି। କେରଳରୁ ଗୋଟିଏ ଭୋଟ ପାଇ ବିଜେପି ମଧ୍ୟ ଉତ୍ସାହିତ ହୋଇପଡ଼ିଛି। ➤ ପୃ-୬



### ଦ୍ରୌପଦୀଙ୍କ ଲମ୍ବା ଯାତ୍ରା

## କାଉନସିଲରରୁ ରାଷ୍ଟ୍ରପତି

**ନୂଆଦିଲ୍ଲୀ :** ରାଷ୍ଟ୍ରପତି ନିର୍ବାଚନରେ ବାଜିମାତ କରିଛନ୍ତି ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ। ଗୋଟିଏ ଆଦିବାସୀ ପରିବାରରୁ ଆସି ଦେଶର ପ୍ରଥମ ନାଗରିକ ହୋଇଛନ୍ତି ଶ୍ରୀମତୀ ମୁର୍ମୁ। ଦ୍ରୌପଦୀ ହେଉଛନ୍ତି ଦେଶର ୧୫ତମ ରାଷ୍ଟ୍ରପତି। ଏଥିସହ ପ୍ରଥମ ଆଦିବାସୀ ମହିଳା ଭାବେ ରାଷ୍ଟ୍ରପତି ହେବାର ସୌଭାଗ୍ୟ ମଧ୍ୟ ଅର୍ଜନ କରିଛନ୍ତି। ଓଡ଼ିଶାର ରାଇରଙ୍ଗପୁର ଭଳି ଗୋଟିଏ ଛୋଟିଆ ସହରରୁ ଦିଲ୍ଲୀର ରାଇସିନା ହିଲରେ ପହଞ୍ଚିବା ଶ୍ରୀମତୀ ମୁର୍ମୁଙ୍କ ପାଇଁ ଆଦୌ ସହଜ ନଥିଲା। ସେ ନିଜର ରାଜନୈତିକ କ୍ୟାରିୟର କାଉନସିଲରରୁ ଆରମ୍ଭ କରିଥିଲେ। ଏବେ ସେ ରାଷ୍ଟ୍ରପତି ନିର୍ବାଚନ ଜିତିଛନ୍ତି। ମୟୂରଭଞ୍ଜର ରାଇରଙ୍ଗପୁର ଅନ୍ତର୍ଗତ ବାଲଦାପୋଷି ଅଞ୍ଚଳର ଶ୍ରୀମତୀ ମୁର୍ମୁ ଶିକ୍ଷକତା ଛାଡ଼ି ୧୯୯୭ ମସିହାରେ ରାଜନୀତିରେ ପ୍ରବେଶ କରିଥିଲେ। ସେବେଠାରୁ ସେ ଆଉ ପଛକୁ ଫେରିନାହାନ୍ତି। ବିଏ ପାସ୍ କରିଥିବା ଶ୍ରୀମତୀ ମୁର୍ମୁ ରାଇରଙ୍ଗପୁର ଏନଏସି ଉପାଧ୍ୟକ୍ଷା ପଦବୀରୁ ଏବେ ଦେଶର ସର୍ବୋଚ୍ଚ ପଦବୀ ଅଳଙ୍କୃତ କରିଛନ୍ତି। ➤ ପୃ-୬

## ଦାରିଦ୍ର୍ୟ ସୀମାରେଖା ତଳେ ୨୭ କୋଟି



**ନୂଆଦିଲ୍ଲୀ :** କେନ୍ଦ୍ର ସରକାର ଦ୍ୱାରା ଲୋକସଭାରେ ଉପସ୍ଥାପିତ କରାଯାଇଥିବା ଏକ ପରିସଂଖ୍ୟାନ ଅନୁସାରେ ଦେଶରେ ୨୭ କୋଟିରୁ ଅଧିକ ଲୋକେ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ଗ୍ରାମାଞ୍ଚଳରେ ବାସ କରୁଥିବା ଯେଉଁ ବ୍ୟକ୍ତି ଦୈନିକ ୨୬ ଟଙ୍କା ଏବଂ ସହରରେ ବାସ କରୁଥିବା ଯେଉଁ ବ୍ୟକ୍ତି ପ୍ରତିଦିନ ୩୨ ଟଙ୍କା ଖର୍ଚ୍ଚ କରି ପାରନ୍ତି ନାହିଁ ତାଙ୍କୁ ଦାରିଦ୍ର୍ୟ ସୀମା ତଳେ ରଖାଯାଏ। ଦେଶର ରାଜ୍ୟ ଗୁଡ଼ିକ ମଧ୍ୟରେ ଛତିଶଗଡରେ ସବୁଠୁ ଅଧିକ ଗରିବ ଅଛନ୍ତି। ସେହିପରି ଉତ୍ତର ପ୍ରଦେଶ, ବିହାର, ଝାଡଖଣ୍ଡ ଏବଂ ମଧ୍ୟ ପ୍ରଦେଶରେ ➤ ପୃ-୬

## କେଉଁଡେ ମିଛ କିହୋ ?

**ଭୁବନେଶ୍ୱର :** ବିଧାୟକଙ୍କ ମିଛ ଧରାପଡିଛି। ରାଷ୍ଟ୍ରପତି ନିର୍ବାଚନକୁ ନେଇ କ୍ରସ୍‌ଭୋଟିଂ ସମ୍ପର୍କରେ କଂଗ୍ରେସ ଓ ବିଜେପିର ବିଧାୟକ ଯାହା କହିଥିଲେ ତାର ଫଳ ସାମ୍ନାକୁ ଆସିଛି। ରାଷ୍ଟ୍ରପତି ନିର୍ବାଚନ ଫଳାଫଳ କଂଗ୍ରେସ ବିଧାୟକ ତାରା ବାହିନୀପତି ଓ ବିଜେପି ମୁଖ୍ୟ ସଚେତକ ମୋହନ ମାଝୀଙ୍କ ଦାବି ଭୁଲ ସାବ୍ୟସ୍ତ ହୋଇଛି। ରାଷ୍ଟ୍ରପତି ନିର୍ବାଚନରେ ଓଡିଶାରୁ ବିଧାୟକ ମୋହମ୍ମଦ ମୋକିମ୍‌ଙ୍କ ବ୍ୟତୀତ ଆଉ କାହା ଭୋଟ ବି ଏପଟ ସେପଟ ହୋଇ ନାହିଁ। ରାଷ୍ଟ୍ରପତି ନିର୍ବାଚନ ଫଳ ପ୍ରକାଶ ପାଇଛି। ଏନଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ବିଜୟୀ ହୋଇଥିବା ବେଳେ ମିଳିତ ବିରୋଧୀ ପ୍ରାର୍ଥୀ ଯଶଓ୍ୱନ୍ତ ସିହ୍ନା ପରାଜିତ ହୋଇଛନ୍ତି। ଓଡିଶାର ୧୪୭ ବିଧାୟକଙ୍କ ମଧ୍ୟରୁ ବିଧାୟକ ପ୍ରଶାନ୍ତ ଜଗଦେବ ଭୋଟ ଦେଇନଥିଲେ। ତାଙ୍କୁ ବାଦ୍ ଦେଲେ ସମୁଦାୟ ୧୪୬ ଭୋଟ ମଧ୍ୟରୁ ଦ୍ରୌପଦୀଙ୍କ ସମର୍ଥନରେ ଯାଇଥିଲା ୧୩୭ ଖଣ୍ଡ। ବିପକ୍ଷ ୟୁପିଏ ପ୍ରାର୍ଥୀ ଯଶଓ୍ୱନ୍ତ ସିହ୍ନାଙ୍କୁ ରାଜ୍ୟରୁ ୯ ବିଧାୟକଙ୍କ ଭୋଟ ମିଳିଛି। ➤ ପୃ-୬



### ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇଲେ କେନ୍ଦ୍ର ସରକାର

## ବଢ଼ିବନି ହାଇକୋର୍ଟ, ସୁପ୍ରିମକୋର୍ଟ ଜଜ୍‌ଙ୍କ ଅବସର ବୟସ

**ନୂଆଦିଲ୍ଲୀ :** ହାଇକୋର୍ଟ ଓ ସୁପ୍ରିମକୋର୍ଟ ଜଜ୍ ମାନଙ୍କ ରିଟାୟରମେଣ୍ଟ ଏଜ୍ ଅର୍ଥାତ ସେବା ନିବୃତ୍ତି ବୟସ ବୃଦ୍ଧି ଲାଗି ଦୀର୍ଘ ସମୟର ଚର୍ଚ୍ଚାରେ କେନ୍ଦ୍ର ସରକାର ଶୁକ୍ରବାର ବିରାମ ଲଗାଇ ଦେଇଛନ୍ତି। ସଂସଦର ମୌସୁମୀ ଅଧିବେଶନରେ ଏ ସମ୍ପର୍କିତ ଜନୈକ ସାଂସଦଙ୍କ ଲିଖିତ ପ୍ରଶ୍ନର ଜବାବରେ ସରକାର ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରିଦେଇଛନ୍ତି। ଏଥିରେ ଶୀର୍ଷ ଅଥବା ଉଚ୍ଚ ନ୍ୟାୟାଳୟମାନଙ୍କର ବିଚାରପତିଙ୍କ ସେବା ନିବୃତ୍ତି ଆୟୁ ବୃଦ୍ଧି ଲାଗି ସରକାରଙ୍କର କୌଣସି ପ୍ରସ୍ତାବ ନଥିବା କଥା କହିଛନ୍ତି। କେନ୍ଦ୍ର ଆଇନ ମନ୍ତ୍ରୀ କିରଣ ରିଜ୍ଜୁ ଏକ ଲିଖିତ ପ୍ରଶ୍ନର ଜବାବରେ ଏହା ଉଲ୍ଲେଖ କରିଛନ୍ତି। ଲିଖିତ ଜବାବ ଅନୁସାରେ ଉଚ୍ଚନ୍ୟାୟାଳୟଙ୍କ ➤ ପୃ-୬



### ବକ୍ରବାଣୀ



ମାଟିର ଝିଅ ଜିତିଲେ ବୋଲି
ଚାରିଆଡ଼େ ବାଣ ଫୁଟୁଛି
ଗୀତ ଗାଇ ଡିଜେ ବଜେଇକି
ଦେଖ ନେଖା ନାନୀ ନାଚୁଚି
ସବୁଠି ରାଜନୀତି ପୁରେଇ
ଭୋଟ କାର୍ଡ଼ ନେତା ଖେଳନ୍ତି
ଦଳିତ ନାଆଁରେ ଖେଳ କରି
ଲୋକଙ୍କୁ ଭକୁଆ ବନାନ୍ତି
ଭେଳିକି ଦେଖାନ୍ତି ମିଛରେ କେତେ
ଭଲ ପାଉଛନ୍ତି ହୃଦୟୁ ସତେ।

—— ଟୁଟୁ

### ୨୫ ବର୍ଷରେ ୬୦ ଗୁଣ ବଢ଼ିଛି ବିଧାୟକଙ୍କ ହାତ ପାଣ୍ଠି

## ତଥାପି ମନ ବୁଝୁନି

**ଭୁବନେଶ୍ୱର :** ୨୫ ବର୍ଷରେ ୬୦ ଗୁଣ ବୃଦ୍ଧି ପାଇଲାଣି ଓଡ଼ିଶାରେ ବିଧାୟକମାନଙ୍କ ହାତପାଣ୍ଠି। ଗତ ଦୁଇବର୍ଷ ତଳେ ଏକ କୋଟିରୁ ୩ କୋଟି ଟଙ୍କା ହୋଇଛି। ତଥାପି ବିଧାୟକଙ୍କ ହାତପାଣ୍ଠି (ଏମଏଲଏ ଲ୍ୟାଡ୍) ବଢ଼ାଇବା ପାଇଁ ଉଭୟ ଶାସକ ଓ ବିରୋଧୀ ଦଳ ସଦସ୍ୟମାନେ ବିଧାନସଭାରେ ଦାବି କରିଛନ୍ତି। ତେବେ ପଞ୍ଚାୟତ ମାଧ୍ୟମରେ ଏବେ ବିପୁଳ ପରିମାଣର ସରକାରୀ ପାଣ୍ଠି ଯିବା ସହ ବ୍ଲକ ଓ ଅନ୍ୟାନ୍ୟ ବିଭାଗଗୁଡ଼ିକ ଟେଣ୍ଡର ମାଧ୍ୟମରେ କାର୍ଯ୍ୟ କରୁଥିବାବେଳେ ବିଧାୟକମାନେ କାହିଁକି ନିଜର ହାତପାଣ୍ଠି ବୃଦ୍ଧି କରିବାକୁ ଏତେ ବ୍ୟଗ୍ର ହେଉଛନ୍ତି ତାକୁ ନେଇ ସାଧାରଣରେ ଚର୍ଚ୍ଚା।। ବିଧାନସଭାରେ ପ୍ରଶ୍ନକାଳରେ ବିଜେଡି ବିଧାୟକ ସଞ୍ଜିବ ମଲ୍ଲିକ ରାଜ୍ୟରେ ଜେନେରାଲ ବିଧାୟକ ପାଣ୍ଠିକୁ ୨ରୁ ୩କୋଟି ଟଙ୍କାକୁ ବୃଦ୍ଧି କରିବାକୁ ଦାବି କରିଛନ୍ତି। ଏବେ ରାଜ୍ୟରେ ବିଧାୟକ ପାଣ୍ଠି ୩ କୋଟି ଟଙ୍କା ଥିଲେ ମଧ୍ୟ ୫୦ଲକ୍ଷ ଟଙ୍କା ଉଚ୍ଚଶିକ୍ଷା ଓ ୫୦ଲକ୍ଷ ଟଙ୍କା ରାସ୍ତା ନିର୍ମାଣ ପାଇଁ ଉଦ୍ଦିଷ୍ଟ ଅଛି। ତେଣୁ ଲୋକସଂଖ୍ୟା ବଢୁଥିବାରୁ ଅଞ୍ଚଳରେ ମନ୍ଦିର-ମସଜିଦ୍ ଆଦି ପାଇଁ ଦାବି ଅଧିକ ଆସୁଥିବାରୁ ଏହି ଜେନେରାଲ ବିଧାୟକ ପାଣ୍ଠିକୁ ୨ରୁ ୩କୋଟି ଟଙ୍କାକୁ ବୃଦ୍ଧି କରିବା ଦିଗରେ ସରକାର ପଦକ୍ଷେପ ନେବାକୁ ସେ ଅନୁରୋଧ କରିଥିଲେ। ବିଧାୟକ ଉନ୍ନୟନ ପାଣ୍ଠି ବା ହାତପାଣ୍ଠିକୁ ବୃଦ୍ଧି କରିବା ପାଇଁ ଶ୍ରୀ ମଲ୍ଲିକଙ୍କ ଦାବିକୁ ବିଜେଡି ବିଧାୟିକା ଲତିକା ପ୍ରଧାନ, ବିଜେପି ମୁଖ୍ୟ ସଚେତକ ମୋହନ ମାଝୀ ଓ ଭାସ୍କର ମଢ଼େଇ, କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ସମର୍ଥନ କରି ବିଧାୟକ ପାଣ୍ଠି ବୃଦ୍ଧି କରିବା ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ବିଜେପି ମୁଖ୍ୟ ସଚେତକ ମୋହନ ମାଝୀ ପଡ଼ୋଶୀ ରାଜ୍ୟରେ ବିଧାୟକ ପାଣ୍ଠି ୫କୋଟି ଟଙ୍କା ଥିବାବେଳେ ଓଡ଼ିଶାରେ ଏହାକୁ ୩ରୁ ୧୦କୋଟି ଟଙ୍କାକୁ ବୃଦ୍ଧି କରାଯାଉ ବୋଲି ଦାବି କରିଛନ୍ତି। ଉଚ୍ଚଶିକ୍ଷା କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ୫୦ଲକ୍ଷ ଟଙ୍କା ଖର୍ଚ୍ଚକୁ ସରଳୀକରଣ ସପକ୍ଷରେ ସେ ମତ ରଖିଥିଲେ। ସେହିପରି କଂଗ୍ରେସ ବିଧାୟକ ଶ୍ରୀ ସାଲୁଜା ରାସ୍ତା ନିର୍ମାଣ, ➤ ପୃ-୬



## ଶିମିଳିପାଳରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ

**ବାରିପଦା, (ବିଜୁ ସିଂ) :** ମୟୂରଭଞ୍ଜ ମାଟି ନିଜ ବକ୍ଷରେ ଥିବା ଶିମିଳିପାଳ ଅଭୟାରଣ୍ୟ ପାଇଁ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ବହନ କରିଥାଏ। ଶିମିଳିପାଳ ଏସିଆ ମହାଦେଶର ୨ୟ ବୃହତମ ଜୈବ ମଣ୍ଡଳ ଭାବରେ ୨,୭୫୦ ବର୍ଗ କିଲୋମିଟର ପରିମିତ ଅଞ୍ଚଳରେ ପରିବ୍ୟାପ୍ତ ହୋଇ ରହିଥିବା ବେଳେ, ସେଥିରୁ ୨୨୦୦ ବର୍ଗ କି.ମି ଅଞ୍ଚଳରେ ଇକୋଟୁରିଜିମ ବ୍ୟବସ୍ଥା କରାଯାଇଛି। ଶିମିଳିପାଳ ଅଭୟାରଣ୍ୟରେ ୫୫ ପ୍ରଜାତିର ପଶୁ, ୩୦୪ ପ୍ରଜାତିର ପକ୍ଷୀ, ୬୨ ପ୍ରଜାତିର ସରୀସୃପ, ୩୭ ପ୍ରଜାତିର ମାଛ ଏବଂ ୧୦୭୬ ପ୍ରକାରର ଗଛ ଦେଖିବାକୁ ମିଳେ। ଶିମିଳିପାଳ ଜାତୀୟ ଉଦ୍ୟାନରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସହ ରହିଛି ଶାଳ ଜଙ୍ଗଲ, ବହୁ ଜଳପ୍ରପାତ ଏବଂ ମନୋରୋମ ପ୍ରାକୃତିକ ସୌନ୍ଦର୍ଯ୍ୟ। ସାରା ଦେଶରେ କେବଳ ଶିମିଳିପାଳରେ କଳା ରଙ୍ଗର ମହାବଳ ବାଘ ରହିଛନ୍ତି। ପ୍ରତି ବର୍ଷ ନଭେମ୍ବର ମାସ ୧ ତାରିଖରେ ପର୍ଯ୍ୟଟକମାନଙ୍କ ପାଇଁ ଶିମିଳିପାଳ ଖୋଲା ଯାଉଥିବା ବେଳେ, ଜୁନ୍ ମାସ ୧୫ ତାରିଖ ସୁଦ୍ଧା ଶିମିଳିପାଳର ପ୍ରବେଶ ପଥକୁ ପର୍ଯ୍ୟଟକମାନଙ୍କ ପାଇଁ ବନ୍ଦ କରାଯାଏ। ୨୦୨୧ ମସିହା ନଭେମ୍ବର ମାସରୁ ୨୦୨୨ ମସିହା ଜୁନ ମାସ ୧୫ ତାରିଖ ପର୍ଯ୍ୟନ୍ତ ମୋଟ ୮୪ ହଜାର ୧୧ ଜଣ ପର୍ଯ୍ୟଟକ ଭ୍ରମଣ କରିବାକୁ ଆସିଥିଲେ। ସେଥିମଧ୍ୟରୁ ଓଡ଼ିଶାର ୫୮ ହଜାର ୨୪ ଜଣ ପର୍ଯ୍ୟଟକ ➤ ପୃ-୬







## ଆବର୍ଜନା ମୁକ୍ତ ହେଉ ପୁଣ୍ୟତୋୟା ପ୍ରାଚୀ ନଦୀ

**କାକଟପୁର :** ପୁଣ୍ୟତୋୟା ପବିତ୍ର ପ୍ରାଚୀ ନଦୀର ଜଳକୁ ଦେଖି ଦୂର ଦୂରାନ୍ତରୁ କାକଟପୁରର ପ୍ରସିଦ୍ଧ ମା' ମଙ୍ଗଳାଙ୍କ ମନ୍ଦିରକୁ ଛୋଟ ପିଲାଙ୍କୁ ମଣ୍ଡନ କରିବାକୁ ଆସୁଥିବା ଭକ୍ତ ମାନେ ନାକରେ ଲୁଗାଦେଇ ଧାର୍ମିକ ଭାବନା ଯୋଗୁଁ ମଣ୍ଡନ କରିବାକୁ ବାଧ ହେଉଛନ୍ତି। ପ୍ରାଚୀ ନଦୀର ପବିତ୍ରତା ରକ୍ଷା କରି ଏହାକୁ ଚିରସ୍ରୋତା କରିବା ପାଇଁ ତଟସ୍ଥ ବହୁ ବୁଦ୍ଧିଜୀବୀ, ସଂଗଠନ, ବ୍ୟକ୍ତି, ଗବେଷକ,ସ୍ୱେଚ୍ଛାସେବୀ ମାନେ ପ୍ରୟାସ ଜାରି ରଖିଛନ୍ତି ସତ, କିନ୍ତୁ ପ୍ରଥମରୁ ଏହାକୁ ଅପବିତ୍ର ଓ ଅପରିଷ୍କାର କରୁଥିବା କାରଣ ଗୁଡିକୁ ଚିହ୍ନଟ ନ କରି ଉପର ଠାଉରିଆ ଭାବରେ ସଭାସମିତି କରି ଗଣମାଧ୍ୟମ ଜରିଆରେ ନିଜସ୍ୱ ପ୍ରଚାର ଉପରେ ଗୁରୁତ୍ୱ ଦେଉଛନ୍ତି। ସାଧାରଣତଃ ତିନୋଟି କାରଣ ଉପରେ ଯଦି ଉଦ୍ୟକ୍ତା ମାନେ ଓ ସରକାରୀ ସ୍ତରରେ ଚେଷ୍ଟା ଜାରି ରୁହନ୍ତା ତେବେ ଶତକଡା ୯୦ଭାଗ କାକଟପୁର ଠାରେ ପ୍ରାଚୀ ଜଳ ପ୍ରଦୂଷଣ ମୁକ୍ତ ହୋଇ ପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଉଛି। ପ୍ରଥମରେ ଦୂରଦୂରାନ୍ତରୁ ପିଲାଙ୍କୁ ମଣ୍ଡନ କରିବାକୁ ଆଣୁଥିବା ଅଭିଭାବକ ମାନଙ୍କୁ ଘଣ୍ଟତୋଳା ତୁଠରେ ମଣ୍ଡନ କରି ପିଲା ପିନ୍ଧିଥିବା ପ୍ୟାଣ୍ଟି, ସହ ସମସ୍ତ ବର୍ଜ୍ୟବସ୍ତୁ ଓ ଆଣିଥିବା ପଲିଥିନକୁ ତୁଠ ପାଣିରେ ନ ପକାଇ ସେଠାରେ ଥିବା ଡଷ୍ଟବିନ୍‌ରେ ପକାଇବା ପାଇଁ ପରାମର୍ଶ ଦିଆଯାଆନ୍ତା। ସେଥିପାଇଁ ମନ୍ଦିର ପକ୍ଷରୁ ଜଗୁଆଳୀ ନିଯୁକ୍ତି କରାଯାଆନ୍ତା। ଦ୍ୱିତୀୟରେ ମା'ଙ୍କ ଚନ୍ଦନ ମଣ୍ଡପ ତୁଠ ଯେଉଁଠାରେ ଚାପ ଖେଳାଯାଏ ସେଠିକାର ବାସିନ୍ଦାଙ୍କ ସହ ବିଶ୍ୱାମିତ୍ର ମଠ ଠାରୁ ଦେଉଳି ମଠ ମଧ୍ୟରେ ଥିବା ବାସିନ୍ଦାଙ୍କୁ ବାରଣ କରାଯାଉ ସେମାନେ ଯେମିତି ସେମାନଙ୍କ ଘରର ଦୂଷିତ ପାଣି, ବର୍ଜ୍ୟବସ୍ତୁ ନଦୀ ମଧ୍ୟକୁ ନ ଛାଡନ୍ତୁ। ତୃତୀୟରେ କାକଟପୁର ମଙ୍ଗଳା ମହାବିଦ୍ୟାଳୟକୁ ସଂଯୋଗ କରୁଥିବା ପୋଲ ଉପରୁ ଏ ଅଞ୍ଚଳରେ ହୋମଯଜ୍ଞାଦି କର୍ମକାଣ୍ଡରେ ➤ ପୃ-୬



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ଆୟରେ ବୃଦ୍ଧି ହେବ। ସଞ୍ଚୟ ହେବ। ପରିବାର ସହଯୋଗ ପାଇବେ ନାହିଁ। ସ୍ଥାନାନ୍ତରଣ ଯୋଗ ଅଛି। ବିଦେଶରେ ପାଠ ପଢ଼ିପାରନ୍ତି। ଦାମ୍ପତ୍ୟ ଜୀବନରେ ଅସ୍ଥିରତା ଯୋଗ ଅଛି। ପ୍ରତିକାର : ପ୍ରତିଦିନ ୧୦ଥର ଓଁ ଭୌମାୟ ନମଃ ଜପ କରନ୍ତୁ।

**ବୃଷ** ମାଦକ ଦ୍ରବ୍ୟ ସେବନରୁ ଦୂରେଇ ପାରନ୍ତି। ବାପା ମାଆଙ୍କ ସହଯୋଗ ପାଇ କାର୍ଯ୍ୟକ୍ଷେତ୍ରରେ ନୂତନ ଉପଲବ୍ଧି ପାଇବେ। ଛାତ୍ରୀମାନଙ୍କ ପାଇଁ ସମୟ ଅନୁକୂଳ। ଜୀବନସାଥୀଙ୍କ ସହ ତାଳମେଳ ବଢ଼ିବ। ପ୍ରତିକାର : ପ୍ରତିଦିନ ୪୦ଥର ଓଁ ରାହବେ ନମଃ ଜପ କରନ୍ତୁ।

**ମିଥୁନ** ଖରାପ ସ୍ୱାସ୍ଥ୍ୟ ଆତ୍ମବିଶ୍ୱାସ କମିବ। ବ୍ୟୟରେ ବୃଦ୍ଧି ହେବ। ଉଧାର କରିପାରନ୍ତି। ବୀପରିତ ଲିଙ୍ଗି ବ୍ୟକ୍ତିଙ୍କୁ ଆକର୍ଷ କରିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ପ୍ରତିକାର : ପ୍ରତିଦିନ ୪୧ଥର ଓଁ ବୁଧାୟ ନମଃ ଜପ କରନ୍ତୁ।

**କର୍କଟ** ପେଟରେ ସମସ୍ୟା ଦେଖାଦେଇପାରେ। ବ୍ୟବସାୟରେ ସଫଳ ହେବେ। ଧନହାନୀ ହୋଇପାରେ। ସହକର୍ମୀ ଆପଣଙ୍କ ଉପରେ କ୍ଷୁବ୍ଧ ହୋଇପାରନ୍ତି। ପ୍ରତିକାର : ବିକଳାଙ୍ଗଙ୍କୁ ଖାଦ୍ୟ ଖୁଆନ୍ତୁ।

**ସିଂହ** ଖେଳକୁଦରେ ଭାଗ ନିଅନ୍ତୁ। ଦୀର୍ଘ ମିଆଦି ବ୍ୟବସାୟ କରନ୍ତୁ। ପରିବାରରେ ସମ୍ପର୍କ ବିଗିଡିପାରେ। କାର୍ଯ୍ୟକ୍ଷେତ୍ରରେ ଅନ୍ୟର ସହଯୋଗ ନିଅନ୍ତୁ। ପ୍ରତିକାର : ମଙ୍ଗଳବାର ଦିନ ରାହୁଙ୍କ ପାଇଁ ହୋମ କରନ୍ତୁ।

**କନ୍ୟା** ସ୍ୱାସ୍ଥ୍ୟରେ ଉନ୍ନତି ହେବ। କୌଣସି ସନ୍ଥଙ୍କ ଆଶୀର୍ବାଦ ପାଇବେ। ଅର୍ଥ ପ୍ରାପ୍ତ ଯୋଗ ଅଛି। ଆତ୍ମୀୟଙ୍କ ସହ ମତଭେଦ ହୋଇପାରେ। ପ୍ରେମୀ ନାରାଜ ହୋଇପାରନ୍ତି। ପ୍ରତିକାର : ପ୍ରତିଦିନ ବିଷ୍ଣୁ ସହସ୍ର ନାମ ଜପ କରନ୍ତୁ।

**ତୁଳା** ମନ ଅସ୍ଥିର ରହିବ। ବ୍ୟବସାୟରେ ବିସ୍ତାର ପାଇଁ ଋଣ ନେଇପାରନ୍ତି। ଅନ୍ୟ ସହମତ ଭେଦ ହୋଇପାରେ। ସତର୍କ ରହନ୍ତୁ। ଶିକ୍ଷକଙ୍କ ସହଯୋଗ ପାଇବେ। ପ୍ରତିକାର : ପ୍ରତିଦିନ ୩୧ଥର ଓଁ ଶୁକ୍ରାୟ ନମଃ ଜପ କରନ୍ତୁ।

**ବିଛା** ଅଧିକ ଚିନ୍ତା କରନ୍ତୁ ନାହିଁ। କମ୍ ପରିଶ୍ରମରେ ଅଧିକ ଆୟ ହେବ। ପରିବାରରେ ସୁଖ ପାଇଷବ। ଲକ୍ଷ୍ୟପ୍ରାପ୍ତି ଯୋଗ ଅଛି। ପ୍ରେମୀ ମାନେ ଭ୍ରମଣ ପାଇଁ ଯାଇପାରନ୍ତି। ପ୍ରତିକାର : ପ୍ରତିଦିନ ୨୭ଥର ଓଁ ଶୁକ୍ରାୟ ନମଃ ଧ୍ୟାନ କରନ୍ତୁ।

**ଧନୁ** ଖର୍ଚ୍ଚ ପାଇଁ ମାର୍ଗ ପ୍ରସ୍ତୁତ କରନ୍ତୁ। ମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଛାତ୍ରମାନଙ୍କ ସମୟ ପ୍ରତିକୂଳ ରହିବ। ପ୍ରେମୀମାନେ ବିବାହ ପ୍ରସ୍ତାବ ରଖିପାରନ୍ତି। ପ୍ରତିକାର : ଗୁରୁବାର ଦିନ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**ମକର** ଅର୍ଥ ଆଗମନର ସୂଚନା ପାଇବେ। ଧନର ଠିକ୍ ଉପଯୋଗ କରନ୍ତୁ। ପରିବାରର କାର୍ଯ୍ୟରେ ବାନ୍ଧି ହୋଇପାରନ୍ତି। ବାପା ବା ମାଆଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ପ୍ରତିକାର : ୧୧ଥର ଓଁ ଭାସ୍କରାୟ ନମଃ ଜପ କରନ୍ତୁ।

**କୁମ୍ଭ** ପାଚନ ରୋଗରୁ ମୁକ୍ତି ପାଇବେ। ଆର୍ଥିକ ସ୍ଥିତିରେ ଉନ୍ନତି ହେବ। ପରିବାର ଓ ବନ୍ଧୁଙ୍କ ସହଯୋଗ ପାଇବେ। ଛାତ୍ରଙ୍କୁ ସଫଳତା ମିଳିବ। ପ୍ରେମୀଙ୍କ ଠାରୁ ଦୂରେଇ ରହିବା କଷ୍ଟ ହୋଇପାରେ। ପ୍ରତିକାର : ଭଗବାନ ଶିଙ୍କ ଉପାସନା କରନ୍ତୁ।

**ମୀନ** ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ବ୍ୟୟରେ ବୃଦ୍ଧି ହେବ। ପରିବାର ସହ ସମୟ କଟିବ। ପଦୋନ୍ନତି ହୋଇପାରେ। ଛାତ୍ରମାନେ ସଫଳତା ପାଇବେ। ଜୀବନସାଥୀଙ୍କ ସହ ବାଦବିବାଦ ହୋଇପାରେ। ପ୍ରତିକାର : ପ୍ରତିଦିନ ୨୧ଥର ଓଁ ଗଣେଷାୟ ନମଃ ଜପନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ୟୁଏସ ତିଆରି କରୁଛି ଶକ୍ତିଶାଳୀ ମିସାଇଲ୍ ଟ୍ରାକିଂ ସାଟେଲାଇଟ୍

# ଋଷ-ଚାଇନାର ଘାତକ ଅସ୍ତ୍ର ଉପରେ ରଖିବ ନଜର



**ନୂଆଦିଲ୍ଲୀ :** ଚାଇନା ଓ ଆମେରିକା ପରସ୍ପରକୁ କାଉଣ୍ଟର ଦେବା ଆରମ୍ଭ କରିଦେଇଛନ୍ତି। ବିଶ୍ୱର ଦୁଇ ଶକ୍ତିଶାଳୀ ଦେଶ ଏବେ ନିଜ ଅସ୍ତ୍ରଶସ୍ତ୍ର ବଢାଇବାରେ ଲାଗିଛନ୍ତି। ଘାତକ ମିସାଇଲ ଓ ଡିଫେନ୍ସ ସିଷ୍ଟମ ତିଆରି କରୁଛନ୍ତି। ନିକଟରେ ୟୁଏସ ସ୍ପେସ୍ ଡେଭଲେପମେଣ୍ଟ ଏଜେନ୍ସି ମିସାଇଲ୍ ଟ୍ରାକିଂ ସାଟେଲାଇଟ୍ ତିଆରି ନେଇ ଚୁକ୍ତି କରିଛି। ଏହି ସାଟେଲାଇଟରେ ଚାଇନା ଓ ଋଷିଆ ମିସାଇଲକୁ ଟ୍ରାକ୍ କରିହେବ। ଏଲ୩ ହାରିସ୍ ଓ ନର୍ଶରପ୍ ଗ୍ରୁମନ୍ ଆମେରିକା ପାଇଁ ମିସାଇଲ ସାଟେଲାଇଟ୍ ସିଷ୍ଟମ ତିଆରି କରିବେ ବୋଲି ଜଣାପଡିଛି। ଏହି ଦୁଇ କମ୍ପାନୀ ପ୍ରତ୍ୟେକ ୧୪ଟି ଲେଖାଏଁ ସାଟେଲାଇଟ୍ ତିଆରି କରିବେ। ଯାହା ଲୋୟର ଆର୍ଥ ଅର୍ବିଟରେ ମୁତୟନ କରାଯିବ। ମୋଟ୍ ଭାବେ ସାଟେଲାଇଟ୍ ତଥା ମିସାଇଲ ସିଷ୍ଟମକୁ ଟ୍ରାକକୁ ପାଇଁ ୧୩୦୭ ମିଲିୟନ ଡଲାର ଖର୍ଚ୍ଚ ହେବ। ରିପୋର୍ଟ ଅନୁସାରେ, ୨୦୨୫ ସୁଦ୍ଧା ଏହି ସବୁ ସାଟେଲାଇଟକୁ ଲଞ୍ଚ କରାଯିବ। ଆଲାବାମା ଏୟାର ଫୋର୍ସ ବେସରୁ ଏହାକୁ ଉତକ୍ଷେପଣ କରାଯିବା ନେଇ ଯୋଜନା ରହିଛି। ଥରେ ଏହାର ଉତକ୍ଷେପଣ ହେଲେ ଏହା ସମସ୍ତ ମିସାଇଲ ସିଷ୍ଟମକୁ ଟ୍ରାକ୍ କରିପାରିବ। ଆହୁରି ମଧ୍ୟ ଇଣ୍ଟରକଣ୍ଟିନେଣ୍ଟଲ, ହାଇପରସୋନିକ ମିସାଇଲର ଗତିକୁ ଟ୍ରାକ୍ କରିହେବ। ଟୁରନିଅରର ରିପୋର୍ଟ ଅନୁସାରେ, ଟ୍ରାକିଂ ସାଟେଲାଇଟରେ ହାଇପରସୋନିକ ମିସାଇଲ, ଏହାର ସଠିକ ଦିଗ ଉପରେ ନଜର ରଖାଯାଇପାରିବ। ନିକଟରେ ଋଷିଆ ୟୁକ୍ରେନ ବିରୋଧରେ ହାଇପରସୋନିକ ମିସାଇଲ ବ୍ୟବହାର କରିଥିଲା। ଚାଇନା ବି ହାଇପରସୋନିକ ମିସାଇଲ କ୍ଷେତ୍ରରେ ଅନେକ କାମ କରୁଛି। ତେବେ ଆମେରିକା ହାଇପରସୋନିକ ମିସାଇଲ ଟ୍ରାକିଂ ପାଇଁ ବଜେଟରେ ୫୫୦ ମିଲିୟନ ଡଲାର ପ୍ରାବଧାନ କରିଛି। ଯାହାକୁ ୨୦୨୫ରେ ଲଞ୍ଚ କରାଯିବ ଓ ଏହା ୨୦୨୬ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ଏହି ସାଟେଲାଇଟ୍ ସିଷ୍ଟମ ଭୂପୃଷ୍ଠରୁ ଅଳ୍ପ ଦୂରରେ ରହିବ। ଫଳରେ ଏହାର ଫିଲ୍ଡ ଭିଜିୟନ କମ୍ ରହିବ। ଏହା ଡବ୍ଲୁଏଫଓଭି ସାଟେଲାଇଟ୍ ସହ ମିଳିତ ଭାବେ କାମ କରିବ। ଏହି ଟ୍ରାକିଂ ସାଟେଲାଇଟ୍ କଣ୍ଟ୍ରୋଲ ରୁମରୁ ଟିକିନିଖି ତଥ୍ୟ ପଠାଇବ। ଯାହାଦ୍ୱାରା ଶତ୍ରୁର ଗତିପଥ ଉପରେ ନଜର ରଖାଯାଇପାରିବ।

### ବିଶ୍ୱରେ କେଉଁ ରାଷ୍ଟ୍ରର ପାସପୋର୍ଟର ଦମ୍ କେତେ

# ଭାରତର ର୍‍ୟାଙ୍କ ୮୭




**ନୂଆଦିଲ୍ଲୀ :** ଦେଶଗୁଡ଼ିକର ପାସ୍‌ପୋର୍ଟର ମୂଲ୍ୟାୟନ ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ ଜାପାନ ପାସ୍‌ପୋର୍ଟ ନମ୍ବର ୱାନ୍‌ରେ ଥିବା ବେଳେ ସିଙ୍ଗାପୁର ଓ ଦକ୍ଷିଣ କୋରିଆ ପାସ୍‌ପୋର୍ଟ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ପାସ୍‌ପୋର୍ଟର ମୂଲ୍ୟାୟନ ନେଇ ହେନ୍‌ଲେ ଓ ସହଯୋଗୀଙ୍କ ଦ୍ୱାରା ଜାରି ହୋଇଥିବା ହେନ୍‌ଲେ ପାସ୍‌ପୋର୍ଟ ସୂଚକାଙ୍କରେ ଏହି ୩ ରାଷ୍ଟ୍ର ଆଗରେ ରହିଛନ୍ତି। କୋଭିଡ ପରେ ବିଶ୍ୱ ଅର୍ଥନୀତି ଧୀରେ ଧୀରେ ଗତି ପାଉଥିବା ବେଳେ ଏସିଆ ଦେଶ ୟୁରୋପୀୟ ଦେଶଗୁଡ଼ିକୁ ପଛରେ ପକାଇ ଦେଇଛନ୍ତି। ଜାପାନୀ ପାସ୍‌ପୋର୍ଟଧାରୀ ୧୯୩ଟି ଦେଶରେ ବିନା ବାଧାରେ ପ୍ରବେଶ କରିବାକୁ ଅନୁମତି ଥିବା ବେଳେ ସିଙ୍ଗାପୁର ଓ ଦକ୍ଷିଣ କୋରିଆପାସ୍ପୋର୍ଟ ଧାରୀଙ୍କୁ ୧୯୨ ଦେଶରେ ବିନା ବାଧାରେ ପ୍ରବେଶ ପାଇଁ ଅନୁମତି ମିଳିଛି। ହେଲେ ଶକ୍ତିଶାଳି ପାସ୍‌ପୋର୍ଟ ତାଲିକାରେ ୟୁନାଇଟେଡ୍ କିଙ୍ଗଡମ୍ ୧୮୭ ଦେଶର ଅନୁମତି ସହ ଷଷ୍ଠ ସ୍ଥାନରେ ଥିବା ବେଳେ ୧୮୬ ଦେଶରେ ଅନୁମତି ସହ ୟୁଏସ୍ ସପ୍ତମ ସ୍ଥାନ ରହିଛି। ସେହିପରି ଚୀନ୍ ପାସ୍‌ପୋର୍ଟର ରାଙ୍କ ୬୯ ରହିଛି। ଚୀନ ପାସ୍‌ପୋର୍ଟଧାରୀଙ୍କୁ ୮୦ଟି ଦେଶର ବିନା ବିରାଧ ପ୍ରବେଶ ଅନୁମତି ରହିଛି। ଋଷ ଟ୍ରାଭେଲ୍ ଡକ୍ୟୁମେଣ୍ଟ ୫୦ ରାଙ୍କରେ ଥିବା ବେଳେ ୧୧୯ ଦେଶକୁ ସହଜରେ ଯାତ୍ରା ଅନୁମତି ରହିଛି। ତେବେ ଭାରତର ପାସ୍‌ପୋର୍ଟ ରାଙ୍କରେ ସୁଧାର ଆସିପାରି ନାହିଁ। କାରଣ ଭାରତର ପାସ୍‌ପୋର୍ଟ ରାଙ୍କ ୮୭ ରହିଛି। ସେହିପର ଆଫଗାନିସ୍ତାନର ପାସ୍‌ପୋର୍ଟ ସବୁଠାରୁ ନିମ୍ନରେ ରହିଛି। ଆଫଗାନୀ ପାସ୍‌ପୋର୍ଟଧାରୀଙ୍କୁ ମାତ୍ର ୨୭ ଦେଶରେ ପ୍ରବେଶ ଅନୁମତି ରହିଛି।

### ଚୀନ୍‌ର ଚାଲ୍ ଧରିଲା ସାଟେଲାଇଟ୍ ଫଟୋ

# ଡୋକଲାମ୍ ସୀମାରେ ଗାଁ ସ୍ଥାପନ କରିଛି ଡ୍ରାଗନ୍



**ନୂଆଦିଲ୍ଲୀ :** ଚୀନର ସାଙ୍ଘାତିକ ଷଡଯନ୍ତ୍ର। ଭାରତକୁ ଟକ୍କର ଦେବାକୁ ନୂଆ ଚାଲ୍। ଭୁଟାନ ରାସ୍ତା ଦେଇ ଭାରତକୁ ଘେରିବାକୁ ଉଦ୍ୟମ କରୁଛି ଚୀନ୍। ଯାହା ବୟାନ କରୁଛି ସାଟେଲାଇଟ୍ ଫଟୋ। କିଛି ସାଟେଲାଇଟ୍ ଫଟୋରୁ ଏ ସଂପର୍କରେ ଖୁଲାସା ହୋଇଛି। ଡୋକଲାମଠାରୁ ମାତ୍ର ୯ କିମି ଦୂର ଭୁଟାନର ଅମୋ ଚୁ ଘାଟିରେ ଏକ ଗାଁ ସ୍ଥାପନ କରିଛି ଚୀନ୍। ସେହି ଗାଁର ନାମ ପଙ୍ଗଡା ରଖିଛି। ପୂର୍ବରୁ ମଧ୍ୟ ୨୦୧୯ ନଭେମ୍ବରରେ ଏହି ଗାଁ ନିର୍ମାଣର ଫଟୋ ସାମ୍ନାକୁ ଆସିଥିଲା। ବର୍ତ୍ତମାନ ସେଠାରେ ଲୋକମାନେ ରହିବା ଆରମ୍ଭ କଲେଣି। ପ୍ରାୟ ସବୁ ଘର ଆଗରେ କାର୍ ଦେଖାଯାଉଛି। ପଙ୍ଗଡା ନିକଟରେ ଅଲ ୱେଦର ରାସ୍ତା ରହିଛି ଯାହାକୁ ଚୀନ୍ ଭୁଟାନର ମାଟିକୁ କବ୍‌ଜା କରି ବନାଇଛି। ସେପଟେ ଚୀନ୍ ଅମୋ ଚୁ ଘାଟିରେ ଗାଁ ଓ ସଡ଼କ ନିର୍ମାଣ ଗତିବିଧି ଜାରି ରଖିଛି। ଏହି ଘାଟି ଚୀନ୍ କବ୍ଜାରେ ଥିବା ଭୁଟାନର ସବୁଠୁ ବଡ଼ ଅଞ୍ଚଳଠାରୁ ୩୦ କିମି ଦକ୍ଷିଣରେ ରହିଛି। ଏହି ଅଞ୍ଚଳ ଉପରେ ଚୀନ୍ ଗତବର୍ଷ କବ୍ଜା କରିଥିଲା। ତେବେ ଚୀନ୍‌ର ଏହି ସବୁ ଗତିବିଧି ଯୋଗୁ ସିକ୍କିମରେ ଭାରତୀୟ ସୁରକ୍ଷା ବାହିନୀର ଚିନ୍ତା ବୃଦ୍ଧି ପାଇଛି। ଏହି ନିର୍ମାଣର ଭାରତ ଉପରେ ନିଶ୍ଚିତ ଭାବେ ପ୍ରଭାବ ପଡ଼ିବ ବୋଲି କୁହାଯାଉଛି। କାରଣ ଅମୋ ଚୁର ଆଖପାଖରେ ନିର୍ମାଣ ଯୋଗୁ ଚୀନ୍ ସେନା ସାମରିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଡୋକଲାମ ଯାଏ ଆରାମରେ ପହଞ୍ଚିପାରିବ। ଭାରତୀୟ ଯବାନଙ୍କ ଗତିବିଧି ଉପରେ ମଧ୍ୟ ନଜର ରଖିପାରିବ। ସେଠାରୁ ଭାରତର ସମ୍ବେଦନଶୀଳ ଅଞ୍ଚଳ ସିଲିଗୁଡ଼ି କରିଡର ଯାଏ ପହଞ୍ଚିହେବ।

### ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଅବିବାହିତ ଯୁବତୀଙ୍କର ବି ଅଛି ଗର୍ଭପାତ ଅଧିକାର



**ନୂଆଦିଲ୍ଲୀ :** ଗତ ଗୁରୁବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ଅବିବାହିତ ମହିଳାଙ୍କୁ ୨୪ ସପ୍ତାହର ଗର୍ଭକୁ ନଷ୍ଟ କରିବା ପାଇଁ ଅନୁମତି ଦେଇଛନ୍ତି। ଜଷ୍ଟିସ ଚନ୍ଦ୍ରଚୁଡଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଦିଲ୍ଲୀ ହାଇକୋର୍ଟଙ୍କ ରାୟକୁ ବଦଳାଇ କହିଛନ୍ତି, ଅଦାଲତଙ୍କ କାମ ନିଜର ସମ୍ପୂର୍ଣ୍ଣ ବୁଦ୍ଧି ଏବଂ ବିବେକ ବ୍ୟବହାର କରିବା। କୋର୍ଟ କୌଣସି କମ୍ପ୍ୟୁଟର ନୁହେଁ ଯେ, କେବଳ ମେସିନ ପରି ନିଷ୍ପତ୍ତି ଶୁଣାଇବ। ସୁପ୍ରିମକୋର୍ଟ କହିଛନ୍ତି, ବିବାହିତ ମହିଳାଙ୍କ ପରି ଅବିବାହିତ ଯୁବତୀଙ୍କୁ ମଧ୍ୟ ଗର୍ଭପାତର ଅଧିକାର ଅଛି। ସୁପ୍ରିମକୋର୍ଟରେ ଦାଖଲ ଏକ ଅବେଦନରେ ମହିଳାଙ୍କ ବିବାହିତ ଏବଂ ଅବିବାହିତ ପ୍ରସଙ୍ଗ ଉଠାଯାଇଥିଲା। ଯାଚିକାରେ କୁହାଯାଇଥିଲା ଯେ, ଆଇନ ଅବିବାହିତ ମହିଳାଙ୍କ ମାମଲାରେ କିଛି କହୁ ନାହିଁ। ଜଷ୍ଟିସ ଡିୱାଇ ଚନ୍ଦ୍ରଚୁଡଙ୍କ ଖଣ୍ଡପୀଠ କହିଛନ୍ତି, ମହିଳା ଅବିବାହିତ କହି ତାଙ୍କୁ ଗର୍ଭପାତକୁ ଅଧିକାରରୁ ବଞ୍ଚିତ କରାଯାଇ ପାରିବ ନାହିଁ। ମେଡିକାଲ ଟର୍ମିନେସନ ଅଫ ପ୍ରେଗନେନ୍ସି ଆକ୍ଟ ୨୦୨୧ର ସଂଶୋଧନ କଥା ଉଲ୍ଲେଖ କରି ଖଣ୍ଡପୀଠ କହିଛନ୍ତି, ଏଥିରେ ସ୍ୱାମୀଙ୍କ ସ୍ଥାନରେ ପାର୍ଟନର ଲେଖାଯାଇଛି। କୋର୍ଟ କହିଛନ୍ତି ଏହି କଥା ହିଁ ଆଇନର ଇଚ୍ଛାକୁ ଦର୍ଶାଉଛି ଯେ, ଅବିବାହିତ ମହିଳା ମଧ୍ୟ ଏହାର ପରିସରରେ ଆସୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହା ପୂର୍ବରୁ ମାମଲାର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ଜଣେ ଅବିବାହିତ ମହିଳାଙ୍କୁ ୨୩ ସପ୍ତାହରେ ଗର୍ଭପାତ କରିବା ପାଇଁ ଅନୁମତି ଦେବାକୁ ମନା କରିଥିଲେ। ଏପରି କରିବା ଭ୍ରୁଣର ହତ୍ୟା କରିବା ସହ ସମାନ ହେବ ବୋଲି କୋର୍ଟ କହିଥିଲେ। ଏହାସହ ଏହା ମଧ୍ୟ କହିଥିଲେ ଯେ ଆଇନ ଅବିବାହିତ ମହିଳାଙ୍କୁ ମେଡିକାଲ ପ୍ରକ୍ରିୟା ଜରିଆରେ ଗର୍ଭପାତ ପାଇଁ ସମୟ ଦେଇଥାଏ। ବ୍ୟବସ୍ଥାପିତା କୌଣସି କାରଣରୁ ହିଁ ନିଜ ସହମତିରେ ଶାରୀରିକ ସମ୍ପର୍କ ରଖିଥିବା ମାମଲା ଗୁଡିକୁ ଏହି ଶ୍ରେଣୀରୁ ବାହର କରିଥିଲା, ଯେଉଁଥିରେ ୨୦ରୁ ୨୪ ସପ୍ତାହ ମଧ୍ୟରେ ଗର୍ଭପାତର ଅନୁମତି ଅଛି। ଏହାସହ ସନ୍ତାନ ଜନ୍ମ ହେବା ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ସୁରକ୍ଷିତ ସ୍ଥାନରେ ରଖିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# ପୃଥିବୀ ଧ୍ୱଂସ ହେବ, ଚନ୍ଦ୍ରାୟନ ଜରୁରୀ: ଇସ୍ରୋ ମୁଖ୍ୟ



**ବେଙ୍ଗାଲୁରୁ :** ମଣିଷ ସୁବିଦନ ପାଇଁ ପୃଥିବୀରେ ରହିବ ନାହିଁ। ଦିନେ ନା ଦିନେ ଧ୍ୱଂସ ହୋଇଯିବ। ଏକଥା ଆମେ କହୁନାହୁଁ, କହିଛନ୍ତି ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ ଇସ୍ରୋ ମୁଖ୍ୟ ଏସ୍. ସୋମନାଥ ସେ କହିଛନ୍ତି ଯେ ଲୋକେ କହୁଛନ୍ତି ମଣିଷକୁ କାହିଁକି ମହାକାଶକୁ ପଠାଉଛ ? ରହିବା ପାଇଁ ପୃଥିବୀ ଥିବା ବେଳେ ମହାକାଶ ଯାତ୍ରା କାହିଁକି ? ଏହାର ଜବାବ ଦେଇ ସୋମନାଥ କହିଛନ୍ତି ଯେ ଡାଇନାସୋର ଭଳି ଦିନେ ମଣିଷ ବି ପୃଥିବୀରୁ ଧ୍ୱଂଶ ପାଇଯିବ। ଏଥିପାଇଁ ମଣିଷ ନିଜେ ଦାୟୀ ରହିବ ନହେଲେ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଆଷ୍ଟ୍ରଏଡ୍ କାରଣ ହେଇପାରେ। ଏନେଇ ଇସ୍ରୋ ମୁଖ୍ୟ କହିଥିଲେ ଯେ ଚନ୍ଦ୍ର ଓ ମଙ୍ଗଳ ଉପରେ ସବୁବେଳେ ଆଷ୍ଟ୍ରଏଡ୍ ମାଡ଼ ହେଉଛି। କାରଣ ସେଇ ଦୁଇ ଗ୍ରହକୁ ବଞ୍ଚାଇବାକୁ କୌଣସି ବାୟୁ ମଣ୍ଡଳ ନାହିଁ। ଆମ ପୃଥିବୀରେ ବାୟୁ ମଣ୍ଡଳ ଅଛି ବୋଲି ଆମେ ଆଷ୍ଟ୍ରଏଡ୍ ମାଡରୁ ବର୍ତ୍ତି ଯାଉଛେ। ହେଲେ ମଣିଷତ ସବୁବେଳେ ପୃଥିବୀ ଉପରେ ରହିବ ନାହିଁ। ଡାଇନାସୋରର ବୁଦ୍ଧି ନଥିଲା ବୋଲି ସେମାନେ ଧ୍ୱଂସ ହୋଇଗଲେ। ହେଲେ ମଣିଷ ବୁଦ୍ଧିମାନ। ଏହା ସତ୍ତ୍ୱେ ବି ମଣିଷର ଜୀବନ ପୃଥିବୀରେ ସୀମିତ। ଯଦି ମଣିଷ ରହିବା ପାଇଁ ଅନ୍ୟ ସ୍ଥାନ ନ ଖୋଜିଲା ଦିନେ ପୃଥିବୀ ନଷ୍ଟ ହେବ ତା ସହ ମଣିଷ ବି। ତେଣୁ ମଣିଷକୁ ବାହାରେ ରହିବାକୁ ସ୍ଥାନ ଖୋଜିବାକ ପଡିବ। ତେଣୁ ଗଗନାୟନ ଯାତ୍ରା ଜରୁରୀ ବୋଲି ଇସ୍ରୋ ମୁଖ୍ୟ।

# ମୁଢ଼ି ଉପରେ ଲାଗିବନି ଜିଏସ୍‌ଟି !



**ନୂଆଦିଲ୍ଲୀ:** ଚୁଡ଼ା ଓ ମୁଢ଼ି ଭଳି ଖାଦ୍ୟ ସାମଗ୍ରୀ ଉପରେ କେନ୍ଦ୍ର ସରକାର ଜିଏସ୍‌ଟି ଲଗାଇଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ବିବାଦ ମଧ୍ୟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଟ୍ୱିଟ କରି କେଉଁ ସବୁ ଖାଦ୍ୟ ସାମଗ୍ରୀକୁ ଜିଏସ୍‌ଟି ବାହାରେ ରଖାଯାଇଛି, ତା'ର ତାଲିକା ଦେଇଛନ୍ତି। ଖୋଲାରେ ବା ବିନା ପ୍ୟାକିଂରେ ବିକ୍ରି ହେଉଥିବା ଅତ୍ୟାବଶ୍ୟକ ସାମଗ୍ରୀ ଉପରେ କୌଣସି ପ୍ରକାରର ଜିଏସଟି ଆଦାୟ ହେବନି। ଏହା ମଧ୍ୟରେ ମୁଢ଼ି ମଧ୍ୟ ରହିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ବିନ୍ୟା ପ୍ୟାକିଂ ବା ବିନା ଲେଭଲିଂରେ ବିକ୍ରି ହେଉଥିବା ଡାଲି, ଗହମ, ବାଜରା, ଓଟସ, ମକା, ଚାଉଳ, ମିଇଦା, ଅଟା, ସୁଜି, ବେସନ, ମୁଢ଼ି, ଖୋଲା ଦହି ଓ ଖୋଲା ଲସି ଉପରେ କୌଣସି ପ୍ରକାରର ଜିଏସଟି ଲାଗିବ ନାହିଁ। ତେବେ ଏହି ସବୁ ଖାଦ୍ୟ ସାମଗ୍ରୀ ପ୍ୟାକିଂ ହୋଇ ବିକ୍ରି ହେଲେ, ତା' ଉପରେ ୫%ର ଜିଏସ୍‌ଟି ଲାଗୁ କରାଯିବ ବୋଲି ସେ କହିଛନ୍ତି। ସେହିପରି ସେ ଆହୁରି କହିଛନ୍ତି, ଖାଦ୍ୟ ସାମଗ୍ରୀ ଉପରେ ଜିଏସଟି ଲାଗୁ କରିବାର ନିଷ୍ପତ୍ତି କୌଣସି ଜଣେ ବ୍ୟକ୍ତିଙ୍କର ନୁହେଁ। ଜିଏସଟି ପରିଷଦରେ ଥିବା ସମସ୍ତଙ୍କ ସହମତିରେ ଏହି ନିଷ୍ପତ୍ତି ନିଆଯାଇଛି। ଜିଏସଟି ପରିଷଦରେ ଅଣ-ବିଜେପି ଶାସିତ ରାଜ୍ୟ ପଞ୍ଜାବ, ଛତିଶଗଡ, ରାଜସ୍ଥାନ, ତାମିଲନାଡୁ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ କେରଳ ମଧ୍ୟ ରହିଛନ୍ତି। ସେମାନେ ମଧ୍ୟ ଖାଦ୍ୟ ସାମଗ୍ରୀ ଉପରେ ୫% ଜିଏସଟି ଲାଗିବା ପ୍ରସ୍ତାବରେ ଏକମତ ହୋଇଥିବା ସୀତାରମଣ କହିଛନ୍ତି। ଗୋଟିଏ ପରେ ଗୋଟିଏ ଏପରି ୧୪ଟି ଟ୍ୱିଟ କରି ଅର୍ଥମନ୍ତ୍ରୀ କହିଛନ୍ତି, ଟିକସ ଲିକକୁ ରୋକିବା ପାଇଁ ଏପରି ନିଷ୍ପତ୍ତି ଅତ୍ୟନ୍ତ ଜରୁରୀ ଥିଲା। ଏହି ନିଷ୍ପତ୍ତିକୁ ବିଭିନ୍ନ ସ୍ତରରେ ଅଧିକାରୀ ଓ ମନ୍ତ୍ରୀମାନେ ମିଳିତ ଭାବେ ବିଚାର କରିଥିଲେ। ଶେଷରେ ସମସ୍ତ ସଦସ୍ୟଙ୍କ ପୂର୍ଣ୍ଣ ସମ୍ମତି ସହିତ ଏହାକୁ ଜିଏସଟି ପରିଷଦ ଅନୁମୋଦନ କରିଛି। ଏହି ନିଷ୍ପତ୍ତି ଜିଏସଟି ପରିଷଦର ଯେଉଁ ଗ୍ରୁପ ଅଫ ମନିଷ୍ଟର୍ସ ନେଇଛନ୍ତି ସେଥିରେ ପଶ୍ଚିମବଙ୍ଗ, ରାଜସ୍ଥାନ, କେରଳ, ଉତ୍ତରପ୍ରଦେଶ, ଗୋଆ ଓ ବିହାରର ସଦସ୍ୟମାନେ ଥିଲେ। ଏହାର ଅଧ୍ୟକ୍ଷତା କର୍ଣ୍ଣାଟକାର ମୁଖ୍ୟମନ୍ତ୍ରୀ କରୁଥିଲେ। ନିକଟରେ ଅନୁଷ୍ଠିତ ଜିଏସଟି ପରିଷଦର ୪୭ତମ ବୈଠକରେ ଡାଲି, ଖାଦ୍ୟ ଶସ୍ୟ ଓ ଅଟା ଉପରେ ବିଶେଷ ପରିସ୍ଥିତିରେ ଜିଏସଟି ଲାଗୁ କରିବାକୁ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଏହାକୁ ନେଇ ବିଭିନ୍ନ ପ୍ରକାରର ଭୁଲ ତଥ୍ୟ ପ୍ରଚାର କରାଯାଉଥିଲା। ତେଣୁ ଆଜି ଏହି ତାଲିକାକୁ ଜାରି କରାଯାଉଥିବା ସେ କହିଛନ୍ତି।ପ୍ରଥମ ଥର ପାଇଁ ଖାଦ୍ୟ ସାମଗ୍ରୀ ଉପରେ ଟ୍ୟାକ୍ସ ଲାଗୁ କରାଯାଉଛି ବୋଲି ଦାବିରେ କୌଣସି ସତ୍ୟତା ନଥିବା ଅର୍ଥମନ୍ତ୍ରୀ ସୀତରମଣ ଟ୍ୱିଟ କରି କହିଛନ୍ତି। ସେ କହିଛନ୍ତି, ଜିଏସଟି ଲାଗୁ ହେବା ପୂର୍ବରୁ ମଧ୍ୟ ଅନେକ ରାଜ୍ୟ ଖାଦ୍ୟ ସାମଗ୍ରୀ ଉପରେ ଟିକସ ଲଗାଇ ରାଜସ୍ୱ ସଂଗ୍ରହ କରିଛନ୍ତି। କେବଳ ପଞ୍ଜାବ ଖାଦ୍ୟ ସାମଗ୍ରୀ ଉପରେ ଟିକସ ଲଗାଇ ୨୦୦୦ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିଛି। ଉତ୍ତରପ୍ରଦେଶରେ ମଧ୍ୟ ଖାଦ୍ୟ ସାମଗ୍ରୀ ଉପରେ ଟିକସ ଲାଗୁ କରାଯାଇ ୭୦୦ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରାଯାଇଥିଲା। ୨୦୧୭ ପୂର୍ବରୁ ପଞ୍ଜାବ, ତେଲେଙ୍ଗାନା, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, କେରଳ ଓ ବିହାର ଚାଉଳ ଉପରେ ଭ୍ୟାଟ ଲାଗୁ କରିଛନ୍ତି।

# ସାଇବର ଅପରାଧ; ୧୨୨କୋଟିରୁ ମାତ୍ର ୨କୋଟି ଉଦ୍ଧାର

**ଭୁବନେଶ୍ୱର :** ରାଜ୍ୟରେ ସାଇବର ଅପରାଧ ହାର ବୃଦ୍ଧି ପାଇବାରେ ଲାଗିଥିବାବେଳେ ସାଇବର ସୁରକ୍ଷାକୁ ନେଇ ରାଜ୍ୟ ସରକାର କେବଳ ବାହାସ୍ଫୋଟ ମାରିବାରେ ଲାଗିଛନ୍ତି। ଅତ୍ୟାଧୁନିକ ଯନ୍ତ୍ରାଂଶ, କର୍ମଚାରୀଙ୍କୁ ପ୍ରଶିକ୍ଷଣ ଓ ୧୪ଟି ନୂଆ ଥାନା ଖୋଲି କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ରାଜ୍ୟ ସରକାରଙ୍କ ସାଇବର ଅପରାଧ ୱିଙ୍ଗ ବାସ୍ତବରେ କେବଳ ବାହାସ୍ଫୋଟରେ ରହିଯାଇଛି। ୨୦୧୮ରୁ ୨୦୨୨ ଏପ୍ରିଲ ମାସ ମଧ୍ୟରେ ରାଜ୍ୟରେ ମୋଟ ୧୨୨.୪୮କୋଟି ଟଙ୍କା ସାଇବର ଅପରାଧୀ ଲୁଟି ନେଇଥିବାବେଳେ ସେଥିରୁ ମାତ୍ର ୨.୮୭କୋଟି ଟଙ୍କା ଉଦ୍ଧାର କରିବାରେ ରାଜ୍ୟ ସାଇବର ୱିଙ୍ଗ ସକ୍ଷମ ହୋଇଛି। ଯାହାକି ରାଜ୍ୟରେ ସାଇବର ପୁଲିସ ଓ ବିଶେଷଜ୍ଞଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ବିଧାନସଭାରେ



ଦୁଇଟି ପ୍ରଶ୍ନର ଲିଖିତ ଉତ୍ତରରେ ଦର୍ଶାଇଛନ୍ତି ଯେ, ୨୦୧୮ରୁ ୨୦୨୨ ଏପ୍ରିଲ ୩୦ତାରିଖ ମଧ୍ୟରେ ରାଜ୍ୟରେ ମୋଟ ୧୨୨କୋଟି ୪୮ଲକ୍ଷ ୧୮ହଜାର ୫୨ଟଙ୍କାର ସାଇବର ଠକେଇ ହୋଇଛି। ସେଥିରୁ ୨କୋଟି ୮୭ଲକ୍ଷ ୯୪ହଜାର ୮୯୬ଟଙ୍କା ଉଦ୍ଧାର କରାଯାଇଛି। ଏହି ମାମଲାରେ ୨୪ଜଣ ଆନ୍ତଃରାଜ୍ୟ ଠକଙ୍କୁ ଗିରଫ କରାଯାଇଛି। ଅନ୍ୟ ଏକ ଉତ୍ତରରୁ ଜଣାପଡ଼ିଛି ଯେ, ୨୦୨୦ ମସିହାରୁ ୨୦୨୨ ଏପ୍ରିଲ ମାସ ମଧ୍ୟରେ ରାଜ୍ୟରେ ମୋଟ ୯୭.୩୦କୋଟି ଟଙ୍କାର ସାଇବର ଠକେଇ ହୋଇଥିବାବେଳେ ସେଥିରୁ ୧ ପ୍ରତିଶତ ଟଙ୍କା ବି ଏହି ସାଇବର ଥାନା ଓ ବିଶେଷଜ୍ଞ ୱିଙ୍ଗ ଉଦ୍ଧାର କରିବାରେ ସକ୍ଷମ ହୋଇନାହାନ୍ତି। ଏହି ଅବଧି ମଧ୍ୟରେ ସାଇବର ଠକଙ୍କଠୁ ମାତ୍ର ୮୦.୨୦ଲକ୍ଷ ଟଙ୍କାକୁ ଉଦ୍ଧାର ହୋଇପାରିଛି। ୨୦୨୦ ମସିହାରେ ମୋଟ ୧୯୩୧ଟି ସାଇବର ଅପରାଧ ପଞ୍ଜିକୃତ ହୋଇଥିବାବେଳେ ୩୬୬ଜଣ ଗିରଫ ହୋଇଥିଲେ। ମୋଟ ୩୫.୦୭କୋଟି ଟଙ୍କାର ସାଇବର ଠକେଇ ହୋଇଥିଲା ଓ ଏଥିରୁ ମାତ୍ର ୧୬.୫୯ଲକ୍ଷ ଟଙ୍କା ଉଦ୍ଧାର ହୋଇପାରିଛି। ସେହିପରି ୨୦୨୧ ମସିହାରେ ମୋଟ ୨୦୩୭ଟି ସାଇବର ଅପରାଧ ମାମଲାରେ ୪୨୫ଜଣ ଗିରଫ ହୋଇଛନ୍ତି। ମୋଟ ୪୦.୩୯କୋଟି ଟଙ୍କା ସାଇବର ଠକେଇ ହୋଇଛି ଓ ମାତ୍ର ୨୭.୫୬ଲକ୍ଷ ଟଙ୍କା ଉଦ୍ଧାର ସମ୍ଭବପର ହୋଇଛି। ସେହିପରି ୨୦୨୨ ଏପ୍ରିଲ ୩୦ତାରିଖ ମଧ୍ୟରେ ରାଜ୍ୟରେ ମୋଟ ୫୬୫ଟି ସାଇବର ଅପରାଧ ମାମଲାରେ ୮୩ଜଣଙ୍କୁ ଗିରଫ କରାଯାଇଛି। ମୋଟ ୨୧.୮୪କୋଟି ଟଙ୍କାର ସାଇବର ଠକେଇ ହୋଇଛି ଓ ମାତ୍ର ୧୬.୦୪ଲକ୍ଷ ଟଙ୍କା ଉଦ୍ଧାର ହୋଇପାରିଛି। ଯଦିଓ ମନ୍ତ୍ରୀ ଶ୍ରୀ ବେହେରା ତାଙ୍କ ଉତ୍ତରରେ ସ୍ୱତନ୍ତ୍ର ସାଇବର ସେଲ୍ ଗଠନ କରାଯାଇ ୨୦୧୮-୧୯ରେ ୨୫୦ଜଣ ପୁଲିସ କର୍ମଚାରୀଙ୍କୁ ପ୍ରଶିକ୍ଷଣ, ୨୦୧୯-୨୦ରେ ୧୦୬୩ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା କଥା କହିଛନ୍ତି। ୭କୋଟି ଟଙ୍କାର ଅତ୍ୟାଧୁନିକ ସାଇବର ଫରେନ୍ସିକ ଯନ୍ତ୍ରପାତି କିଣାଯାଇ ନୂଆ ଖୋଲିଥିବା ୧୪ଟି ସାଇବର ଅପରାଧ ଥାନାରେ ଏହାକୁ ଉପଯୋଗ କରାଯାଉଥିବା କହିଛନ୍ତି। ତଥାପି ସାଇବର ଅପରାଧକୁ ମୁକାବିଲା ଦିଗରେ ଓଡ଼ିଶା ପୁଲିସ ଏପର୍ଯ୍ୟନ୍ତ ନିଜକୁ ସକ୍ଷମ କରିପାରିନଥିବା ସ୍ପଷ୍ଟ ହୋଇଛି

# ରାଜ୍ୟର ୧୨.୨୫ଲକ୍ଷ ପରିବାର ପାଖରେ ନାହିଁ ଛାତଘର

**ଭୁବନେଶ୍ୱର :** ରାଜ୍ୟର ଗ୍ରାମାଞ୍ଚଳରେ ସମସ୍ତଙ୍କୁ ନିରାପଦ ବାସସ୍ଥାନ ଯୋଗାଇ ଦେବା ପାଇଁ ୨୦୧୪-୧୫ ଆର୍ଥିକ ବର୍ଷରୁ ଏପର୍ଯ୍ୟନ୍ତ ୩୧ଲକ୍ଷ ୨୮ହଜାର ୭୫୧ ପରିବାରକୁ ପକ୍କାଘର ଯୋଗାଇ ଦିଆଯାଇଛି। ମାତ୍ର ରାଜ୍ୟର ୧୨.୨୫ଲକ୍ଷ ପରିବାର ଏଭଳି ଅଛନ୍ତି ଯେଉଁମାନଙ୍କ ପାଖରେ ପକ୍କାଘର ନାହିଁ । ସେମାନେ ଏସଇସିସି ସର୍ଭେରୁ ବାଦ୍ ପଡ଼ିଛନ୍ତି ଓ କଚ୍ଚାଘରେ ରହୁଥିବା ନେଇ ଚିହ୍ନଟ କରାଯାଇଛି। ସେମାନଙ୍କୁ ପକ୍କାଘର ଯୋଗାଇ ଦେବାକୁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍ ସୂଚନା ଦେଇଛନ୍ତି। ବିଧାନସଭାରେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ଶ୍ରୀ ଅମାତ୍ କହିଛନ୍ତି ଯେ, ପୌରାଞ୍ଚଳରେ ନଗର ଉନ୍ନୟନ ବିଭାଗ ଦ୍ୱାରା ୨୦୧୭-୧୮ ଆର୍ଥିକ ବର୍ଷରୁ ୧ଲକ୍ଷ ୬୧ହଜାର ୭୨୯ଟି ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ(ସହରୀ) ଯୋଜନାରେ ସାମିଲ କରାଯାଇଛି । ଏସଇସିସି-୨୦୧୧ ସର୍ଭେ ଆଧାରରେ ପ୍ରସ୍ତୁତ ପ୍ରଧାନମନ୍ତ୍ରୀ



ଆବାସ(ଗ୍ରାମୀଣ)ର ସ୍ଥାୟୀ ପ୍ରତୀକ୍ଷା ତାଲିକା(ପିଡବ୍ଲ୍ୟୁଏଲ)ରେ ସ୍ଥାନ ପାଇଥିବା ୧୮.୬୫ଲକ୍ଷ ପରିବାର ମଧ୍ୟରୁ ୧୮.୩୯ଲକ୍ଷ ପରିବାରକୁ ଗୃହ ମଞ୍ଜୁର କରାଯାଇ ସାରିଛି। ଅବଶିଷ୍ଟ ୨୬ହଜାର ପରିବାର ଭୂମିହୀନ ହୋଇଥିବାରୁ ସେମାନଙ୍କୁ ଜମି ଯୋଗାଇ ଦେଇ ଗୃହ ମଞ୍ଜୁର କରିବା ନିମନ୍ତେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ୨୦୧୪-୧୫ ଆର୍ଥିକ ବର୍ଷରୁ ଏପର୍ଯ୍ୟନ୍ତ ୧୦ଲକ୍ଷ ୬୫ହଜାର ୩୭୪ଟି ଇନ୍ଦିରା ଆବାସ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏହା ପରିବର୍ତ୍ତେ ୨୦୧୬-୧୭ ଆର୍ଥିକ ବର୍ଷରୁ ପ୍ରଧାନମନ୍ତ୍ରୀ ଆବାସ(ଗ୍ରାମୀଣ) କାର୍ଯ୍ୟକାରୀ ହେଉଛି।

# କ୍ୱାରେଣ୍ଟାଇନ ସେଣ୍ଟରରେ ୭.୬୦ଲକ୍ଷ ପ୍ରବାସୀ ଓଡ଼ିଆଙ୍କୁ ୧୫୨ କୋଟି ସହାୟତା

**ଭୁବନେଶ୍ୱର :** କରୋନା ସଂକ୍ରମଣଜନିତ ଲକଡାଉନ୍ ଯୋଗୁ ୨୦୨୦ ମସିହା ମେ’ରୁ ଅକ୍ଟୋବର ମାସ ମଧ୍ୟରେ ରାଜ୍ୟକୁ ଫେରିଥିବା ୭.୬୦ଲକ୍ଷ ପ୍ରବାସୀ ଓଡ଼ିଆଙ୍କୁ କ୍ୱାରେଣ୍ଟାଇନ ସେଣ୍ଟରରେ ରହିବା ବାବଦରେ ରାଜ୍ୟ ସରକାର ୧୫୨.୧୨କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। କ୍ୱାରେଣ୍ଟାଇନ ସେଣ୍ଟରରେ ରହିବା ପାଇଁ ସରକାର ୨ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଦେବାକୁ ଘୋଷଣା କରିଥିଲେ। ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍ ଆଜି ବିଧାନସଭାରେ ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଘୋଷଣା ଅନୁସାରେ ୨୦୨୦ ମେ’ ୨୦ରୁ ୨୦୨୦ ଅକ୍ଟୋବର ୨୫ତାରିଖ ପର୍ଯ୍ୟନ୍ତ କ୍ୱାରେଣ୍ଟାଇନ ସେଣ୍ଟରରେ ରହିଥିବା ପ୍ରବାସୀ ଓଡ଼ିଆମାନଙ୍କୁ ୨ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି । କେବଳ ନୂଆପଡ଼ା ଜିଲ୍ଲାରେ ଖୁଦପେଜ ମାଣ୍ଡୋସିଲ୍ କ୍ୱାରେଣ୍ଟାଇନ ସେଂଟରରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଥିଲେ ଓ ମାଣ୍ଡୋସିଲ୍ କ୍ୱାରେଣ୍ଟାଇନ ସେଂଟରରେ ଜଣେ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ। ସେହି ସମୟରେ ଉକ୍ତ ଦୁଇଜଣ ବ୍ୟକ୍ତି କରୋନା ଦ୍ୱାରା ଆକ୍ରାନ୍ତ ହୋଇନଥିଲେ। ଉଭୟଙ୍କ



ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ଓ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି। ମନ୍ତ୍ରୀ ଶ୍ରୀ ଅମାତ୍ କହିଛନ୍ତି ଯେ, ଗଞ୍ଜାମ ଜିଲ୍ଲାର ସର୍ବାଧିକ ୨ଲକ୍ଷ ୮ହଜାର ୮୯୧ଜଣ ପ୍ରବାସୀ ଓଡ଼ିଆ ଏହି ଅବଧିରେ ନିଜ ଅଞ୍ଚଳରେ ଥିବା କ୍ୱାରେଣ୍ଟାଇନ ସେଂଟରରେ ରହିଥିଲେ ଓ ସେମାନଙ୍କୁ ୪୧କୋଟି ୭୭ଲକ୍ଷ ୮୨ହଜାର ଟଙ୍କା ସହାୟତା ଦିଆଯାଇଛି। ସେହିପରି ବଲାଙ୍ଗିର ଜିଲ୍ଲାରେ ୮୪୩୯୦ଜଣଙ୍କୁ ୧୬.୮୭କୋଟି ଟଙ୍କା, ବାଲେଶ୍ୱର ଜିଲ୍ଲାର ୪୯୦୩୬ଜଣଙ୍କୁ ୯.୮୦କୋଟି ଟଙ୍କା, ନୂଆପଡ଼ା ଜିଲ୍ଲାର ୫୦୧୪୩ଜଣଙ୍କୁ ୧୦.୦୨ କୋଟି ଟଙ୍କା, ଖୋର୍ଦ୍ଧା ଜିଲ୍ଲାର ୧୩୧୭୬ଜଣଙ୍କୁ ୨.୬୩କୋଟି ଟଙ୍କା, କେନ୍ଦ୍ରାପଡ଼ା ଜିଲ୍ଲାର ୩୪୬୨୦ଜଣଙ୍କୁ ୬.୯୨କୋଟି ଟଙ୍କା ସହାୟତା ଦିଆଯାଇଛି। ସବୁଠୁ କମ୍ ଦେବଗଡ଼ ଜିଲ୍ଲାର ୨୭୫୪ଜଣଙ୍କୁ ୫୫.୦୮ଲକ୍ଷ ଟଙ୍କା, ବୌଦ୍ଧ ଜିଲ୍ଲାର ୩୯୮୯ଜଣଙ୍କୁ ୭୯.୭୮ଲକ୍ଷ ଟଙ୍କା, ସମ୍ବଲପୁର ଜିଲ୍ଲାର ୪୨୩୬ଜଣଙ୍କୁ ୮୪.୭୨ଲକ୍ଷ ଟଙ୍କା ସହାୟତା ଦିଆଯାଇଛି।

## ୧୦ବର୍ଷରେ ମାତ୍ର ତିନି ରାଗିଂ ଘଟଣା: ଉଚ୍ଚଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର :** ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଭିନ୍ନ ସମୟରେ ରାଗିଂ ଅଭିଯୋଗ ହେଉଥିଲେ ସୁଦ୍ଧା ଗତ ୧୦ବର୍ଷ ମଧ୍ୟରେ ମାତ୍ର ୩ଟି ରାଗିଂ ଘଟଣା ପଞ୍ଜିକୃତ ହୋଇଛି । ଏଥିରେ ନିକଟରେ ଆତ୍ମହତ୍ୟା କରିଥିବା ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣା ସାମିଲ ରହିଥିବାବେଳେ ଏହି ମୃତ୍ୟୁ ରାଗିଂଜନିତ କି ନାହିଁ ତାହା ପୁଲିସ ତଦନ୍ତ କରୁଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ କହିଛନ୍ତି। ବିଧାନସଭାରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ପୂଜାରୀ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ କହିଛନ୍ତି ଯେ, ରାଜ୍ୟରେ ବିଗତ ୧୦ବର୍ଷ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗ ଅନ୍ତର୍ଗତ କଲେଜରେ ମାତ୍ର ୩ଟି ଘଟଣା ପଞ୍ଜିକୃତ ହୋଇଛି। ପୁରୀସ୍ଥିତ ଏସସିଏସ୍ ସ୍ୱୟଂଶାସିତ କଲେଜ ଓ କଟକସ୍ଥିତ ଶୈଳବାଳା ସ୍ୱୟଂଶାସିତ କଲେଜରେ ଦୁଇଟି ରାଗିଂ କେସ୍ ପଞ୍ଜିକୃତ ହୋଇଥିଲା । ତେବେ ଏଥିରେ କେହି ଛାତ୍ରୀ ମୃତ୍ୟୁବରଣ କରିନାହାନ୍ତି । କଲେଜ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ଦୁଇ କେସ୍ ସମାଧାନ ହୋଇଥିଲା। ସେହିପରି ବିଜେବି କଲେଜରେ ୨୦୨୨ ଜୁଲାଇ ୨ତାରିଖରେ ଜଣେ ଯୁକ୍ତ ୩ ଶିକ୍ଷାବର୍ଷର ଛାତ୍ରୀଙ୍କ ହଷ୍ଟେଲରେ ମୃତ୍ୟୁ ହୋଇଛି। ତାହା ରାଗିଂ ଯୋଗୁ ଅବା ଅନ୍ୟ କାରଣରୁ ତା’ର ତଦନ୍ତ ପୁଲିସ କରୁଛି। ମାତ୍ର ସେଥିପାଇଁ ଗୋଟିଏ ରାଗିଂ ମାମଲା ପଞ୍ଜିକୃତ ହୋଇଛି । ରାଗିଂ ନିରାକରଣ ପାଇଁ ସରକାର ପ୍ରତି କଲେଜରେ ରାଗିଂ ବିରୁଦ୍ଧ କମିଟି ଗଠନ କରିଛନ୍ତି। ଏହାଦ୍ୱାରା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ତଥା ନାମଲେଖା ସମୟରେ ଉଭୟ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ରାଗିଂ ସମ୍ବନ୍ଧୀୟ ସତ୍ୟପାଠ ଦାଖଲ ନିମନ୍ତେ କୁହାଯାଉଛି।

# ଭୋଟର ତାଲିକାରେ ଏଣିକି ବର୍ଷକୁ ୪ଥର ନାଁ ଯୋଡ଼ି ହେବ

**ଭୁବନେଶ୍ୱର :** ଲୋକପ୍ରତିନିଧି ଅଧିନିୟମ-୧୯୫୦କୁ କେନ୍ଦ୍ର ସରକାର ସଂଶୋଧନ କରିଥିବାରୁ ଏଣିକି ଗୋଟିଏ ବର୍ଷରେ ୪ଥର ଭୋଟର ତାଲିକାରେ ନୂଆ ଭୋଟର ନାଁ ସାମିଲ କରାଯାଇପାରିବ। ପୂର୍ବରୁ ଭୋଟର ତାଲିକାରେ ନାଁ ସାମିଲ ପାଇଁ ପ୍ରତିବର୍ଷ ଜାନୁୟାରୀ ୧ ତାରିଖ ପର୍ଯ୍ୟନ୍ତ ନୂଆ ଭୋଟରଙ୍କୁ ଅପେକ୍ଷା କରିବାକୁ ପଡୁଥିଲା। ରାଜ୍ୟର ସବୁ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଅବଗତ କରାଇଛନ୍ତି। ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏନେଇ ଅନୁଷ୍ଠିତ କର୍ମଶାଳାରେ ସଂଶୋଧିତ ନୂଆ ନିୟମ ଅନୁସାରେ ଭୋଟର ତାଲିକାରେ ସାମିଲ ହେବା ପାଇଁ ୪ଟି ଯୋଗ୍ୟତାସୂଚକ ତାରିଖ ରହିବ। ପୂର୍ବରୁ ଜଣେ ୧୮ବର୍ଷ ବୟସରେ ଉପନୀତ ହେଉଥିବା ନୂଆ ଭୋଟରଙ୍କୁ ଜାନୁୟାରୀ ୧ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଥିଲା। ମାତ୍ର ସଂଶୋଧିତ ନିୟମ ଅନୁସାରେ ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ ତାରିଖ ସୁଦ୍ଧା ଯେଉଁମାନେ ୧୮ବର୍ଷ ବୟସର ହେବେ ସେମାନେ ଭୋଟର ତାଲିକାରେ ସାମିଲ ହେବାକୁ ଯୋଗ୍ୟ ବିବେଚିତ ହେବେ। ଫଳରେ ନୂଆ ତଥା ଯୁବ ଭୋଟରଙ୍କୁ ନିଜ ନାଁ ଭୋଟର ତାଲିକାରେ ସାମିଲ କରିବା ନିମନ୍ତେ ଆଉ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ସେହିପରି ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଭୋଟରମାନଙ୍କ ଆଧାର ନମ୍ବରକୁ ସ୍ୱେଚ୍ଛାକୃତ ଭାବେ ଭୋଟର ତାଲିକାରେ ସଂଯୋଗ କରାଯିବ । ସେହିପରି ଏଣିକି ସଂଶୋଧିତ ନିୟମ ଅନୁସାରେ ଫର୍ମ-୬ରେ ଭୋଟରମାନେ ଭୋଟର ତାଲିକାରେ କେବଳ ନାମ ପଞ୍ଜିକରଣ ପାଇଁ ଆବେଦନ କରିପାରିବେ ଓ ଫର୍ମ-୮କୁ ଗୋଟିଏ ନିର୍ବାଚନମଣ୍ଡଳୀରୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଉପଯୋଗ କରିବେ। ଫର୍ମ-୭ରେ ଭୋଟର ତାଲିକାରୁ ନାମ ବାଦ୍ ଦିଆଯାଇପାରିବ।

**ଭୁବନେଶ୍ୱରରୁ ପାଇଲଟ୍ ପ୍ରକଳ୍ପ**

# ଏଟିଏମ୍‌ରେ ମିଳିବ ରାସନ ଚାଉଳ

**ଭୁବନେଶ୍ୱର :** ରାଜ୍ୟରେ ଏଣିକି ଏଟିଏମରେ ୨୪ଘଣ୍ଟିଆ ରାସନ୍ ଚାଉଳ ମିଳିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଅଲ ଟାଇମ୍ ଗ୍ରେନ (ଏଟିଜି) ବ୍ୟବସ୍ଥା କରାଯାଉଛି। ପାଇଲଟ୍ ପ୍ରକଳ୍ପ ଭାବେ ଭୁବନେଶ୍ୱରରେ ଏହା ଆରମ୍ଭ ହେବ ଓ ପରବର୍ତ୍ତୀ ସମୟରେ ରାଜ୍ୟର ସମସ୍ତ ଜିଲ୍ଲା ଓ ସଦର ମହକୁମାରେ ଏହି ଏଟିଏମ୍ ଖୋଲିବ ବୋଲି ରାଜ୍ୟ ଖାଦ୍ୟଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ବିଧାନସଭାରେ ଖାଦ୍ୟଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ବିଭାଗର ୧୨୦୫ କୋଟି ୨୯ଲକ୍ଷ ୪୯ହଜାର ଟଙ୍କାର ଖର୍ଚ୍ଚଦାବିର ଆଲୋଚନାର ଉତ୍ତର ରଖି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ଯେ, ଖାଦ୍ୟ ସୁରକ୍ଷା ଯୋଜନାରେ ଓଡ଼ିଶା ଏକ ମଡେଲ ରାଜ୍ୟ ହୋଇଛି। ନିୟମିତ ଭାବେ ସାଧାରଣ ବଂଟନ ବ୍ୟବସ୍ଥାକୁ ଅଧିକ ସରଳୀକରଣ କରାଯାଉଛି । ୱାନ୍ ନେସନ ୱାନ ରାସନ୍ କାର୍ଡ ବ୍ୟବସ୍ଥା ଓଡ଼ିଶାରେ ୨୦୨୧ ଜୁଲାଇରୁ ଲାଗୁ ହୋଇଛି।



ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହିତାଧିକାରୀମାନେ ଏଥିରୁ ଉପକୃତ ହୋଇପାରୁଛନ୍ତି। ଖାଦ୍ୟଶସ୍ୟ ରହୁଥିବା ଗୋଦାମ ଗୃହକୁ ଅଟୋମେସନ କରିବା ସହିତ ଏହା କିପରି ଗୁଣାତ୍ମକ ଯୁକ୍ତ ଶସ୍ୟ ପହଂଚିବ ସେ ନେଇ ସରକାର ବ୍ୟବସ୍ଥା କରୁଛନ୍ତି। ଆଜିର ଆଲୋଚନାବେଳେ ୧୯୪୧.୧୪କୋଟି ଟଙ୍କାର ସମବାୟ ବିଭାଗର ଖର୍ଚ୍ଚଦାବି ମଧ୍ୟ ଗୃହୀତ ହୋଇଛି। ବିରୋଧୀ ଦଳ ସଦସ୍ୟଙ୍କ ହଟ୍ଟଗୋଳ ଓ କକ୍ଷତ୍ୟାଗ ମଧ୍ୟରେ ଏହି ଦୁଇ ବିଭାଗର ଖର୍ଚ୍ଚଦାବି ଗୃହୀତ ହୋଇଛି।

# ଦୁର୍ନୀତିଗ୍ରସ୍ତ ୨୫୫ଜଣ କର୍ମଚାରୀଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଶୂନ

**ଭୁବନେଶ୍ୱର :** ଦୁର୍ନୀତିରେ ସମ୍ପୃକ୍ତି ଅଭିଯୋଗ ଥିବା ୨୫୫ଜଣ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଶୂନ। ତେବେ ଦୁର୍ନୀତି ନିବାରଣ ଆଇନ ଅନୁସାରେ ଏହି କର୍ମଚାରୀମାନଙ୍କ ବିରୁଦ୍ଧରେ ଭିଜିଲାନ୍ସ ପକ୍ଷରୁ ମକଦ୍ଦମା ରୁଜୁ ହୋଇଛି। ସେମାନଙ୍କ ବିଭାଗକୁ ଆବଶ୍ୟକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯାଇଛି। ତା’ ସତ୍ତ୍ୱେ ବିଭାଗଗୁଡ଼ିକ ନିଜର ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଉନଥିବା ଜଣାପଡ଼ିଛି। ଯାହା ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଶାସନର ଅସଲ ଚିତ୍ର ପଦାରେ ପକାଇଛି। ଦୁର୍ନୀତିକୁ ନେଇ ‘ଜିରୋ ଟଲେରାନ୍ସ’ କଥା କହୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଦୁର୍ନୀତିରେ ସମ୍ପୃକ୍ତି ଅଭିଯୋଗ ଥିବା ୨୫୫ଜଣ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା କହିଥିଲେ। ଯାହା ପରେ ବୁଦ୍ଧିଜୀବୀ ମହଲରେ ଏହି ଆଲୋଚନା ମୁଣ୍ଡ ଟେକିଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଭିଜିଲାନ୍ସ ମକଦ୍ଦମାରେ ସମ୍ପୃକ୍ତ ଥିବା କର୍ମଚାରୀଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଭିଜିଲାନ୍ସ ବିଭାଗ ପକ୍ଷରୁ ସମ୍ପୃକ୍ତ କର୍ମଚାରୀଙ୍କ ଅଫିସକୁ ସୁପାରିଶ କରାଯାଇଥାଏ। ଉକ୍ତ ସୁପାରିଶ ଆଧାରରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଭିଜିଲାନ୍ସ ବିଭାଗକୁ ଅବଗତ କରାଯାଇଥାଏ। ତେବେ ୨୦୧୯ରୁ ୨୦୨୨ ମସିହା ମଧ୍ୟରେ ଭିଜିଲାନ୍ସ ବିଭାଗ ଦ୍ୱାରା ୪୬୬ଜଣ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନଙ୍କ ବିଭାଗ ଓ ଅଫିସକୁ ସୁପାରିଶ କରାଯାଇଛି। ସେଥିରୁ ମାତ୍ର ୨୧୧ଜଣ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅବଶିଷ୍ଟ ୨୫୫ଜଣଙ୍କ ବାବଦରେ ସେମାନଙ୍କ ବିଭାଗ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ସେ ବାବଦରେ ସୂଚନା ସଂଗ୍ରହ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତେବେ ପ୍ରଶ୍ନ ଉଠୁଛି, ଭିଜିଲାନ୍ସ ପକ୍ଷରୁ କର୍ମଚାରୀ ବା ଅଫିସରଙ୍କ ବିରୁଦ୍ଧରେ ଦୁର୍ନୀତି ନିବାରଣ ଆଇନରେ ମାମଲା ରୁଜୁ କରାଯାଉଥିବାବେଳେ ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତଙ୍କୁ କିଏ କାହିଁକି ସୁରକ୍ଷା ଦେଉଛି ? କାହିଁକି ସେମାନଙ୍କ ବିଭାଗ ଦ୍ୱାରା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି ? ଦୁର୍ନୀତିର ପ୍ରମାଣ ପାଇବା ପରେ ଯଦି ଭିଜିଲାନ୍ସ ଚଢ଼ଉ କରୁଛି ଅବା ମାମଲା ରୁଜୁ କରୁଛି ତା’ହେଲେ ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତ କର୍ମଚାରୀ କାର୍ଯ୍ୟ କରୁଥିବା ବିଭାଗ କାହିଁକି ସେଭଳି କର୍ମଚାରୀଙ୍କୁ ଘଂଟ ଘୋଡ଼ାଇ ରଖିଛି ? ସମ୍ପୃକ୍ତ ବିଭାଗର ମୁଖ୍ୟଙ୍କ ବିରୁଦ୍ଧରେ ଏନେଇ କାର୍ଯ୍ୟାନୁଷ୍ଠାନ ନେବାରେ ସରକାରରେ କ’ଣ ସମସ୍ୟା ରହିଛି ତାକୁ ନେଇ ଚର୍ଚ୍ଚା ଜୋର ଧରିଛି।

# ଦାଦନ ରୋକିବ ‘ମନରେଗା ରାଜ୍ୟ ସହାୟତା’

**ଭୁବନେଶ୍ୱର :** ରାଜ୍ୟର ୪ଟି ଜିଲ୍ଲା ବଲାଙ୍ଗିର, ବରଗଡ଼, କଳାହାଣ୍ଡି ଓ ନୂଆପଡ଼ାର ୨୦ଟି ଦାଦନ ପ୍ରବଣ ବ୍ଲକଗୁଡ଼ିକରେ ଦାଦନ ସମସ୍ୟା ରୋକିବା ପାଇଁ ରାଜ୍ୟ ସରକାର ଏକ ନୂଆ ଯୋଜନା ‘ମନରେଗା ରାଜ୍ୟ ସହାୟତା’ କାର୍ଯ୍ୟକାରୀ କରିବେ। ରାଜ୍ୟ କ୍ୟାବିନେଟ୍ ଏହାକୁ ଅନୁମୋଦନ କରିଛନ୍ତି। ଏହି ଯୋଜନାରେ ୨୦ଟି ଦାଦନପ୍ରବଣ ବ୍ଲକରେ ମନରେଗା ଅଧୀନରେ ଥିବା କାର୍ଯ୍ୟ ଆଶୟୀଙ୍କୁ ରାଜ୍ୟରେ ଅଣକୁଶଳୀ ଶ୍ରମିକଙ୍କ ପାଇଁ ଦୈନିକ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ହାର ସହିତ ସମାନ କରି ମନରେଗା ଅଧୀନରେ ପ୍ରଦାନ କରାଯାଉଥିବା ବିଜ୍ଞାପିତ ମଜୁରୀ ହାର ଉପରେ ଅତିରିକ୍ତ ମଜୁରୀ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହି ୪ଟି ଜିଲ୍ଲାର ୨୦ଟି ଦାଦନପ୍ରବଣ ବ୍ଲକଗୁଡ଼ିକରେ ମନରେଗାରେ ସୁନିଶ୍ଚିତ କରାଯାଇଥିବା ସର୍ବନିମ୍ନ ୧୦୦ଦିନର କାର୍ଯ୍ୟ ବାଦ୍ ଆଉ ୨୦୦ଦିନ କାର୍ଯ୍ୟ ଯୋଗାଇ ଦିଆଯିବ। ଏହି ଅତିରିକ୍ତ ୨୦୦ଦିନର ମଜୁରୀ ବାବଦରେ ପ୍ରତ୍ୟେକ ବ୍ୟକ୍ତି ପିଛା ଦୈନିକ ହିସାବରେ ହେଉଥିବା ମଜୁରୀ ବାବଦ ସମ୍ପୂର୍ଣ୍ଣ ଖର୍ଚ୍ଚ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଅଣକୁଶଳୀ ମଜୁରୀ ହାରରେ ନୂତନ ରାଜ୍ୟ କ୍ଷେତ୍ର ଯୋଜନାରେ ଅଧୀନରେ ବହନ କରାଯିବ। ‘ଜଳ ଜୀବନ ମିଶନ ଯୋଜନା’ରେ ରାଜ୍ୟର ୪ଟି ଜିଲ୍ଲା କୋରାପୁଟ, ରାୟଗଡ଼ା, ଅନୁଗୁଳ ଓ ଜଗତସିଂହପୁରରେ ୧୧୬୩.୪୩ କୋଟି ଟଙ୍କାର ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ୍ ଆଜି ଅନୁମୋଦନ କରିଛନ୍ତି। କୋରାପୁଟ ଜିଲ୍ଲାରେ ଏଥିପାଇଁ ୨୬୧.୯୭ କୋଟି ଟଙ୍କାର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଟେଣ୍ଡରକୁ ହାଇଦ୍ରାବାଦର ଏନସିସି ଲିମିଟେଡ୍ ସଂସ୍ଥାକୁ ପ୍ରଦାନ ନିମନ୍ତେ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଜୟପୁର ଓ କୁନ୍ଦ୍ରା ବ୍ଲକର ୩୧ଟି ପଞ୍ଚାୟତର ୧୬୭ଟି ଗାଁର ୧ଲକ୍ଷ



୬୧ହଜାର ୯୦୬ଜଣ ଲୋକ ଉପକୃତ ହେବେ। ରାୟଗଡ଼ା ଜିଲ୍ଲାର ରମନାଗୁଡ଼ା ଓ କୋଲନରା ବ୍ଲକର ୧୫ଟି ପଞ୍ଚାୟତର ୧୨୯ଟି ଗାଁର ୩୫୪୦୪ଜଣ ଲୋକଙ୍କୁ ପାନୀୟ ଜଳ ସୁବିଧା ଦେବା ପାଇଁ ୧୧୪.୬୮କୋଟି ଟଙ୍କାର ପ୍ରକଳ୍ପ ଟେଣ୍ଡରକୁ ହାଇଦ୍ରାବାଦର ଷ୍ଟାଣ୍ଡାର୍ଡ ଇନଫ୍ରାଟେକ୍ ଲିଃକୁ ପ୍ରଦାନ ନିମନ୍ତେ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଅନୁଗୋଳ ଜିଲ୍ଲାର କିଶୋରନଗର ଓ ଆଠମଲ୍ଲିକ ବ୍ଲକର ୪୭ଟି ପଂଚାୟତର ୫୫୫ଟି ଗାଁର ୨ଲକ୍ଷ ୧୯ହଜାର ୩୦୯ଜଣ ଲୋକଙ୍କୁ ପାନୀୟ ଜଳ ସୁବିଧା ଦେବା ପାଇଁ ୩୬୫.୬୮କୋଟି ଟଙ୍କାର ପ୍ରକଳ୍ପ ଟେଣ୍ଡରକୁ ହାଇଦ୍ରାବାଦସ୍ଥିତ ଏନସିସି ଲିମିଟେଡକୁ ପ୍ରଦାନ ନିମନ୍ତେ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଜଗତସିଂହପୁର ଜିଲ୍ଲାର ୪ଟି ବ୍ଲକ ରଘୁନାଥପୁର, ତିର୍ତ୍ତୋଲ, କୁଜଙ୍ଗ ଓ ଏରସମାର ମୋଟ ୮୫ଟି ପଂଚାୟତର ୫୪୪ଟି ଗାଁର ୪ଲକ୍ଷ ୩୨ହଜାର ୯୧୬ଜଣ ଲୋକଙ୍କୁ ପାନୀୟ ଜଳ ସୁବିଧା ଦେବା ପାଇଁ ୪୩୧.୧୦କୋଟି ଟଙ୍କାର ପ୍ରକଳ୍ପ ଟେଣ୍ଡରକୁ ଚେନ୍ନାଇସ୍ଥିତ ଏଲଆଣ୍ଡଟି କମ୍ପାନୀକୁ ପ୍ରଦାନ ନିମନ୍ତେ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ବିନା ବିସ୍ଥାପନରେ ଋଷିକୁଲ୍ୟା ନଦୀରେ ଗଞ୍ଜାମ ଜିଲ୍ଲାର ବରଦା ଗାଁ ନିକଟରେ ଏକ ଆନିକଟ ସେତୁ ନିର୍ମାଣ କରିବାର ପ୍ରସ୍ତାବ ରହିଛି । ଏହି ପ୍ରକଳ୍ପର ନିର୍ମାଣ ଓ ପରବର୍ତ୍ତୀ ୫ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ମୋଟ ୧୫୨.୧୦କୋଟି ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ୍ ଆଜି ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ୩୬ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ରହିଛି। ଉକ୍ତ ପ୍ରକଳ୍ପଟି ଗଞ୍ଜାମ ଜିଲ୍ଲାର ଛତ୍ରପୁର, ଗଞ୍ଜାମ ବ୍ଲକ ଓ ଛତ୍ରପୁର ଏନଏସି, ଗଞ୍ଜାମ ଏନଏସି ଓ ବ୍ରହ୍ମପୁର ସହରର ୧୬ଟି ଗାଁର ଲୋକଙ୍କ ପାନୀୟଜଳ ଓ ଘରୋଇ ବ୍ୟବହାର ପାଇଁ ପର୍ଯ୍ୟାପ୍ତ ଜଳ ଉପଲବ୍ଧ କରାଇବ। ଏହାସହିତ ଉକ୍ତ ଜଳାଶୟଟି ସ୍ଥାନୀୟ ଲୋକଙ୍କ ଚାଷ କାର୍ଯ୍ୟ, ଶିଳ୍ପ, ସାମାଜିକ, ଆର୍ଥିକ ଉନ୍ନତିରେ ସହାୟକ ହେବା ସହ ୧୬୪ହେକ୍ଟର ପରିମିତ ଅଂଚଳରେ ମାଛ ଚାଷ ନିମନ୍ତେ ସହାୟକ ହୋଇପାରିବ। ସେହିପରି ଜିଏସଟି ପରିଷଦର ସୁପାରିଶ ଆଧାରରେ ରାଜ୍ୟ ସରକାର ଓଡ଼ିଶା ଦ୍ରବ୍ୟ ଓ ସେବାକର ଅଧିନିୟମ-୨୦୧୭କୁ ସଂଶୋଧନ ପାଇଁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ କ୍ୟାବିନେଟ୍ ଏହି ପ୍ରସ୍ତାବିତ ସଂଶୋଧନକୁ ମଞ୍ଜୁରୀ ଦେଇଛନ୍ତି।

ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୫ - ୩୧ ଜୁଲାଇ, ୨୦୨୨



# ଓଡ଼ିଆ ଝିଅ ଦେଶର ପ୍ରଥମ ନାଗରିକ

ସମ୍ବାଦକୀର୍ତ୍ତି
ତାରକ ମହାନ୍ତି



ଦେଶର ପଞ୍ଚଦଶ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ।ଭାରତର ଗଣତାନ୍ତ୍ରିକ ଇତିହାସରେ ପ୍ରଥମ ଥର ଜଣେ ଆଦିବାସୀ ମହିଳା ରାଷ୍ଟ୍ରପତି ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଏନଡିଏ ପ୍ରାର୍ଥୀ ଦ୍ରୌପଦୀ ମିଳିତ ବିରୋଧୀ ଦଳ ପ୍ରାର୍ଥୀ ଯଶୋବନ୍ତ ସିହ୍ନାଙ୍କୁ ବିପୁଳ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି । ଓଡିଶା ପାଇଁ ଗତ ଗୁରୁବାର ଗୌରବର ଦିନ ଥିଲା । ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ସାରା ରାଜ୍ୟ ଉତ୍ସବମୁଖର ହୋଇପଡିଛି । ଦ୍ରୌପଦୀଙ୍କ ଜନ୍ମମାଟି ରାଇରଙ୍ଗପୁରରୁ ରାଜଧାନୀ ଯାଏ ସବୁଠି ଉତ୍ସବର ପରିବେଶ ।ନିଜ ମାଟିର ଜଣେ କନ୍ୟା ଦେଶର ସର୍ବୋଚ୍ଚ ପଦବିରେ ବସିବାକୁ ଯାଉଥିବାରୁ ସମସ୍ତେ ଖୁସି ମନାଇଛନ୍ତି । ଦଳ ମତ ନିର୍ବିଶେଷରେ ସମସ୍ତେଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଯେବେଠାରୁ ଦ୍ରୌପଦୀଙ୍କୁ ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଘୋଷଣା କରିଥିଲା, ସେବେଠାରୁ ଶ୍ରୀମତୀ ମୁର୍ମୁ ଜିତିବେ ବୋଲି ଏକପ୍ରକାର ସ୍ପଷ୍ଟ ଥିଲା । ସେହିଦିନ ଠାରୁ ଓଡିଶା ଜାତୀୟ ସ୍ତରରେ ଚର୍ଚ୍ଚାର କେନ୍ଦ୍ରରେ ଥିଲା । ରାଜନୀତିରେ ଅନେକ ଅଭିଜ୍ଞତା ରଖିଥିବା ଶ୍ରୀମତୀ ମୁର୍ମୁଙ୍କୁ ୨୦୧୫,ମେ ୧୮ରେ ଝାଡ଼ଖଣ୍ଡ ରାଜ୍ୟପାଳ ଭାବେ ନିଯୁକ୍ତି କରାଯାଇଥିଲା । ୨୦୨୧ ମସିହା ଜୁଲାଇ ୬ ପର୍ଯ୍ୟନ୍ତ ସେ ରାଜ୍ୟପାଳ ଭାବେ ଦାୟିତ୍ୱ ତୁଲାଇଥିଲେ । କାର୍ଯ୍ୟକାଳ ସରିବା ପରେ ଶ୍ରୀମତୀ ମୁର୍ମୁ ୨୦୨୧ ଜୁଲାଇ ୧୨ରେ ନିଜ ଘର ରାଇରଙ୍ଗପୁର ମହୁଲଡିଆକୁ ଫେରିଥିଲେ । ଦ୍ରୌପଦୀଙ୍କ ଜୀବନ ଅତ୍ୟନ୍ତ ଦୁଃଖଭରା । ଦ୍ରୌପଦୀ ନିଜର ଦୁଃଖ କଥା କେବେ କାହା ଆଗରେ ପ୍ରକାଶ କରିବାକୁ ଇଚ୍ଛା କରନ୍ତିନାହିଁ । ଦ୍ରୌପଦୀ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ମୁର୍ମୁ ଜଣେ ଅତ୍ୟନ୍ତ ସଫଳ ରାଷ୍ଟ୍ରପତି ସାବ୍ୟସ୍ତ ହେବେ ଏବଂ ତାଙ୍କ ନେତୃତ୍ୱରେ ଭାରତର ବିକାଶ ଯାତ୍ରା ଅଧିକ ସୁଦୃଢ ହେବ । ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ଦେଶର ୧୫ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ପଟ୍ଟନାୟକ ଟୁଇଟ କରି କହିଛନ୍ତି ଯେ, ଦେଶର ସର୍ବୋଚ୍ଚ କାର୍ଯ୍ୟାଳୟକୁ ଶ୍ରୀମତୀ ମୁର୍ମୁ ନିର୍ବାଚିତ ହୋଇଥିବାରୁ ପ୍ରତି ଓଡ଼ିଆଙ୍କ ପାଇଁ ଏହା ଏକ ଗୌରବର ମୁହୂର୍ତ୍ତ । ଦେଶର ପ୍ରଥମ ନାଗରିକ ହେବା ପାଇଁ ତାଙ୍କର ଯାତ୍ରା ପ୍ରକୃତରେ ପ୍ରେରଣାଦାୟକ ଏବଂ ଏହି ଯାତ୍ରା ମହିଳା ସଶକ୍ତିକରଣର ଏକ ଉଜ୍ଜ୍ୱଳ ଉଦାହରଣ । ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀମତୀ ମୁର୍ମୁଙ୍କୁ ନୂଆଦିଲ୍ଲୀ ଠାରେ ଭେଟି ଅଭିନନ୍ଦନ ଜଣାଇଛନ୍ତି । ଏଥିସହ ଟୁଇଟ କରି କହିଛନ୍ତି, ଜନଜାତି ଜନନେତ୍ରୀ ଦ୍ରୌପଦୀ ମୁର୍ମୁ ଦେଶର ଆଶା, ପ୍ରତିବଦ୍ଧତା ଏବଂ ଏକ ସଶକ୍ତ ଭାରତ ଓ ସୁଦୃଢ଼ ଗଣତନ୍ତ୍ରରୁ ପ୍ରତିନିଧିତ୍ୱ କରୁଛନ୍ତି । ତାଙ୍କର ବିଜୟ ପ୍ରତ୍ୟେକ ଭାରତୀୟ ବିଶେଷ ଭାବରେ ଜନଜାତି ସମୁଦାୟ ଏବଂ ଦେଶର ସାଧାରଣ ନାଗରିକଙ୍କ ବିଜୟ । ତାଙ୍କର ବିଜୟ ମହିଳା ସଶକ୍ତିକରଣ, ସାମାଜିକ ନ୍ୟାୟ, ମହିଳା ନେତୃତ୍ୱ, ବହୁସଂଖ୍ୟକ ଏବଂ ସର୍ବଦର୍ଶୀ ସମାଜର ପ୍ରତୀକ, ଯାହା ନୂଆ ଭାରତର ପ୍ରତିବଦ୍ଧତାକୁ ଦର୍ଶାଉଛି । ଏବେ ଆସନ୍ତୁ ଜାଣିବା ଶ୍ରୀମତୀ ମୁର୍ମୁ କିଭଳି ରାଇରଙ୍ଗପୁରରୁ ଦେଶର ରାଷ୍ଟ୍ରପତିଙ୍କ ଭବନ ରାଇସିନା ପହଁଚିଲେ । ମୟୁରଭଞ୍ଜ ଜିଲ୍ଲା ବାମନଘଘାଟୀ ଉପଖଣ୍ଡ କୁସୁମୀ ବ୍ଲକ ଉପରବେଡା ଗ୍ରାମର ବିରଞ୍ଚି ନାରାୟଣ ମୁର୍ମୁ ଓ ମାତା ସିନଗୋ ମୁର୍ମୁଙ୍କ ଔରସରୁ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଜନ୍ମ ତାରିଖ ହେଉଛି ୨୦ ଜୁନ ୧୯୫୮ ମସିହା । ଶ୍ରୀମତୀ ମୁର୍ମୁ ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ ଏବଂ ପରେ ଭୁବନେଶ୍ୱରରେ ରହି ୧୯୭୪ ମସିହାରେ ମାଟ୍ରିକ ପାସ କରିଥିଲେ । ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ହେଉଛନ୍ତି ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି ।ସେ ୬୪% ଭୋଟ ପାଇ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି । ମାଟ୍ରିକ ପାସ ପରେ ଶ୍ରୀମତୀ ମୁର୍ମୁ ରମାଦେବୀ ମହିଳା ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ସ୍ନାତକ ଡିଗ୍ରୀ ହାସଲ ପରେ ଶ୍ରୀମତୀ ମୁର୍ମୁ ୧୯୭୯ରୁ ୧୯୮୩ ମସିହା ପର୍ଯ୍ୟନ୍ତ ସଚିବାଳୟରେ ଜଳସେଚନ ଓ ଶକ୍ତି ବିଭାଗର କିରାଣୀ ଭାବେ କାର୍ଯ୍ୟ କରିଥିଲେ । ଏହାପରେ ରାଇରଙ୍ଗପୁରରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୧୯୯୪ରୁ ୧୯୯୭ ପର୍ଯ୍ୟନ୍ତ ଶିକ୍ଷାଦାନ ମଧ୍ୟ କରିଥିଲେ । ପରେ ଶିକ୍ଷକତା ଛାଡି ଭାରତୀୟ ଜନତା ପାର୍ଟି (ବିଜେପି)ରେ ସାମିଲ ହୋଇ ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ୧୯୯୭ ମସିହାରେ ସେ ରାଇରଙ୍ଗପୁର ଏନଏସିର ୨ନମ୍ବର ୱାର୍ଡରୁ କାଉନସିଲର ଭାବେ ନିର୍ବାଚନ ଜିତି ଉପାଧ୍ୟକ୍ଷା ହୋଇଥିଲେ । ଏହାପରେ ୨୦୦୦ ମସିହାରେ ବିଜେପି ଟିକଟରେ ରାଇରଙ୍ଗପୁର ବିଧାନସଭା ଆସନରୁ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ । ସେତେବେଳେ ରାଜ୍ୟରେ ବିଜେଡି-ବିଜେପି ମେଣ୍ଟ ସରକାର ଥିଲା । ଉକ୍ତ ମେଣ୍ଟ ସରକାରରେ ଶ୍ରୀମତୀ ମୁର୍ମୁ ବାଣିଜ୍ୟ, ପରିବହନ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ମନ୍ତ୍ରୀ ହୋଇଥିଲେ । ୨୦୦୪ ନିର୍ବାଚନରେ ଦ୍ୱିତୀୟଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଶ୍ରୀମତୀ ମୁର୍ମୁ । ୨୦୧୫ ମସିହାରେ ଝାଡ଼ଖଣ୍ଡର ରାଜ୍ୟପାଳ ଭାବେ ସେ ନିଯୁକ୍ତ ହୋଇ ୧୨ ଜୁଲାଇ ୨୦୨୧ ମସିହା ପର୍ଯ୍ୟନ୍ତ ଏହି ପଦରେ ରହିଥିଲେ । ଏନଡିଏ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା କରିବା ଦିନ ହିଁ ତାଙ୍କ ବିଜୟ ସ୍ପଷ୍ଟ ଜଣାପଡିଥିଲା । ଆଦିବାସୀ ନେତ୍ରୀ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ କେବଳ ଶାସକ ଦଳ ଏବଂ ସହଯୋଗୀଙ୍କ ଠାରୁ ଭୋଟ ମିଳିନି ବରଂ ଅଣ ଏନଡିଏ ଦଳ ଠାରୁ ମଧ୍ୟ ଶ୍ରୀମତୀ ମୁର୍ମୁଙ୍କୁ ବିପୁଳ ସମର୍ଥନ ମିଳିଛି । ଆସାମ, ଝାଡଖଣ୍ଡ ଏବଂ ମଧ୍ୟପ୍ରଦେଶରେ ଅନେକ ବିରୋଧୀ ବିଧାୟକ ମଧ୍ୟ ଶ୍ରୀମତୀ ମୁର୍ମୁଙ୍କୁ ଭୋଟ ଦେଇଛନ୍ତି । ବର୍ତ୍ତମାନ ସାରା ଦେଶରୁ ନବ ନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅଭିନନ୍ଦନର ସୁଅ ଛୁଟିଛି । ଦିଲ୍ଲୀସ୍ଥିତ ଅସ୍ଥାୟୀ ବାସଭବନରେ ଓଡ଼ିଶାର ପଦ୍ମ ପୁରସ୍କାରରେ ସମ୍ମାନିତ ବ୍ୟକ୍ତିବିଶେଷ ଶ୍ରୀମତୀ ମୁର୍ମୁଙ୍କୁ ସାକ୍ଷାତ କରିଥିଲେ । ବିଶିଷ୍ଟ ସାହିତ୍ୟିକା ପ୍ରତିଭା ରାୟ,ଲେଖିକା ଦମୟନ୍ତୀ ବେଶ୍ରା, ଲୋକକବି ହଳଧର ନାଗ, ଜୈବିକ କୃଷିରେ ସଫଳତା ଲାଭ କରିଥିବା ସମାଜସେବୀ ଦୈତାରୀ ନାୟକ ଶ୍ରୀମତୀ ମୁର୍ମୁଙ୍କୁ ସାକ୍ଷାତ କରି ଅଭିନନ୍ଦନ ଜଣାଇଥିଲେ । ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ନିର୍ବାଚିତ ହେବାପରେ ବ୍ରହ୍ମାକୁମାରୀ ସଂସ୍ଥାର ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ଦାଦି ରତନ ମୋହିନୀ ଶୁଭେଚ୍ଛା ଜଣାଇଛନ୍ତି । ଦ୍ରୌପଦୀ ୨୦୦୯ ମସିହାରୁ ବ୍ରହ୍ମାକୁମାରୀ ସଂସ୍ଥା ସହ ଜଡିତ ଅଛନ୍ତି । ଦ୍ରୌପଦୀଙ୍କ ପ୍ରଥମ ପୁଅର ମୃତ୍ୟୁ ପରେ ସେ ଏକପ୍ରକାର ମାନସିକ ଅବସାଦ ଭିତରେ ଥିଲେ । ସେତେବେଳେ ସେ ବ୍ରହ୍ମାକୁମାରୀ ସଂସ୍ଥା ସଂସ୍ପର୍ଶରେ ଆସିଥିଲେ । ସେବେଠୁ ଆଜିଯାଏ ସେ ଏହି ସଂସ୍ଥାରେ ରାଜଯୋଗ ଅଭ୍ୟାସ କରି ଆସୁଛନ୍ତି । ଝାଡ଼ଖଣ୍ଡର ରାଜ୍ୟପାଳ ଥିଲାବେଳେ ଦ୍ରୌପଦୀ ମାଉଣ୍ଟଆବୁ ଯାଇଥିଲେ । ତେଣୁ ଦ୍ରୌପଦୀଙ୍କ ଭଳି ଜଣେ ଓଡ଼ିଆ ଝିଅଙ୍କ ସଫଳ ଯାତ୍ରା ସମସ୍ତଙ୍କ ପାଇଁ ଆଦର୍ଶ ଓ ଅନୁକରଣୀୟ । ଆମ ପାଇଁ ସେ ଆଲୋକବର୍ତ୍ତିକା । ଅଭିନନ୍ଦନ ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଆମେ ସବୁ ଏଠି ବଞ୍ଚିବା କେମିତି



ପ୍ରଦୀପ୍ତ ଆଚାର୍ଯ୍ୟ

ସକାଳୁ ଖବର କାଗଜ ଖୋଲିଲା ବେଳକୁ ଖାଲି ନକଲି କାରଖାନା ଉପରେ ଚଢାଉର ସମ୍ବାଦ । ପଡୋଶୀ ସମୀର ବାବୁ ଆସି, ଆମ ଘରେ ପହଂଚିଲେ । ଚାହାପିଆ ପର୍ବ ପରେ, କିଛି ସମୟ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ଫେରନ୍ତି । ଆଜି କିନ୍ତୁ ଚାହା ବରାଦ କରିବା ବେଳକୁ, ସେ ବାରଣ କଲେ, କହିଲେ, ଭାଇ ମୁଁ ଚାହା ପିଇବା ଛାଡି ଦେଇଛି । ଚାହା ପ୍ରତି ବୈରାଗ୍ୟର କାରଣ ଜିଜ୍ଞାସା କରିବାରୁ, କହିଲେ, ନକଲି ଚାହା ପିଇ ରୋଗ କିଣିବା ଅପେକ୍ଷା, ଆଦୌ ଚାହା ନପିଇବା ବରଂ ଭଲ ବୋଲି ଚିନ୍ତା କରି, ଛାଡି ଦେଇଛି । ତାଙ୍କ କଥା ଶୁଣି, ମୋତେ ହସ ଲାଗିଲା । ମୁଁ ପଚାରିଲି ଆଜ୍ଞା, ଆପଣ କଣ କଣ ଛାଡିପାରିବେ ? ଅସୁସ୍ଥ ହେଲେ ଔଷଧ ଖାଇବା ଛାଡି ପାରିବେକି ? ନକଲି ଔଷଧ ବେପାର କଥା ଜାଣିଛନ୍ତିତ ? ଆଜିକାଲିତ ସବୁ ଭେଜାଲ । ସମ୍ବାଦ ପତ୍ରରେ, ପ୍ରତ୍ୟେକ ଦିନ, ନକଲି ଘିଅ, ନକଲି ତେଲ, ନକଲି ଜର୍ଦ୍ଦା, ନକଲି ମସଲା, ନକଲି ଟମାଟୋ ସସ୍ କାରଖାନା ଠାବ ହେବାର ସମ୍ବାଦ, କଣ ଆପଣଙ୍କ ଦୃଷ୍ଟିଗୋଚର ହେଉନାହିଁ ? ବର୍ତ୍ତମାନର ଚମକପ୍ରଦ ଖବର ହେଉଛି ନକଲି ପନିର୍ । କ୍ଷୀରର ସାମାନ୍ୟତମ ଅଂଶ ନଥାଇ ସିନ୍ଥେଟିକ ନିର୍ମିତ ପନିର । ଚାଉଳରେ ଗୋଡି, ଚାହା ରେ ଚମଡା ଗୁଣ୍ଡ, ପୋଡା ମୋବିଲରୁ ଘିଅ, ପଚା କଖାରୁରୁ ଟମାଟୋ ସସ୍, ଫଳ ପଚାଇବା ପାଇଁ କେମିକାଲ, ପରିବା ନୀଳ ଏବଂ ତଟକା ଦେଖାଯିବା ପାଇଁବ୍ୟବହୃତ ହେଉଥିବା କେମିକାଲତ ଆମେ ସବୁଦିନ ଖାଉଛେ । ସମୀର ବାବୁ କହିଲେ ହଁ ଠିକ୍ କଥା, ଖାଲି ସେତିକି ନୁହେଁ, ପନିପରିବା ଫଳର ଆକାର ବୃଦ୍ଧି ପାଇଁ ରସାୟନ ପ୍ରୟୋଗ, ରୋଗ ଓ ପୋକ ଦମନ ପାଇଁ ସଦ୍ୟ କୀଟନାଶକ ପ୍ରୟୋଗ ହୋଇଥିବା ପରିବାକୁ ମଧ୍ୟ ଆମେ ବ୍ୟବହାର କରିବାକୁ ବାଧ୍ୟ ହେଉଛେ । ତେବେ ଆମେ ଏଠି ବଂଚିବା କେମିତି ? ଆଉ ସବୁଠାରୁ ଆଶ୍ଚର୍ଯ୍ୟର କଥା, ଈଶ୍ୱରଙ୍କ ସୃଷ୍ଟିର, ସବୁଠାରୁ ଶ୍ରେଷ୍ଠ ଜୀବ ବୋଲାଉଥିବା ମନୁଷ୍ୟ, ଯାହାକୁ ଈଶ୍ୱର ଦିବ୍ୟଜ୍ଞାନ ପ୍ରଦାନ କରିଛନ୍ତି ବୋଲି କୁହାଯାଏ, ସେ ଖାଦ୍ୟ ଅପମିଶ୍ରଣ କରି, ମଣିଷକୁ ବିଷ ଖୁଆଇ, ଅସତ୍ ଉପାୟରେ ଅର୍ଥ ରୋଜଗାର କରିବାକୁ ପଶ୍ଚାତ୍‌ପଦ ହେଉନାହିଁ ! ମୁଁ କହିଲି ଭାଇ, ଯେଉଁ ମଣିଷ, ଲୋଭ ପରି ରିପୁ ର ଶକ୍ତ ଅକ୍ଟୋପାସ୍ ପଞ୍ଝା ଭିତରେ ଥରେ ଫସିଗଲା, ଯେତେ ଚେଷ୍ଟା କଲେବି, ସେଥିରୁ ସେ ଆଉ ମୁକ୍ତି ପାଇପାରିବ ନାହିଁ । ତା ପାଖରୁ ବୁଦ୍ଧି, ବିବେକ, ଜ୍ଞାନ ପରି ସମସ୍ତ ସୁଗୁଣ ଗୁଡିକ ଶୂନ୍ୟ ହୋଇଯିବ । ଆଧୁନିକ ଶୈଳୀରେ ଜୀବନ ଯାପନ ପାଇଁ, ଆବଶ୍ୟକ ହେଉଥିବା ପ୍ରଚୁର ଅର୍ଥ ଯୋଗାଡର ନିଶା, ତାର ମଣିଷ ପଣିଆକୁ ଲୋପ କରିଦେଇ, ତା ଭିତରେ ଭରି ଦେଉଛି ପଶୁତ୍ୱର ମାନସିକତା । ନୈତିକତା ଶବ୍ଦ ତାପାଖରେ ମୂଲ୍ୟହୀନ । ଅର୍ଥ ରୋଜଗାର ନିମନ୍ତେ ପରୋକ୍ଷରେ କଣ, ପ୍ରତ୍ୟକ୍ଷରେ ମଧ୍ୟ ନରହତ୍ୟା କରିବାପାଇଁ , ସେ କୁଣ୍ଠା ପ୍ରକାଶ କରିବ ନାହିଁ । ତେଣୁ ସାଧୁ ସାବଧାନ । ବଂଚିବାକୁ ହେଲେ ଆପଣାଇବାକୁ ପଡିବ ପ୍ରାଚୀନ ଜୀବନ ଯାପନ ଶୈଳୀ । ଅପମିଶ୍ରିତ ଫାଷ୍ଟଫୁଡ୍ ମାଗି, ଚାଓମିନ ଛାଡି ଆପଣାଇବାକୁ ପଡିବ ଚୁଡା, ମୁଢି ଛତୁଆ ପରି ପୁରାତନ ଜଳଖିଆକୁ । ଆଳସ୍ୟତା ଯୋଗୁ ହଳଦୀ କିଣି ବାଟିବା ପରିବର୍ତ୍ତେ ବ୍ୟବହାର କରୁଛେ ଅପମିଶ୍ରିତ ହଳଦୀଗୁଣ୍ଡ । ସୋରିଷକୁ ଘଣା ପକାଇ ତେଲ ଖାଇବା ପରିବର୍ତ୍ତେ ବ୍ୟବହାର କରୁଛେ ଅପମିଶ୍ରିତ ସେଂଟଦିଆ ସୋରିଷ ତେଲ । ଚାହା ଦୋକାନ ଖଟିରେ ବସି, ପରନିନ୍ଦା, ପରଚର୍ଚ୍ଚାରେ ଘଂଟାଘଂଟା ମୂଲ୍ୟବାନ ସମୟକୁ ବରବାଦ୍ କରିଦେଉଛେ, କିନ୍ତୁ ସେହି ସମୟକୁ ବିନିଯୋଗ କରି , ବାଡିରେ ଶାଗ ପଟାଳିଏ ବା ଅମୃତଭଣ୍ଡା ଗଛ ଦୁଇଟା ନଲଗାଇ, ବଜାରକୁ ଦୌଡୁଛେ, ସାର କୀଟନାଶକ ପ୍ରୟୋଗ ପରିବା କିଣିବା ପାଇଁ । ଜିହ୍ୱା ଲାଳସାକୁ ଏଡାଇ ନପାରି, ଖାଦ୍ୟ ପଦାର୍ଥକୁ ସୁସ୍ୱାଦୁ କରିବା ନିମନ୍ତେ ବ୍ୟବହାର କରୁଛେ ଅପମିଶ୍ରିତ ତୈଳ ଏବଂ ପ୍ରଚୁର ଅପମିଶ୍ରିତ ମସଲା ଗୁଣ୍ଡ । ଅତ୍ୟଧିକ ତେଲ ମସଲା ଯୁକ୍ତ ଖାଦ୍ୟ ଶରୀର ପାଇଁ ଅତ୍ୟନ୍ତ ହାନୀକାରକ,ଏ ପରାମର୍ଶ ଡାକ୍ତରଙ୍କ ଠାରୁ ବାରମ୍ବାର ଶୁଣିଲେ ମଧ୍ୟ, ତାକୁ କାର୍ଯ୍ୟକାରୀ କରିବା ପାଇଁ ମାନସିକତା ସୃଷ୍ଟି କରିପାରୁନାହେଁ । ବଜାରରେ ନିମ୍ନମାନର ଅପମିଶ୍ରିତ ତେଲରେ ପ୍ରସ୍ତୁତ ବରା ପିଆଜି ଖାଇବା ପାଇଁ ଆମର ଯେତିକି ଆଗ୍ରହ, ଫଳ ଦୋକାନରୁ ସେଓଟିଏ ବା କମଳାଟିଏ କିଣି ଖାଇବାରେ ସେତିକି ଆଗ୍ରହ ନାହିଁ । ସନ୍ତୁଳିତ ଆହାର ଗ୍ରହଣ ନକରି, ଯିବା ଡାକ୍ତରଙ୍କ ପାଖକୁ । ବଜାରରେ ନକଲି ଡାକ୍ତର । ଯଦିବା ଭାଗ୍ୟ ଜୋରରୁ, ଅସଲି ଡାକ୍ତର ମିଳିଗଲେ, ତେବେ ଚିଠା ଧରି ଔଷଧ ଦୋକାନ ଗଲାବେଳକୁ, ସେଠି ନକଲି ଔଷଧ । ତେଣୁ ଏ ନକଲି ଦୁନିଆରେ ବଂଚିବାକୁ ହେଲେ ସର୍ବ ପ୍ରଥମେ ଦରକାର ଆତ୍ମ ନିୟନ୍ତ୍ରଣ । ପ୍ରାଚୀନତାକୁ ପାଥେୟ କରି ଚଳିବା ପ୍ରାୟତଃ ଅସମ୍ଭବ । ତଥାପି ନିଜେ ବଂଚିବାକୁ ପ୍ରଚେଷ୍ଟା ଜାରି ରଖିବା ଆବଶ୍ୟକ । ସୁସ୍ଥ ରହିବା ନିମନ୍ତେ, ଜିହ୍ୱା ଲାଳସାକୁ ଦମନ କରି, ଯଥା ସମ୍ଭବ ଅପମିଶ୍ରିତ ଖାଦ୍ୟ ଗ୍ରହଣ ନକରିବା ଉଚିତ୍ । ଏବଂ ତତ୍ ସଙ୍ଗେସଙ୍ଗେ ଶାରୀରିକ ପରିଶ୍ରମ ବା ଯୋଗ ବ୍ୟାୟାମରେ ଅଭ୍ୟସ୍ତ ହେବା ନିହାତି ଜରୁରୀ । ସରକାର ଅପମିଶ୍ରଣକାରୀ ଓ ଭେଜାଲ ସାମଗ୍ରୀ ପ୍ରସ୍ତୁତକାରୀଙ୍କ ପାଇଁ କଠୋର ଆଭିମୁଖ୍ୟ ଗ୍ରହଣ କରିନଥିବାରୁ, ଅବସ୍ଥା ଆଜି ଅଣାୟତ ହୋଇପଡିଛି । ଛତୁ ଫୁଟିବା ପରି ,ଗଢି ଉଠୁଛି ନକଲି କାରଖାନା । ଆମର ଆଳସ୍ୟତା ଯୋଗୁ ଆମେ ରେଡିମେଡ୍ ମସଲା, ଖାଦ୍ୟ ଇତ୍ୟାଦି କ୍ରୟ କରିବାକୁ ପସନ୍ଦ କରୁଛେ । ସାମାନ୍ୟ ପରିଶ୍ରମ କରି ଘରେ ଗାଈଟିଏ ପାଳିଲେ, ବଜାରରୁ ପାଣି ମିଶା କ୍ଷୀର କିଣିବାର ଅସୁବିଧାରୁ ରକ୍ଷା ପାଇପାରନ୍ତେ, ସିନ୍ଥେଟିକ ପନିର କବଳରୁ ମୁକ୍ତି ପାଇ ପାରନ୍ତେ,ଗୋବର ପରି ଜୈବିକ ସାର ପନିପରିବା ଚାଷରେ ବ୍ୟବହାର କରିପାରନ୍ତେ ତଥା ସର୍ବୋପରି ହିନ୍ଦୁ ଶାସ୍ତ୍ର ଅନୁସାରେ ଗୋମାତା ସେବାର ପୂଣ୍ୟାର୍ଜନ କରିପାରନ୍ତେ । ସର୍ବ ପ୍ରଥମେ ଆମର ମାନସିକତାର ପରିବର୍ତ୍ତନ ଆବଶ୍ୟକ । ନକଲି କାରଖାନାର ମାଲିକ, ଅପମିଶ୍ରଣକାରୀଙ୍କ ବିରୁଦ୍ଧରେ କେବଳ ସରକାର ନୁହେଁ, ଜନସାଧାରଣ ମଧ୍ୟ ସଜାଗ ରହିବା ଉଚିତ୍ । ଏଭଳି ବ୍ୟକ୍ତି ବା ଶିଳ୍ପ ଆମର ଦୃଷ୍ଟି ଗୋଚର ହେଲେ, ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇ, ତା ବିରୁଦ୍ଧରେ ତୁରନ୍ତ ଜନ ଆନ୍ଦୋଳନ ସୃଷ୍ଟି ଆବଶ୍ୟକ । ନିରୀହ ଜନସାଧାରଣଙ୍କ ଜୀବନ ସହିତ ଖେଳ ଖେଳୁଥିବା ବ୍ୟକ୍ତି ଦେଶର ଏବଂ ସମସ୍ତ ଜନ ସାଧାରଣଙ୍କର ଶତ୍ରୁ । ଯଦିବା କୌଣସି ବିଭାଗୀୟ କର୍ତ୍ତୃପକ୍ଷ ଉତ୍କୋଚ ଗ୍ରହଣ କରି ତାଙ୍କୁ ସୁରକ୍ଷା ପ୍ରଦାନ କରୁଥିବେ, ଗଣ ଆନ୍ଦୋଳନ, ନିଶ୍ଚିତ ସେମାନଙ୍କ ମନରେ ଭୀତି ସଂଚାର କରିବ । ଜନସାଧାରଣଙ୍କର ନୀରବତା ଯୋଗୁ ଏମାନେ ଭୟଶୂନ୍ୟ ଏବଂ ଏତାଦୃଶ ଘୃଣ୍ୟ କାର୍ଯ୍ୟପାଇଁ ପ୍ରୋତ୍ସାହିତ । ତେଣୁ ଆସନ୍ତୁ, ସମସ୍ତଙ୍କର ମିଳିତ ସହଯୋଗରେ ଅନ୍ୟାୟ ଦୁର୍ନୀତି ବିରୁଦ୍ଧରେ ଦୃଢ ସ୍ୱର ଉତୋଳନ କରିବା, ମୁନାଫାଖୋର ଏବଂ ଦୁର୍ନୀତିଗ୍ରସ୍ତଙ୍କ ବିରୁଦ୍ଧରେ ତୀବ୍ର ସଂଗ୍ରାମ ଜାରି ରଖିବାର ଶୁଭାରମ୍ଭ କରିବା । ନଚେତ୍ ଆମେସବୁ ଏଠି ବଂଚିବା କେମିତି ?

*ସମ୍ପାଦକ,ସମ୍ବାଦ ସାହିତ୍ୟ ଘର,*
*କିଶନ୍‌ନଗର, କଟକ*
*ମୋ-୬୩୭୧୫୯୩୨୨୦*

# ପାକ୍‌ରେ ଶ୍ରୀଲଙ୍କାର ଭୟ



ସୌମେନ୍ଦ୍ର ଜେନା

ଶ୍ରୀଲଙ୍କାର ଭୟଙ୍କର ଆର୍ଥିକ ସ୍ଥିତି ଏବଂ ଲୋକଙ୍କ ଆନ୍ଦୋଳନ ସହ ରାଷ୍ଟ୍ରପତି ଗୋତବାୟାଙ୍କ ସିଙ୍ଗାପୁରକୁ ପଳାୟନ ଘଟଣା ଏବେ ପଡୋଶୀ ରାଷ୍ଟ୍ର ପାକିସ୍ଥାନରେ ଭୟର କାରଣ ହୋଇଛି । କାରଣ ଉଭୟ ରାଷ୍ଟ୍ର ଚୀନର ଋଣଜାଲରେ ପଡି ଏବେ ମୁକୁଳିପାରୁନାହାନ୍ତି । ଚୀନ ସହ ନିକଟତା ଦୃଷ୍ଟିରୁ ଦୁଇ ରାଷ୍ଟ୍ରଙ୍କୁ ଋଣ ଦେବାଲାଗି ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି କିମ୍ବା ଅନ୍ୟ କୌଣସି ରାଷ୍ଟ୍ର ଆଗେଇ ଆସୁନାହାନ୍ତି । ବିଗତ ଶତାବ୍ଦୀର ଶେଷ ଦଶକରେ ଠିକ୍ ଏମିତି ଘଟଣା ମାର୍କୋସଙ୍କ ଫିଲିପାଇନ୍ସରେ ହୋଇଥିଲା । ସେତେବେଳେ ମାର୍କୋସଙ୍କୁ ଫିଲିପାଇନ୍ସ ଛାଡିବାକୁ ହୋଇଥିଲା । ଏବେ ଆନ୍ଦୋଳନକାରୀ ଜନତା ଶ୍ରୀଲଙ୍କାର ରାଷ୍ଟ୍ରପତି ଭବନକୁ ନିଜ ଦଖଲକୁ ନେଇ ସେଠାରେ ମଉଜ କରିବାର ଭିଡିଓ ସାରା ପୃଥିବୀର ଲୋକେ ଦେଖିସାରିଛନ୍ତି । ଏପରି ଘଟଣା ପାକ୍‌ରେ ଘଟିବା ଆଦୌ ବଡ କଥା ହେବନାହିଁ ବୋଲି ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି । ନିକଟରେ କ୍ଷମତା ହରାଇଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମରାନ ଖାଁ ବର୍ତ୍ତମାନର ଶାହବାଜ ସରିଫଙ୍କ ସରକାର ବିରୋଧରେ ସାରା ପାକିସ୍ତାନରେ ବୁଲି ବୁଲି ସଭା କରିବାରେ ଲାଗିଛନ୍ତି । ଅର୍ଥ ପ୍ରଦାନ ପାଇଁ ମାତ୍ର ୬ ସପ୍ତାହ ଲାଗି ବୈଦେଶିକ ମୁଦ୍ରା ଦେଶରେ ଗଚ୍ଛିତ ଥିବା ଜଣାଯାଇଛି । ଏହି ସମୟ ଭିତରେ ଯଦି ଆର୍ଥିକ ସହାୟତା ପାକ୍ ସରକାରଙ୍କୁ ନମିଳେ ତା ହେଲେ ଅବସ୍ଥା ବହୁତ ଖରାପ ହେବ । କାରଣ ଶ୍ରୀଲଙ୍କାରେ ଆନ୍ଦୋଳନ ଦୀର୍ଘଦିନ ଧରି ଚାଲି ଆସିଥିଲେ ମଧ୍ୟ ରକ୍ତପାତ ଆଡକୁ ଯାଇନାହିଁ । ବିକ୍ଷୋଭକାରୀମାନେ ନେତାମାନଙ୍କ ସଂପତ୍ତି, ଘରଦ୍ୱାରକୁ ଟାର୍ଗେଟ କରି ନଷ୍ଟ କରିବା ଦେଖାଯାଇଛି । କିନ୍ତୁ ପାକିସ୍ଥାନରେ ସାଧାରଣ ଜନତା ହିଂସାମୁଖୀ ହେବା ସାଧାରଣ କଥା । ଲକ୍ଷ ଲକ୍ଷ ସଂଖ୍ୟକ ଜିହାଦି ପ୍ରଶିକ୍ଷିତ, ମଦ୍ରସାର ମୌଳବାଦୀ ଶିକ୍ଷାପ୍ରାପ୍ତ ଲୋକେ ପାକ୍‌ରେ ଥିଲାବେଳେ ଗୁଳିଗୋଳା ଚାଳିବା, ଆତ୍ମଘାତୀ ବାହିନୀର ଆକ୍ରମଣ କୌଣସି ବଡ କଥା ନୁହେଁ । ସେହି ଭୟ ଏବେ ସାଧାରଣରେ ସୃଷ୍ଟି ହେବାରେ ଲାଗିଛି । ଶ୍ରୀଲଙ୍କାର ଅର୍ଥନୀତି ଖରାପ ସ୍ଥିତିକୁ ଯାଉଛି ବୋଲି ଗତ ଛଅ ମାସ ହେଲା ଆଲୋଚନା ହୋଇଆସିଛି । ଦେଶର ଅର୍ଥନୀତିଜ୍ଞ ଏବଂ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସତର୍କତା ସତ୍ତ୍ୱେ ଦେଶ ଚଳାଉଥିବା ରାଜପାକ୍ଷ ପରିବାର ସମସ୍ୟାର ସମାଧାନ ନକରିପାରିବା ଯୋଗୁ ସେମାନେ ଜନତାଙ୍କ ଆକ୍ରୋଶର ଶିକାର ହୋଇଛନ୍ତି । ସେହିପରି ଅସ୍ଥିରତା ଖୁବ ଶିଘ୍ର ପାକିସ୍ଥାନରେ ସୃଷ୍ଟି ହେବ ବୋଲି ଗଣମାଧ୍ୟମରେ ଚର୍ଚ୍ଚା ହେଉଛି ।

ଶାହବାଜ ସରିଫଙ୍କ ସରକାର ପାଇଁ ଶକ୍ତିସଙ୍କଟ ବଡ ଆହ୍ୱାନ ସୃଷ୍ଟି କରିଛି । ବିଗତ ଏକ ମାସ ହେଲା ସରକାର ଗ୍ୟାସ ଟେଣ୍ଡର ଦେବାକୁ ଘୋଷଣା କରିଥିଲେ ମଧ୍ୟ ଟେଣ୍ଡର ନେବାକୁ କୌଣସି କମ୍ପାନୀ ଆଗେଇ ଆସିବା ଦେଖାଯାଉନାହିଁ । କାରଣ ପାକ୍ ସରକାରଙ୍କ ନିକଟରେ ପର୍ଯ୍ୟାପ୍ତ ଅର୍ଥ ନଥିବା ହେତୁ ଅର୍ଥପ୍ରଦାନର ଗ୍ୟାରେଣ୍ଟି ନାହିଁ । ତେଣୁ କୌଣସି କମ୍ପାନୀ ଜାଣିଜାଣି ହାଣପାଇଁ ବେକ ବଢାଇବାକୁ ଆସୁନାହାନ୍ତି । ବିଗତ ଦିନରେ ସରିଫ ସରକାର ଗ୍ୟାସ ଦର ୪୩ ପ୍ରତିଶତରୁ ୨୩୫ ପ୍ରତିଶତକୁ ବୃଦ୍ଧି କରି ଚଳିତ ମାସ ୧ ଜୁଲାଇରୁ ଲାଗୁ କରିବାକୁ ଘୋଷଣା କରିସାରିଛନ୍ତି । ସରକାର ପ୍ରାୟ ୬୬୦ ବିଲିଅନ ଡଲାର ଅର୍ଥ ଗ୍ୟାସ ଗ୍ରାହକମାନଙ୍କଠାରୁ ପାଇବାକୁ ଲକ୍ଷ୍ୟ ରଖିଛନ୍ତି । ସେମିତି ଗତ ଦୁଇମାସରେ ପେଟ୍ରୋଲ ଦର ୧୫୦ରୁ ବଢି ୨୦୦ରେ ପହଞ୍ଚିଯାଇଛି । ପାକ୍ ଟଙ୍କାର ମୂଲ୍ୟ ୧ ଡଲାର ତୁଳନାରେ ୨୨୧ ଟଙ୍କାକୁ ଖସିଲାଣି । ଗତବର୍ଷ ଜୁନ୍‌ରେ ଡଲାରର ମୂଲ୍ୟ ପାକ୍ ଟଙ୍କାରେ ୧୫୭.୫୪ ଥିଲା । ୨୦୨୨ରେ ପାକ୍ ଟଙ୍କା ଏସିଆର ସବୁଠାରୁ ଦୁର୍ବଳ ମୁଦ୍ରାରେ ପରିଗଣିତ ହେଉଛି । ନଭେମ୍ବର ୨୦୧୯ରୁ ଷ୍ଟେଟ ବ୍ୟାଙ୍କ୍ ଅଫ୍ ପାକିସ୍ଥାନ ପକ୍ଷରୁ ସଙ୍କଟ ସଂପର୍କରେ ତତ୍‌କାଳୀନ ସରକାରଙ୍କୁ ଅବଗତ କରାଯାଇଥିଲା । ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇମରାନ ଖାଁ ବ୍ୟବସ୍ଥାକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଚେଷ୍ଟା କରି ସଫଳ ହୋଇନଥିଲେ । ପାକ୍ ସରକାରଙ୍କ ହାତରେ ମାତ୍ର ୮.୨୪ କୋଟି ଡଲାର ବିଦେଶୀ ମୁଦ୍ରା ଗଚ୍ଛିତ ରହିଛି, ଯାହା ଆମଦାନୀ ପାଇଁ ଅତିବେଶିରେ ଦେଢମାସ ପାଇଁ ସମ୍ଭାଳିପାରେ । ଏହି ବିଷୟକୁ ଲକ୍ଷ୍ୟ କରି ବିଦେଶରୁ ଆମଦାନୀ ହେଉଥିବା ଚାହାଗୁଣ୍ଡ କମ ବ୍ୟବହାର କରିବାକୁ ଲୋକମାନଙ୍କୁ ପାକ୍ ସରକାର କହି ସାରିଛନ୍ତି । ଶେଷ ଅସ୍ତ୍ରଭାବେ ଗଚ୍ଛିତ ଥିବା ୬୪.୬ଟନ ସୁନାକୁ ବନ୍ଧକ ରଖି ସରକାର ଋଣ କରିବାକୁ ଯୋଜନା କରିଛନ୍ତି । ପାକ୍ ସରକାର ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିଠାରୁ ୬ ବିଲିଅନ ଡଲାର ଋଣମୁକ୍ତି ପାଇଁ ପାଇବାକୁ ଚେଷ୍ଟା ଚଳାଇଛନ୍ତି । ଏଥିପାଇଁ ବିଗତ ଦିନରେ ପାକ୍ ସରକାର ୨୨ଥର ଆଲୋଚନା କରିଛନ୍ତି । ୫୫ ବିଲିଅନ ଡଲାର ଋଣ ପାଇଁ ଶ୍ରୀଲଙ୍କା ଦେବାଳିଆ ହେଲା ବେଳେ ୮୮ ବିଲିଅନ ଡଲାର ଋଣ ବୋଝ ଧରି ପାକିସ୍ଥାନ ବୁଲୁଛି । ଏଥିରେ ୬୪ ବିଲିଅନ ଋଣ କେବଳ ଚୀନର ରହିଛି । ଯାହା ସି-ପେକ୍ ପ୍ରକଳ୍ପ ପାଇଁ ୨୦୧୪ରେ ୪୭ବିଲିଅନ ହେବ ବୋଲି ଆକଳନ ହୋଇଥିଲା । ୨୦୧୮ରେ ପାକିସ୍ଥାନ ପାଇଁ ଏମିତି ପରିସ୍ଥିତି ଆସିଥିଲା । ସେତେବେଳେ ପାକ୍ ସରକାର ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରୁ ଋଣ ପାଇବାକୁ ଉଦ୍ୟମ କଲାବେଳେ ଚୀନ, ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଅମିରାତ୍ ପରି ରାଷ୍ଟ୍ର ପାକିସ୍ଥାନକୁ ସମର୍ଥନ କରିଥିଲେ । ଏବେ କୌଣସି ରାଷ୍ଟ୍ର ପାକିସ୍ଥାନକୁ ସମର୍ଥନ କରିବାକୁ ପ୍ରସ୍ତୁତ ନାହାନ୍ତି । କାରଣ ଦୀର୍ଘଦିନ ହେବ ନିଅଣ୍ଟିଆ ବଜେଟ ପ୍ରସ୍ତୁତି, ଅର୍ଥ ପରିଚାଳନାରେ ବିଶୃଙ୍ଖଳା, ଦୁର୍ବଳ ଟିକସ ସଂଗ୍ରହ ବ୍ୟବସ୍ଥା, ଅନାବଶ୍ୟକ ସବ୍‌ସିଡି ପ୍ରଦାନ, ଘରୋଇ ଉତ୍ପାଦନ ନହେବା, ଅନେକ ବସ୍ତୁ ବିଦେଶରୁ ଆମଦାନୀ କରିବା ଯୋଗୁ ପାକ୍‌ରେ ଆର୍ଥିକ କ୍ଷେତ୍ରରେ ଗୋଳମାଳ ସୃଷ୍ଟି ହୋଇଛି । ଏହା ସହ ବାରମ୍ବାର ଶାସନଗତ ଅସ୍ଥିରତା, ସନ୍ତ୍ରାସବାଦ ଏବଂ ମୌଳବାଦକୁ ସମର୍ଥନ ଯୋଗୁ ବିଶ୍ୱରେ ପାକିସ୍ଥାନ ଏକାକୀ ହୋଇପଡିଛି । ପାକ୍ ପ୍ରଧାନମନ୍ତ୍ରୀ ସରିଫ୍ ଶାସନକୁ ହାତକୁ ନେଇ ସଙ୍କଟର ସମାଧାନ କରିବେ ବୋଲି ଯେମିତି ଭାବିଥିଲେ ତାହା ଏବେ ସହଜ ଜଣାପଡୁନାହିଁ । ପାକ୍‌ର ସହଯୋଗୀ ଚୀନ, ସାଉଦି ଆରବ, ତୁର୍କୀ, ୟୁନାଇଟେଡ୍ ଆରବ ଏମିରେଟ ଆଦି ଦେଶ ବର୍ତ୍ତମାନ ପରିସ୍ଥିତିରେ ପାକିସ୍ଥାନକୁ ସହଯୋଗ କରିବାକୁ ପ୍ରସ୍ତୁତ ନାହାନ୍ତି । ବିଗତ ଦିନରେ ଫ୍ରାନ୍ସ ବିରୋଧରେ ପାକ୍ ସରକାରଙ୍କ ମୌଳବାଦୀଙ୍କୁ ସମର୍ଥନ ଯୋଗୁ ୟୁରୋପିୟ ସଂଘର ଅନ୍ୟାନ୍ୟ ରାଷ୍ଟ୍ର ମଧ୍ୟ ପାକ୍ ପକ୍ଷରେ ନାହାନ୍ତି । ଇମରାନଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ଆମେରିକାକୁ ଖୋଲା ସମାଲୋଚନା ଯୋଗୁ ବାଇଡେନ ପ୍ରଶାସନ ପାକ୍‌କୁ ସାହାଯ୍ୟ କରିବା ମନସ୍ଥିତିରେ ନାହିଁ । ରୁଷିଆ -ୟୁକ୍ରେନ ଯୁଦ୍ଧ କାଳରେ ଇମରାନଙ୍କ ମସ୍କୋ ଯାତ୍ରାକୁ ଆମେରିକା ସମେତ ବହୁ ପାଶ୍ଚାତ୍ୟ ରାଷ୍ଟ୍ର ଭଲ ଦୃଷ୍ଟିରେ ଗ୍ରହଣ କରିନଥିଲେ । ଏହାବାଦ ଦୀର୍ଘ ଚାରି ଦଶନ୍ଧି ଧରି ମୁଜାହିଦ୍ଦୀନ ଓ ତାଲିବାନଙ୍କୁ ପ୍ରଶିକ୍ଷଣ, ସୁରକ୍ଷା ଓ ଆର୍ଥିକ ସହାୟତା ଯୋଗାଇ ପାଳି ଆସିଥିବା ପାକିସ୍ଥାନ ଗତବର୍ଷ ଅଗଷ୍ଟ ମାସରେ ଆଫଗାନିସ୍ଥାନରେ ତାଲିବାନଙ୍କ କ୍ଷମତା ଦଖଲ ପାଇଁ ସେନା ଯବାନ ଓ ଅଧିକାରୀଙ୍କୁ ପଠାଇ ସାହାଯ୍ୟ କରିଆସିଥିଲା । ଶକ୍ତିସଙ୍କଟର ସମାଧାନ ପାଇଁ ତାଲିବାନ ସରକାରଠାରୁ ଶସ୍ତାରେ କୋଇଲା ପାଇବାକୁ ପାକିସ୍ଥାନ ସରକାର ଆଶା ରଖିଥିଲେ । କିନ୍ତୁ ବାସ୍ତବରେ ତାହା ଫଳବତୀ ହୋଇନାହିଁ । ଟନ୍ ପିଛା କୋଇଲା ୬୦ ଟଙ୍କା ନେଉଥିବା ତାଲିବାନ ପାକ୍ ସରକାରଙ୍କ ପାଇଁ ୨୦୦ଟଙ୍କା ଦାବି କରିବା ପରେ ଆଫଗାନିସ୍ଥାନକୁ ନିଜର ଲାଭ ପାଇଁ ଉପଯୋଗ କରିବାକୁ ଆଶା ରଖିଥିବା ପାକ୍‌ର ମନ ମଉଳିଯାଇଛି । ଡୁରାଣ୍ଡ ଲାଇନ ଅଞ୍ଚଳରେ ତାରବାଡକୁ କେନ୍ଦ୍ର କରି ତାଲିବାନ- ପାକ୍‌ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଜାରି ରହିଛି । ଉଭୟପକ୍ଷ ଗୁଳିଗୋଳା ବ୍ୟବହାର କରିବା ପରେ ତିକ୍ତତା ବୃଦ୍ଧି ପାଇଛି । ପାକ୍ ବିରୋଧୀ ତେହରିକେ ତାଲିବାନ ଗୋଷ୍ଠୀ ଦୁଇଦେଶର ସୀମାନ୍ତ ଅଞ୍ଚଳରେ ସନ୍ତ୍ରାସ ଜାରି ରଖିଥିବା ବେଳେ ପାକ୍ ସରକାର ତେହରିକେ ତାଲିବାନକୁ ସହାୟତା ଏବଂ ଆଶ୍ରୟ ନଦେବା ପାଇଁ କହିବା ସତ୍ତ୍ୱେ ତାଲିବାନ ସରକାର ସେଥିପ୍ରତି କର୍ଣ୍ଣପାତ କରିନାହିଁ । ନିକଟରେ କାବୁଲରେ ପୁନର୍ବାର ଭାରତର ଦୂତାବାସ ଖୋଲାଯିବା ପରେ ଆଫଗାନିସ୍ଥାନରୁ ଭାରତର ପ୍ରଭାବକୁ ହଟାଇବାକୁ ଲକ୍ଷ୍ୟ ରଖିଥିବା ପାକିସ୍ଥାନ ଏବେ ଚିନ୍ତାରେ ପଡିଯାଇଛି । କାଶ୍ମିରକୁ ଆଧାର କରି ତାଲିବାନ ଅଞ୍ଚଳରୁ ଲସକର ଏବଂ ଅନ୍ୟାନ୍ୟ ମୁଜାହିଦ୍ଦୀନ ସନ୍ତ୍ରାସୀଙ୍କୁ ଭାରତକୁ ପଠାଇବାକୁ ପାକ୍‌ର ଲକ୍ଷ୍ୟ ଥିଲା ବେଳେ ତାଲିବାନ ଭାରତ ବିରୋଧୀ ସନ୍ତ୍ରାସ ପାଇଁ ଆଫଗାନିସ୍ଥାନକୁ ବ୍ୟବହାର କରାଯିବ ନାହିଁ ବୋଲି ଘୋଷଣା କରିଛି । ତେଣୁ ପାକ୍ ସେନାମୁଖ୍ୟ ବାଜୱା ବାଧ ହୋଇ ଆଫଗାନିସ୍ଥାନରେ ଭାରତର ଗୁପ୍ତଚର ସକ୍ରୀୟ ହୋଇଥିବା ବିଷୟ ଘୋଷଣା କରିଛନ୍ତି । ବଡକଥା ହେଲା ଦେଢମାସର ଅର୍ଥ ଖର୍ଚ୍ଚ ହେଲା ପରେ ଅବସ୍ଥା କଣ ହେବ ସେହି ଚିନ୍ତାରେ କେବଳ ପାକ୍ ସରକାର ନୁହନ୍ତି,ସାଧାରଣ ଜନତା ମଧ୍ୟ ଚିନ୍ତିତ । ପାକ୍‌ର ଗଣମାଧ୍ୟମରେ ଏହି ବିଷୟରେ ଆଲୋଚନା ଜାରି ଥିଲାବେଳେ ବହୁ ଆଲୋଚକ ସାହାଯ୍ୟ ପାଇଁ ମୋଦିଙ୍କୁ କୁହାଯିବା ସପକ୍ଷରେ ମତ ଦେଇଛନ୍ତି । ମାଳଦ୍ୱୀପ, ଶ୍ରୀଲଙ୍କାକୁ ଆର୍ଥିକ ସହାୟତା ଯୋଗାଇ ଦେଉଥିବା ଭାରତ ଏବେ ପାକିସ୍ଥାନକୁ ମଧ୍ୟ ଆର୍ଥିକ ସହାୟତା ଦେଇପାରେ । ପାକ୍ ସରକାର ଏଥିପାଇଁ ପ୍ରୟାସ କରିବାକୁ ସେମାନେ ଯୁକ୍ତି ବାଢୁଛନ୍ତି । ସରକାର ଭାରତ ବିରୋଧୀ ନୀତି ଗ୍ରହଣ କରି କାଙ୍ଗାଳ ହୋଇଥିଲା ବେଳେ ବଙ୍ଗଳାଦେଶ ପଚାଶ ବର୍ଷରେ ଭାରତର ସହାୟତା ନେଇ ପାକିସ୍ଥାନକୁ ପଛରେ ପକାଇ ଦେଇଥିବା ଉଲ୍ଲେଖ କରୁଛନ୍ତି । ଶ୍ରୀଲଙ୍କାର ରାଜପାକ୍ଷ ପରିବାର ଯେପରି ସରକାରରେ ଅନେକ ପଦପଦବୀରେ ଥାଇ କ୍ଷମତାକୁ ଉପଭୋଗ କରୁଥିଲେ, ଦେଶରୁ ଲୁଟି ସିଙ୍ଗାପୁରରେ ବ୍ୟବସାୟ କରୁଥିଲେ, ଠିକ୍ ସେମିତି ପାକ୍‌ରେ ସରିଫ ଏବଂ ଜର୍ଦ୍ଦାରୀ ପରିବାର ଦେଶକୁ ଲୁଟି ଆସିଛନ୍ତି ବୋଲି ପିଟିଆଇ ଦଳର ନେତା ଇମରାନ ଖାଁ ନିର୍ବାଚନୀ ସଭାରେ କହିଛନ୍ତି । ପାକ୍‌ର ସେନା ବିସ୍କୁଟରୁ ସିମେଣ୍ଟ ପର୍ଯ୍ୟନ୍ତ ବ୍ୟବସାୟ କରି ପ୍ରାୟ ୨ ବିଲିଅନ ଡଲାର ରୋଜଗାର କରିବା ସହ ବହୁ ପରିମାଣର ଜମି ଏବଂ ବାସୋପଯୋଗୀ ପ୍ଲଟ ହାତରେ ଧରି ବସିଛି । କୃଷି ପ୍ରଧାନ ଦେଶ ହେବା ସତ୍ତ୍ୱେ ଗହମ ଓ ଚିନି ଆମଦାନୀ କରୁଛି ପାକିସ୍ଥାନ । କିନ୍ତୁ ଦେଶର ଦୁର୍ନୀତି ଏତେ ବ୍ୟାପକ ହୋଇଛି ଯେ ଋଣ ଦେଉଥିବା ସଂସ୍ଥା ଆଇଏମ୍‌ଏଫ୍ ନିଜ ଅର୍ଥ ଫେରିପାଇବ ବୋଲି ପାକ୍ ଉପରେ ଭରସା କରିପାରୁନାହିଁ । ନିକଟରେ ରେଟିଂ ସଂସ୍ଥା ଫିଚ୍ ପକ୍ଷରୁ ଦେବାଳିଆ ସ୍ଥିତିକୁ ଯାଉଥିବା ଯେଉଁ ୧୭ଟି ରାଷ୍ଟ୍ରର ତାଲିକା ଜାରି କରିଛି ତହିଁରେ ପାକିସ୍ଥାନ ରହିଛି । ଦେଶର ମୁଦ୍ରାସ୍ଫିତି ୨୦ ପ୍ରତିଶତକୁ ଅତିକ୍ରମ କଲାଣି । ତେଣୁ ସରକାର ବିଦେଶରୁ ଆମଦାନୀ ହେଉଥିବା ବିଳାସ ସାମଗ୍ରୀ ଉପରେ ସୁପରଟିକସ ଲଗାଇଛନ୍ତି । ବିଶ୍ୱ ମୁଦ୍ରା ପାଣ୍ଠି, ବିଶ୍ୱ ବ୍ୟାଙ୍କ କିମ୍ବା ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ପରି କୌଣସି ସଂସ୍ଥା ପାକ୍‌କୁ ପ୍ରକଳ୍ପ ପାଇଁ ଋଣ ଦେବାଲାଗି ରାଜି ନୁହଁନ୍ତି । ଜୁନ୍ ୨୦୨୨ ମଧ୍ୟରେ ୯ରୁ ୧୨ ବିଲିଅନ ଡଲାର ସହାୟତା ପାକ୍ ଆବଶ୍ୟକ କରୁଥିଲେ ମଧ୍ୟ ପାଇପାରି ନଥିବାରୁ ଆଗାମୀ ଦିନରେ ଋଣ ସୁଝିନପାରି ଶ୍ରୀଲଙ୍କା ପରି ଦେବାଳିଆ ଘୋଷିତ ହେବାର ଯଥେଷ୍ଟ ଭୟ ରହିଛି, ଯାହା ଶ୍ରୀଲଙ୍କା ପରି ଅସ୍ଥିରତା ସୃଷ୍ଟି କରିପାରେ ।

*ଭାରତୀୟ ସମ୍ବାଦ ସେବା (ଭାସ)*
*ଭୁବନେଶ୍ୱର-୭୫୧୦୦୩*

## ଧାରାବାହିକ ଉପନ୍ୟାସ

### ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୧୭




*(ପୂର୍ବପ୍ରକାଶ ଉତ୍ତାରୁ)*

ଅନାଦି ଦେଖାଇଥିବା ସୁଖକର ସ୍ୱପ୍ନମାନଙ୍କୁ ପଦାଘାତ କରି ପାର ଏକା ଏକା ବଢ଼ିଲା ଆଗକୁ। ପୁଣିଥରେ ନିଜ ମନକୁ ପରାଜିତ କରି ସେ ଗୋଟେ ମିଛକୁ ଗ୍ରହଣ କରିନେଲା। ଜଣାଶୁଣା ଲୋକେ ତାକୁ ଢେର୍ ବୁଝାଇଲେ। ଆଉଥରେ ସଂସାର ବାନ୍ଧିବାର ରାସ୍ତା ଦେଖାଇଲେ। ହେଲେ ପାର କଣ ସେସବୁ ବୁଝିପାରିଲା ଠିକ୍ ଭାବେ? କେତେ ଅବା ହବ ଦୁହିଁଙ୍କ ବୟସ? ଅନାଦିକୁ ପଚିଶ ହେଲେ ପାରକୁ ଉଣେଇଶି ବର୍ଷ ମାତ୍ର। ଏତେ ବଡ ଜୀବନକୁ ଏକା ଏକା କିପରି କାଟିବେ ସେମାନେ? ନିଜ ନିଜର ଦୁଃଖର ଝଡଝଞ୍ଜାକୁ ଏକାକୀ କେମିତି ସହିବେ? ବରଂ ଦୁଇଟି ଛିଣ୍ଡା ସୂତାଙ୍କୁ ଏକାଠି କରିଦେବା ଉଚିତ୍। ଅନାଦି ବି ତା ବାଟ ଚାହିଁ ବସିଥିଲା ଆତୁରତାର ସହିତ। ଜୀବନ ଚାଲିବାର ଅନ୍ୟନାମ।

ତେଣୁ ପଛ କଥା ସବୁ ଭୁଲି ଜୀବନକୁ ପୁଣି ଥରେ ପାର ସହିତ ନୂଆ କରି ଜୀଇଁବାକୁ ଚାହେଁ। ତା ସହିତ ଜୀବନର ଝଡଝଞ୍ଜାକୁ ଆପଣେଇବାକୁ ଚାହେଁ। ଅଥଚ ପାର ଭାଗ୍ୟର ନିର୍ଦ୍ଦୟ ପ୍ରହାରକୁ ସହଜରେ ଭୁଲିପାରୁନି। ଏକାବେଳକେ ସେ ନିଜ ମାଆ ଓ ସ୍ୱାମୀ, ଦୁହିଁଙ୍କ ମୃତ୍ୟୁ ଦେଖିଛି। କେମିତି ଭୁଲିଯିବ ସହଜରେ? ତଥାପି ପୁଅ ମୁହଁକୁ ଚାହିଁ ସେ ଦୁର୍ବଳ ହୋଇପଡୁଥିଲା। କିଛି ଗୋଟାଏ ସିଦ୍ଧାନ୍ତରେ ପହଂଚିବାକୁ ଚେଷ୍ଟା କରୁଥିଲା। ହେଲେ ଏଇ ମହାର୍ଘ ବେଳାରେ ପହଂଚିଗଲେ ମାଲିକାଣୀ। ନିଜ ସଂପର୍କର ଦ୍ୱାହି ଦେଇ..ବିଶ୍ୱସ୍ତତାର ନଡିଆ ଭାଙ୍ଗି ତା ମନକୁ ଏକବାରେ ଚହଲାଇଦେଲେ। ପୁଣି ଥରେ ଲକ୍ଷ୍ୟ ବିଚ୍ୟୁତ କରିପକାଇଲେ।

ନିର୍ଦ୍ଦିଷ୍ଟ ଠିକଣାରେ ପହଂଚିବାକୁ ଦେଲେ ନାହିଁ। ନିଜ ଅକ୍ତିଆର ଭିତରକୁ ପୁଣିଥରେ ନେଇଗଲେ ତାକୁ। ଗଦ ସୁଂଘାଇ ବଶୀଭୂତ କଲାଭଳି ବିଚାରି ପାର ଏକଥାର ଗୂଢ ରହସ୍ୟ ଭେଦ କରିପାରିଲାନି। କକ୍ଷବିଚ୍ୟୁତ ହୋଇ ଛିଟିକି ପଡିଲା କୋଉ ଗୋଟାଏ କଣକୁ। ସେଦିନଠାରୁ ସେ ଏମିତି ଏକାକୀ ଚାଲିଛି। ପରଘରର ଅଇଁଠାବାସନ ଭିତରେ ନିଜର ଅସ୍ୱଷ୍ଟ ଓ ମଇଳା ପ୍ରତିଫଳନକୁ ଦେଖିବାର ଚେଷ୍ଟା କରିଛି। ଅନ୍ୟର ଆଦେଶକୁ ମଥା ପାତି ଆଦରି ନେଇଛି ନିଜ ପିଲାଟିକୁ ଏକ ସୁଖକର ଭବିଷ୍ୟତ ଦେବାର ଆଶ୍ୱାସନାରେ।

ଗାଡିରେ ଆସିବାବେଳେ ମାଲିକାଣୀ ବାଟସାରା ତା ପିଲାଟିକୁ କୋଳରେ ଧରିଥିଲେ, ନିଜ ପିଲାଟି ଭଳି। ପାରର ମନ ବି କିଛି ପରିମାଣରେ ବୁଝିଯାଇଥିଲା ସେତେବେଳକୁ। ପାଣିରେ ବୁଡିଯାଉଥିବା ଲୋକର କୁଟା ଖିଅକୁ ଆଶ୍ରା ଭଳି ଏ ଅସମୟରେ ମାଲିକାଣୀଙ୍କ ସ୍ନେହ ତାକୁ ନିଜ ସହିତ ପୁନଶ୍ଚ ଭେଟ କରାଇଲା। ତାପରେ ପାର୍ବତୀ ମନ ଓ ଶରୀରକୁ ପଥର କରି ଆଖିରୁ ଲୁହ ପୋଛିଲା। ସେଦିନର ମାଲିକାଣୀଙ୍କ ମହୁ ଝରା ଦି'ପଦ କଥାରେ ସେ ନିଜକୁ ସଂଭାଳି ତା ସାରା ଜୀବନକୁ ଉତ୍ସର୍ଗ କରିଦେଲା। ବିନା ଦ୍ୱିଧାରେ ସବୁକିଛି ଆପଣେଇନେଲା।

ଏଇଠି ବଡହେଲା ତା ପୁଅ ଆଉ ସବୁଦିନ ପାଇଁ ପାର୍ବତୀ ସଂସାର ଭିତରେ ନିରୁଦ୍ଦିଷ୍ଟ ହୋଇଗଲା। ପୁନର୍ବାର ବିବାହ କରିବାର ଖିଆଲ ବି ରଖିଲା ନାହିଁ। ପୁଅ ଧୀରେ ଧୀରେ ବଡହୋଇ ବାପପରି ଯୋଗ୍ୟ ହେଲା। ମାଆ ହାତରୁ କାମ ଛଡେଇଲା। ମାଆକୁ ଘରେ ବସାଇ ନିଜେ ପରିଶ୍ରମ କରି ରୋଜଗାର କରିବ ବୋଲି ସ୍ୱପ୍ନ ଦେଖାଇଲା। ପାର୍ବତୀ ଆଖିରେ ଆନନ୍ଦାଶ୍ରୁ। ସତରେ ତା ପୁଅ ଯୋଗ୍ୟ ହେବ କେବେ ଆଉ ସେ ପର ଧନ୍ଦା ଛାଡି ନିଜ ଛୋଟିଆ ସଂସାର ସୁଖକୁ ନେଇ ଜୀଇଁ ଉଠିବ ନୂଆ କରି। ସକାଳୁ ଉଠି କାହାର ଅଇଁଠା ବାସନ କି ଲୁଗାପଟା ସଫା ନକରି ସେ ଅଗଣାରେ ବସି ଦୂରକୁ ଚାହିଁବ। ମନ୍ଦିରକୁ ଯାଇ ଭଜନ କୀର୍ତ୍ତନ କରିବ। ତା ମନ ହିସାବରେ ଜୀଇଁବ। ଆଉ ପର ଅଧୀନସ୍ଥ ହେବନାହିଁ। ଜୀବନଟା ସାରା ସେ ଅନ୍ୟ ପାଇଁ କରିଛି। ସେମାନଙ୍କ ଦୁଃଖ ସୁଖରେ ସାହା ହୋଇଛି।

ଏବେ ଟିକେ ନିଜପାଇଁ ବଂଚନ୍ତା, ସୁଖ ଗୋଟାନ୍ତା! କାରଣ ଏଥିପାଇଁ ସେ କଠୋର ତପସ୍ୟା କରିଛି। ସବୁ ଦୁଃଖର ସାମ୍ନା କରିଛି। ଭଲ ଭାବରେ ଜୀଇଁବାର ଅଧିକାର କଣ ତାର ନାହିଁ। ସ୍ୱାଭାବିକ ଜୀବନଟିଏ ସେ କଣ ଏ ଜନ୍ମରେ ଜୀଇଁପାରିବ ନାହିଁ? ଯାହାପାଇଁ ତାର ଜୀବନବ୍ୟାପୀ ସାଧନା..ସେ ଫଳ କଣ ସେ ପାଇପାରିବ ନାହିଁ? ଦିନେ ହଠାତ୍ କିଛି ହରାଇଦେବାର ଆତ୍ମପୀଡନ ସହିନପାରି ସେ ଫେରିଲା ପୂର୍ବଜାଗାକୁ। ସେଠାରେ ଥିବା ଜଣାଶୁଣା ଲୋକମାନେ କହିଲେ ଯେ ଅନାଦି ସେବେଠାରୁ ନିରୁଦ୍ଦିଷ୍ଟ! ସେ ଚାଲିଯାଇଛି..ଦୂରକୁ ଯେଉଁଠି ପାରର ପ୍ରତ୍ୟାଖ୍ୟାନ ତାକୁ ଆଘାତ ଦେଉନଥିବ। ହେଲେ ତାର ଏପରି ଅନ୍ତର୍ଦ୍ଧାନ ହେବାର କାରଣ ଯେ ନିଜେ ପାର ସେକଥାକୁ ସେ ଅସ୍ୱୀକାର କରିପାରିଲା ନାହିଁ।

ହୁଏତ ସେ ବି ଗୋଟେ ଅଜବ ଗୋଳମାଳ ଭିତରେ ଘାରି ହେଲା। ଦ୍ୱନ୍ଦ୍ୱ ଭିତରେ ଘାଂଟିଚକଟି ହେଲା। ଭାବିଲା କାଳେ କିଛି ହଜାଇଦେଲା କି? ଗୋଟେ ଅଭାବିତ ମୁହୂର୍ତ୍ତରେ ପଡି ସେ କିଛି ଭୁଲ୍ ନିଷ୍ପତ୍ତି ନେଇଗଲାନି ତ? ନିଜର ସ୍ୱାଧୀନତାକୁ ପାଇ ପୁଣି ହରାଇଦେବାର ମୂର୍ଖତା ତାକୁ ଜଡ କରି ଦେଲା। କିଛି ଜାଣିବା ଓ ବୁଝିବା ପୂର୍ବରୁ ତାର ରାସ୍ତା ବଦଳିଯାଇଥିଲା।

*(କ୍ରମଶଃ)*

## ବିଚିତ୍ରା କବିତା



### ସାହିତ୍ୟିକ

**ସୁଧାଂଶୁ ଶେଖର ଦ୍ୱିବେଦୀ**



ଶବ୍ଦର ମାୟାଜାଲ
ଚକ୍ରବ୍ୟୂହ ଭଳି ବଡ଼ ଜଟିଳ
ତଥାପି ଜଟିଳତାକୁ ସରଳ କରି
ଗଢିହୁଏ ଅନେକ ଶବ୍ଦର ପ୍ରକୃତି
ଲେଖକ ଯିଏ ରୋକି ପାରେନି
ଗହନ ଭାବରେ ଗଢି ଦେଇଥିବା ଭାଷାକୁ
ହୃଦୟରେ ଯାହା ଲିପିବଦ୍ଧ ଥାଏ
ଲେଖିଦିଏ ତାହା କାଗଜରେ
ତାହାହିଁ ହୁଏ ଦୁନିଆ ପାଇଁ
ଗହନ ଜ୍ଞାନର ବିଜ୍ଞାନ
କେବେ ସେ ଭାବେନି ଫଳର ଇଚ୍ଛା
ଏହାହିଁ ତା'ର ଗୁଣ ଓ ଗାରିମା
ପ୍ରତିଟି ଶବ୍ଦରେ କଲମ ଚଳେ
ଆକୃଷ୍ଟ କରେ ଧ୍ୟାନ
ଯାହାର ନଥାଏ ଧ୍ୟାନ
ତାକୁ ବି ଦିଏ ସଂଜ୍ଞାନ
ମନରୁ ବାହାରେ ଶବ୍ଦ ଏମିତି
ଯେମିତି ତୀରରୁ କମାଣ
ଶବ୍ଦକୁ ଯୋଡି ପୁସ୍ତକରେ କରେ ଶୃଙ୍ଗାର
ପ୍ରତିଟି ରୂପ, ରସ, ରଙ୍ଗକୁ ନେଇ
ମହାନ ହୁଏ ସେଇ ସାହିତ୍ୟିକ।

*ବିସି-୭୪, ସଲଟ ଲେକ, କଲକାତା-୬୪*
*ମୋ-୯୬୮୧୩୭୩୫୧୨*

### ମୋହ

**ଡକ୍ଟର ମନୋରଞ୍ଜନ ବିଷୋୟୀ**



ବେଳେବେଳେ
ସତ୍ୟର ଅପେକ୍ଷାରେ
ମିଥ୍ୟାକୁ ଆପଣାର
କରିବାକୁ ପଡ଼େ।
ଗୋଟିଏ ଦୁଃଖ ନ ସରୁଣୁ
ଅନ୍ୟଏକ ଦୁଃଖକୁ
ଆଦରି ନେବାକୁ ପଡ଼େ।
ଯନ୍ତ୍ରଣାର ମେଘନାଦପାଚେରୀ
ଡ଼େଇଁବା ଆଶାନେଇ
ପ୍ରତିମୁହୂର୍ତ୍ତରେ
ଲହୁଲୁହାଣ ହେବାକୁ ପଡ଼େ।
ତଥାପି ନା' ମୋହଭାଙ୍ଗେ
ନା' ଭାଙ୍ଗେ ବଞ୍ଚିବାର ଆଶା
ଉଜୁଡ଼ି ପଡୁଥିବା
ଆପଣାର ଇତିବୃତ୍ତକୁ ବଖାଣି
ମୋହରେ ମୋହରେ
ଲୁହ ଢ଼ାଳିବାକୁ ପଡ଼େ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*
*ଦୂରଭାଷ : ୮୮୯୫୧୪୧୭୨୭*

## ସୃଷ୍ଟିର କାରୁଣ୍ୟତା

**ଲଳିତ ମୋହନ ମିଶ୍ର**





ଜୀବନର ଦୋ ଛକିରେ ମନୁଷ୍ୟ। ଏହି ମନୁଷ୍ୟ କେବେ ଜିତୁ ଜିତୁ ହାରିଯାଏ ତ କେବେ ହାରୁ ହାରୁ ଜିତିଯାଏ। ଜୀବନର କୌଣସି ଏକ ଫୁଲ ଫୁଟିବାର ମୁହୂର୍ତ୍ତ ଗୋଟିଏ ପୁରୁଷ ଓ ଜଣେ ନାରୀକୁ ଏକତା ସୂତ୍ରରେ ବାନ୍ଧି ରଖିଥିଲା। ଉଭୟେ ନିୟତିର ଅଦୃଶ୍ୟ ଇଙ୍ଗିତରେ ପରସ୍ପର ନିକଟବର୍ତ୍ତୀ ହୋଇଥିଲେ। ପରେ କୌଣସି ନା କୌଣସି କାରଣରୁ ବାଟ ଭାଙ୍ଗି ଅଲଗା ରାସ୍ତାରେ ଚାଲିଗଲେ। ପୁଣି ସମୟ କ୍ରମରେ....। ଜୀବନ ଚାଲୁଥାଏ ତା'ବାଟରେ, ମଣିଷ ତାକୁ ଅନୁସରଣ କରୁଥାଏ। କାରଣ ଜୀବନ ହେଉଛି ଏକ ସମଷ୍ଟିଗତ ପ୍ରକ୍ରିୟା। ଖୋଜିବା ପାଇବା, ଅଛି ନାହିଁ ର ସମିଶ୍ରଣରେ ଆମ ଜୀବନ। ବଞ୍ଚି ଶିଖିଲେ ଜୀବନ ହୁଏ ମଧୁମୟ। କିଛି ଦିନ ପୂର୍ବରୁ ଏମିତି ଥିଲା ଏକ ମହାମାରୀର କରାଳ ଗ୍ରାସରେ ସାରା ସଂସାର ତ୍ରସ୍ତ। ଏମିତି ଏକ ନିଃସହାୟ ସମୟ ଆସିବ କିଏ କେବେ ଭାବି ନଥିଲା ମନରେ.... ସବୁଆଡେ ମୃତ୍ୟୁର ତାଣ୍ଡବ। କେବଳ ମଣିଷ କାହିଁକି, ଭଗବାନ ବି ନୀରବରେ ବସିଥାନ୍ତି ମନ୍ଦିରର ଗର୍ଭ ଗୃହରେ। ଘର କୋଣରେ ପଥର ମୂର୍ତ୍ତିଟିଏ ପରି ଏବେ ପଡିରହିଛି କାଞ୍ଚନ। ସେ ଭାବୁଛି ଏବେ ଜାଳି ପୋଡି ଛାରଖାର କରିଦେବ ନାହିଁ ତ ମୋର ସଂସାରକୁ। ତାର ସଂସାର ଲୀନ ହୋଇ ଯିବ ନାହିଁ ତ......? ମନରେ ଅନେକ ପ୍ରଶ୍ନ? ଶୂନ୍ୟତାର ଏକ ଖାଁ ଖାଁ ଭାବ ଆବୋରି ବସିଛି ତାର ମନ ଓ ହୃଦୟକୁ। ଯେମିତି ହେଉନା କାହିଁକି... ସୁଖେ ଦୁଃଖେ ତାର ଜୀବନ ସେ କଟାଉ ଥିଲା। ପରିବାର କହିଲେ ଝିଅଟିଏ ଓ ପୁଅଟେ। ଝଡ ଝଞ୍ଜା ମଧ୍ୟରେ ଗତି କରି ତାର ଜୀବନ ରଥ ଯେନ ତେନ ପ୍ରକାରେଣ ଆଗକୁ ଗଡି ଚାଲିଥିଲା। ଏବେ ତା'ର ହସ ଖୁସିର ସଂତୃପ୍ତ ପରିବାର ଏକବାରେ ନିଃସ୍ୱ ହେବାକୁ ଯାଉଛି।

ରାତି ପାଇଲେ ସାବିତ୍ରୀ ବ୍ରତ। ସତ୍ୟବାନଙ୍କ ବିନା ସାବିତ୍ରୀ ବ୍ରତ ନିରର୍ଥକ। ବଜାରର ପରିବା ଦର.. ଫଳ ଦର ନ କହିବା ଭଲ। ନୂଆ ଲୁଗା ଖଣ୍ଡେ କିଣିବା ପାଇଁ ଦୋକାନ ବନ୍ଦ। ଉଦ୍ଧବ କେଉଁ ଦୋକାନୀକୁ କହି ଲୁଗା ଖଣ୍ଡେ କିଣି ଆଣି ଦେଇଛି। ଜୀବନ ମରଣ ଦୋ ଛକିରେ ଆଜକୁ ଦଶ ଦିନ ପରେ ହେବ ପଡି ରହିଛନ୍ତି କୈଳାସ ଆଇସିୟୁରେ। ପ୍ରତିଦିନ ଚାରି ଜଣ ପାଞ୍ଚ ଜଣଙ୍କର ଶବ ଉଠୁଛି ସେଠାରୁ। ଦେଖି ଦେଖି ଜୀବନର ମୋହ ତୁଟିଗଲାଣି। ସ୍ୱାମୀଙ୍କ ମଙ୍ଗଳ ମନାସୀ ଶଙ୍ଖା ସିନ୍ଦୂର ସଦା ବିରାଜମାନ କରୁ ଏହି ଉଦେଶ୍ୟରେ ସବୁ ବର୍ଷ ପାଳନ କରି ଆସୁଛି ସାବିତ୍ରୀ ବ୍ରତ। ସ୍ୱାମୀ ପାଖରେ ଥାନ୍ତୁ ଅଥବା ଦୂରରେ। ନିଜର ହେଉଥାନ୍ତୁ ଅଥବା ପରର। ତାଙ୍କରି ଲାଗି ତ ଏ ଶଙ୍ଖା ସିନ୍ଦୂର... ପୁରାଣ କହେ ଦେବୀ ସାବିତ୍ରୀ ନିଜ ପ୍ରେମର ଶକ୍ତିରେ ଯମରାଜଙ୍କ ଠାରୁ ନିଜ ମୃତ ସ୍ୱାମୀଙ୍କୁ ଫେରାଇ ଆଣିଥିଲେ। ସାବିତ୍ରୀ ସାଧ୍ୱୀ ନାରୀଙ୍କର ଆଦର୍ଶ; ତେଣୁ ଏହା ନିଜ ପତିଙ୍କର ଦୀର୍ଘ ଆୟୁଷ ନିମନ୍ତେ ମଙ୍ଗଳ ମନାସିଥାନ୍ତି। ସଧବା ସ୍ତ୍ରୀମାନେ ସାବିତ୍ରୀଙ୍କ ପରି ଆଜୀବନ ସଧବା ହେବା ପାଇଁ ଏ ଓଷା ବ୍ରତ ପାଳନ କରିଥାନ୍ତି। ଏ ତ ପୁରାଣ କଥା ଆଇ ସଦାବେଳେ କହେ। ସେଥିପାଇଁ ଯୁଧିଷ୍ଠିର ଯେବେ ଋଷି ମାର୍କେଣ୍ଡେୟଙ୍କ ସମୀପରେ ଦ୍ରୌପଦୀଙ୍କ ମହାନତା ବଖାଣିଛନ୍ତି। ଦ୍ରୌପଦୀଙ୍କ ଠାରୁ ମହିୟସୀ ନାରୀ ଧରାରେ ଆଉ ଦ୍ୱିତୀୟ କେହି ନାହିଁ କହିଛନ୍ତି। ସେ ସମୟରେ ଋଷି ମାର୍କେଣ୍ଡୟ କହିଛନ୍ତି - ଦ୍ରୌପଦୀ ମହିୟସୀ ନାରୀ ଏହା ନିଃସନ୍ଦେହ। କିନ୍ତୁ ଏହାଙ୍କ ଠାରୁ ଆହୁରି ଅସୀମ ତେଜମୟୀ, ମଧୁମୟୀ, ପ୍ରେମମୟୀ ମହିୟସୀ ନାରୀ ସେ ହେଉଛନ୍ତି ସାବିତ୍ରୀ। ସେହି ସାବିତ୍ରୀଙ୍କ ପାଇଁ ପ୍ରେମର ପରିଭାଷା କଣ ହୋଇଥିବ? ଶାଶ୍ୱତ ଜୀବନ ପ୍ରବାହରେ ମୃତ୍ୟୁ ଯେ କେତେ ମୂଲ୍ୟହୀନ ହୋଇଥିବ, ତାହା ଆମେ ଆମ ବୁଦ୍ଧି ଓ ବୋଧିରେ ତାହା ଆକଳନ କରିପାରିବା ନାହିଁ।

ଆଜକୁ ଦଶ ଦିନ ହେବ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି କୈଳାସ। କେତେବେଳେ ଭଲ ଶୁଣିବାକୁ ମିଳୁଛି ତ କେତେବେଳେ ଖରାପ। କୁହାଯାଏ ଭାଗ୍ୟ ଓ ଭବିଷ୍ୟ ସବୁ ଈଶ୍ୱରଙ୍କ ହାତରେ। ବିବାହକୁ ଆସି ବିତି ଗଲାଣି ଦଶ ବର୍ଷ। ଆଠ ନଅ ବର୍ଷର ଦୁଇଟି ପିଲାଙ୍କୁ ନେଇ ତାର ଏହି ଛୋଟିଆ ସଂସାର। ପିଲାଦିନୁ ମାଆ ଚାଲିଗଲା। ମାମୁଁ ଘରେ ରହି ବଡ ହେଲା ପାଠ ପଢିଲା କାଞ୍ଚନ। ମନ ମଧ୍ୟରେ କୁହୁଳୁଥିବା ପିଲାଳିଆମି ଓ ଚପଳତାର ଜିଦ୍ ରେ ଧିରେ ଧିରେ ବଡ ହେବାକୁ ଲାଗିଥିଲା କାଞ୍ଚନ। ଛୋଟ ବେଳେ ପିଲା ମାନଙ୍କ ଖେଳଣା ଦେଖି ମନ ଊଣା କରିବା ବଦଳରେ ଦୂରରୁ ଦେଖି ଖୁସି ହୋଇ ଯାଉଥିଲା। ମାମୁଁ ଆଣିଥିବା ତାଙ୍କ ଝିଅର ନୂଆ ଡ୍ରେସ୍ ଦେଖି କୋହରେ ଫାଟି ପଡୁଥିବା ଛାତିକୁ, ସେ ଅନାୟସେ କରି ପାରୁଥିଲା ସଂଯତ। ଅନେକ ସମୟରେ ମନ୍ଦିରର ନିର୍ଜନ ସ୍ଥାନ କାଞ୍ଚନ ଆବୋରି ବସେ ଆତ୍ମୀୟତାର ଛଳରେ। ମନ ଭରି ବୁହାଇ ଦିଏ ହୃଦୟର ସମସ୍ତ ଆବେଗକୁ। ଜାଳିଦିଏ ନିଜ ବାଞ୍ଛିତ ଅଧିକାର। ଯେମିତି ସିଏ ଜଳୁଛି ଆଜି। ଭାଗ୍ୟକୁ ଆଦରି ନେଇ କପାଳ ଲିଖନ ଉପରେ ସବୁକିଛି ନ୍ୟସ୍ତ କରି ଦେଇଥିଲା କାଞ୍ଚନ। କୁମାରୀ ମନରେ ଆନ୍ଦୋଳିତ ଅନେକ ସ୍ୱପ୍ନକୁ ସାକାର କରିବାର ଆଶା ନେଇ ଭାବିଥିଲା; ବିବାହ ପରେ ହୁଏତ ଜୀବନଟା ହୋଇଯିବ ସହଜ। ହୁଏତ! ଦୁଃଖର କାଳରାତ୍ରୀ ଅବସର ନେଇ ଆରମ୍ଭ ହୋଇଯିବ ସୁଖର ପର୍ଯ୍ୟାୟ। *(କ୍ରମଶଃ)*

## ମହାନଦୀର ହତ୍ୟା

**ସୁବ୍ରତ କୁମାର ଜେନା**



ସବୁଥର ପରି ବର୍ଷା ଆସେ,
ଆସେ ପୁଣି ଶୀତ ବୈଶାଖ,
ମୁଁ ବି ଫିଥର ପରି ଯାଏ ଓ ଫେରେ
ଘରୁ ଏ କଂକ୍ରିଟ ଜଙ୍ଗଲକୁ,
ରାସ୍ତାରେ ଭେଟିକି ଯାଏ,
ଭେଟିକି ଫେରେ ସେ ମହାନଦୀକୁ।
ଅନେକ ଦିନ ହେଲାଣି ସେ ମୁହଁ ସୁଖାଇଛି!
କାରଣ କିଏ ପଚାରୁଛି ଯେ,
ସେ ଅନେକ ଥର କହିଛି,
ହେଲେ ସମୟ କାହା ପାଖରେ ଶୁଣିବାକୁ,
ଆଉ କଟକିଆ ଶୋଇଛନ୍ତି ଆରାମ ନିଦରେ,
ତାଙ୍କର ବା କଣ ଯାଉଛି,
ମିଛରେ କଣ କେହି ବଦଳ କରିଦେବେ,
'କଟକ ସହର, ଧବଳ ଟଗର' କୁ,
ଏ ପରା ବହିରେ ଲେଖାସରିଛି କେବେଠୁ,
ଆଙ୍କର କି ତାଙ୍କର କଣ ଯାଉଛି।
ଆଗ ଭଳି ଆଉ ମହାନଦୀ
ଧାଉଁନି ଲୋକଙ୍କ ପାଖକୁ,
ସହର ଡେଇଁ ଗାଁ ଅଭିମୁଖେ,
ସେମିତି ଆସୁନି ଡର ବନ୍ୟାର,
କେତେ ଖୁସିର କଥା,
ଦୁଃଖ କିନ୍ତୁ ଲାଗେ ତାର ଚିତ୍ରକୁ ଦେଖି,
ଆଉ ଫୁଲୁନି ସେ କି ପୁରୁନି ତା ଗର୍ଭ,
ଅନେକ ସମୟ ସେ ଶୋଇରହୁଛି,
ଗୋଟେ ବିରାଟ ନିର୍ଜୀବ ସର୍ପ ପରି,
ଖାଲି ଯାହା କିଛି ନେତାଙ୍କର ଅନ୍ତର ଫାଟେ,
ବନ୍ୟା ଆଳରେ ବେଶ କିଛି ପସିଥାନ୍ତା ଘରେ,
ହେଲେ ସେମିତି କଣ ଘଟଣା ଘଟୁଛି,
ସବୁ ଆଡେତ ବନ୍ଧ ବାନ୍ଧୁଛି ଛତିଶଗଡ଼,
ଆମେ ଚାହିଁଛୁ ଭକୁଆ ହୋଇ,
ନାଇରେ ମାରି ଜଡ଼ା ତେଲ,
ଏମିତିରେ ମହାନଦୀ କଣବା କରିବ,
ଯେତେ ତାର ହତ୍ୟା ହେଉ ପଛେ,
ମୋ ଭଳି କିଛି ନିର୍ଲଜ କହିବୁଲନ୍ତି,
ମହାନଦୀ ଓଡ଼ିଶାର ଜୀବନ ରେଖା ବୋଲି।
ଲୋକେବି ବହୁତ ଖୁସି,
ଏ ବିଚରା ମହାନଦୀକୁ ମୃତ୍ୟୁ ମୁଖକୁ ଠେଲି,
ତେଣେ ଚଷା ପୁଅ ମ୍ରିୟମାଣ,
ଆଗଭଳି ଆଉ ପାଉନି
ସେ କେନାଲରେ ମହାନଦୀକୁ,
ତା ଫସଲ ହସୁନି ମହାନଦୀକୁ ପାଖରେ ପାଇ,
ଆଉ ବର୍ଷାଦିନେ ମିଳୁନି
ସହଜରେ ମହାନଦୀର ମାଛ,
ତଥାପି ସବୁଠୁ ସବୁକୁ ବଞ୍ଚେଇ,
ସରକାର ଦେଉଛି ବଡ଼ ବଡ଼ ଶିଳ୍ପକୁ ପାଣି,
ଖାଲି ମିଛ ପ୍ରଗତିର ଡିଣ୍ଡିମ ପିଟି।

*ଶୂରଡିହ, ନନ୍ଦିପୁର, ଯାଜପୁର*
*ଦୂରଭାଷ -୯୭୭୬୨୦୮୯୩୦*

## କବିତାର କଥା

(ଭାଗ-୭୯)



**ଉମାକାନ୍ତ ରାଉତ**



### ଧାଡ଼ିଏ କବିତା - ଗାଡ଼ିଏ ଲେଖାର ଖୋରାକ୍

ଯେ ମାଆ, ଗାଆଁ, ନଈ ଆଉ ନାଆର କବିଙ୍କୁ ଏତେଦିନ ଲୁଚେଇ ରଖିଥିଲା କିଏ? ତାଙ୍କ କବିତାର ପ୍ରତିଟି ଧାଡ଼ିରେ ଗଦଗଦଉଥିବା ମାଟିକୁ ଭଲ ପାଇବାର ନିଆରା ବାସ୍ନା, ମାଟିରୁ ଗଜୁରି ଆକାଶକୁ ହାତ ବଢାଉଥିବା ବିଶାଳପଣ, ଗୁମାନ ଆଖିର କଅଁଳ ଲୁହ, ଅନୂଢ଼ା ମନର ଚପଳ ମୋହ, ସେରେନ୍ତା ଓଠର ଗୋଲାପ କଢ ଆଉ କୁଆଁରୀ ହସର ଡିବି ଆଲୁଅକୁ ଏତେଦିନ ଅନ୍ତର୍ଦ୍ଧାନ କରେଇଥିଲା କିଏ?

ଏକଥା କାହାକୁ ଅଜଣା ଯେ ଓଡିଶା ଗୋଟେ ନଦୀବହୁଳ ରାଜ୍ୟ। ନଈକୁ ନେଇ ଏଠି କେତେ ବ୍ୟଥା, କେତେ କଥା,କେତେ ନଥା, କେତେ କେତେ ଗୀତ, କେତେ ନାଟ, କାହିଁ କେତେ କାହାଣୀ..........। ହେଲେ ନଈ ଥିବ ଅଥଚ ସେଥିରେ ନଥିବେ ଏଇ କବି -- ଏକଥା କ'ଣ ସମ୍ଭବ? ସେଥିପାଇଁ ତାଙ୍କ ଛାତିରୁ ଛିଟିକି ପଡ଼ିଲା କି 'ଏଇ ନଈ ଥିବ ମୁଁ ନ ଥିବି'।

ଏଇ ଅସମ୍ଭବକୁ ସମ୍ଭବ କଲା କିଏ? ନଈର ନଈଏ ପାଣିରେ ମାଛ ପରି ପହଁରୁଥିବା ଜହ୍ନ ମଣିଷକୁ ନଈର ଠିକଣାରୁ ବାଦ୍ ଦେଇଥିଲା କିଏ? ସହିର ଗାଁ ଆଉ ତାଙ୍କ ଗାଁ ଦୋସମାଳିରେ ନଈର ପୋଟ୍ରେଟ୍‌ରୁ ତାଙ୍କର ଛବିକୁ ଢଙ୍କେଇ ପକେଇଥିଲା କିଏ? ଗେଣ୍ଡାଳିଆ ଡେଣା ତଳେ ବଳକା ସୂର୍ଯ୍ୟାସ୍ତ ଲୁଚିଗଲାପରି କବିଙ୍କର ନିରୂତା କବିପଣ, ଗାଆଁର ରହଣି, ପୁରସ୍କାର -ମାନପତ୍ର-ସମ୍ବର୍ଦ୍ଧନା, ଯୋଗାଡ଼ଯନ୍ତ୍ର ପ୍ରତି ନିଃସ୍ପୃହତା ଅବା ଲବି ବିମୁଖତା କ'ଣ ଲୁଚେଇ ଦେଇଥିଲା ତାଙ୍କ କରିସ୍ମାର ଗାଥା?

ନା ପଦପଦବୀ ହାତେଇଥିବା ତଥାକଥିତ ମୁଣ୍ଡିଆଳଙ୍କ ପଦଲେହନରେ ତାଙ୍କର କାର୍ପଣ୍ୟ, କିଛି ଡିଗ୍ରୀଧାରୀ ଠିକା ସମାଲୋଚକଙ୍କ ମତଲବି ଅପାରଗତା କିମ୍ବା ନିଜକୁ ସାରସ୍ୱତ ରାଇଜର ବାସିନ୍ଦା ବୋଲାଇ ନିଜ ହାତରେ ନିଜେ ଚଉଦ ପା' ସାଜୁଥିବା ଉପାଦାନମାନଙ୍କର ହୀନମନ୍ୟତା ଏଥିପାଇଁ ଦାୟୀ? ନା ଆଉକିଛି?

ଏକଥା ଜାଣିବାକୁ ହେଲେ କିଛି ବାଟ ପଛକୁ ଫେରିବାକୁ ପଡ଼ିବ।ରୋମନ୍ଥନ କରିବାକୁ ପଡ଼ିବ ପିଛିଲା ଦିନର କେଇଟି ଘଟଣାକୁ।ଆବିଷ୍କାର କରିବାକୁ ହେବ ଏହାର ପୃଷ୍ଠଭୂମି।ତାଙ୍କ କବିତ୍ୱର ମାୟାରେ ଆମେ ଏମିତି ବାୟା ହୋଇଯାଇଥିଲୁ ଯେ ଏ ଲେଖକ ଓ କବି ବାଦଲ ମହାନ୍ତିଙ୍କୁ ସେ ମାୟା ସ୍ୱୟଂକ୍ରିୟଭାବେ ଟାଣି ନେଇଯାଇଥିଲା ଭୁବନେଶ୍ୱରରୁ ପ୍ରାୟ ନବେ କିଲୋମିଟର ଦୂରତାରେ ଥିବା ନିପଟ ଗାଆଁର ଏକ ନିଭୃତ କୋଣରେ ଅଖ୍ୟାତ ଭାବେ ପ୍ରାୟ ନିଃସଙ୍ଗ ଜୀବନଯାପନ କରୁଥିବା ଏହି ନିର୍ଭେଜାଲ କବିଙ୍କ ପାଖକୁ।

ମିଶନର ଥିଲା - ଅନୁସନ୍ଧାନସାପେକ୍ଷ ଏହି ନିରଳା କବିଙ୍କର ଅନୁସନ୍ଧାନ। ନା, ଆହୁରି ଯଥାର୍ଥ ହେବ,ଏକଥା କହିଲେ ଯେ ତାଙ୍କରି ଉକ୍ତି' ଏଇ ନଈ ଥିବ, ମୁଁ ନଥିବି 'କୁ ଭୁଲ୍ ପ୍ରମାଣିତ କରିବାକୁ।

କିଏ ଏହି କବି? କ'ଣ ତାଙ୍କର ଠିକଣା?? କାହିଁକି ଆଜିର କୌଣସି ପତ୍ରପତ୍ରିକାରେ ନାହିଁ ତାଙ୍କର ଚିହ୍ନବର୍ଣ୍ଣ? କାହିଁ କେହିତ କୌଣସି ସଭାସମିତିରେ ଉଚ୍ଚାରଣ କରୁନାହିଁ ତାଙ୍କର ନାମ!? କାହିଁ କେହି ସମାଲୋଚକ ତ କହୁନାହିଁ ତାଙ୍କ ସାରସ୍ୱତ ସର୍ଜ୍ଜନାର କଥା?

ଏସବୁ ସେମାନଙ୍କର ଅପାରଗତା ନା ଅସହାୟତା ନା ହୀନମନ୍ୟତା?

ଏସବୁ ଦ୍ୱନ୍ଦ୍ୱର ଅବସାନ ଘଟାଇବା ପାଇଁ ମୁଁ ଓ ଅନୁଜପ୍ରତିମ ବାଦଲ୍, ଦୁହେଁ ଆରମ୍ଭ କରିଥିଲୁ ଏକ ସାରସ୍ୱତ ମିଶନ୍, ଯାହାକୁ ବାଦଲ୍ ତା'ର ସାରସ୍ୱତ ନିଷ୍ଠା ,ଆନ୍ତରିକ ପ୍ରଚେଷ୍ଟା ଓ ତା'ର ମାନସ ସନ୍ତାନ 'ବର୍ଷା ପବ୍ଲିକେଶନସ୍' ମାଧ୍ୟମରେ ଏକ ନିର୍ଣ୍ଣାୟକପ୍ରାୟ ପର୍ଯ୍ୟାୟ ପର୍ଯ୍ୟନ୍ତ ଆଗେଇ ନେଇ ଯାଇପାରିଛି ବୋଲି ମୋର ମତ ଓ ବିଶ୍ୱାସ। ପର୍ଯ୍ୟାୟକ୍ରମେ ପରବର୍ତ୍ତୀ ଭାଗମାନଙ୍କରେ ସେ ଯାତ୍ରା ସମ୍ପର୍କିତ ସମ୍ୟକ ସୂଚନା ଦେବାର ପ୍ରୟାସ ଅବଶ୍ୟ ରହିବ।ପୂର୍ବରୁ ସୂଚନା ଦେଇସାରିଛି ଯେ ଏଇ ନଈ ଥିବ ଅଥଚ ସିଏ ନଥିବେ - ଏକଥା ସ୍ୱପ୍ନରେ ବି ସମ୍ଭବ ନୁହେଁ।

ଏବେ ଆଉ ଆପଣଙ୍କ ମନରେ ଦ୍ୱନ୍ଦ୍ୱ ଉଠୁଛି କି; ମୁଁ କେଉଁ ସାରସ୍ୱତ ସାଧକଙ୍କ କଥା କହୁଛି? ବୋଧହୁଏ 'ନା'। ତେବେ ମୋ'ର ଠାରୁ ଶୁଣିବାକୁ ଚାହୁଁଛନ୍ତି ତ ଶୁଣନ୍ତୁ — ସିଏ ହେଲେ ଢଁସର ଗାଆଁରେ ରହୁଥିବା ଗାଁ, ମା', ନଈ, ନାଆ ଆଉ ନାରୀର କବି ସତ୍ୟବାଦୀ - କବି ସତ୍ୟବାଦୀ ରାଉତ ଯାହାଙ୍କୁ ଧାଡ଼ିଏ ପଢ଼ିଲେ ଗାଡ଼ିଏ ଲେଖିବାକୁ ଉଚ୍ଛୁର ହୁଏ ମନ, ଯାହାଙ୍କୁ ଦେଖିବାକୁ ମନସ୍ଥ କରି ନିସ୍ତବ୍ଧ ରାତିରେ ତାଙ୍କ ଘରକୁ ଯିବାକୁ ବାହାରି ଯାଇଥିବା ବିଶିଷ୍ଟ ଚିତ୍ରଶିଳ୍ପୀ ଛନ୍ଦାଚରଣ ଆଚାର୍ଯ୍ୟ ଏବଂ ତାଙ୍କ ସାଥୀମାନେ ତାଙ୍କର କବିତାର ଧାଡ଼ିକୁ ସ୍ମରଣ କରି ବାଟରେ ନଈ ଅଛି(ସତରେ ନଈର ପ୍ରତିବନ୍ଧକ କିଛି ନଥିଲା, ହେଲେ କଟାମେଖଳା ଭଳି ବାଟ 'ନଈକୁ ପାଟ କରିପିନ୍ଧିଥିଲା କବିଙ୍କ କବିତାର ଧାଡ଼ିରେ) ବୋଲି ଟ୍ୟାକ୍ସି ବୁଲେଇ ଫେରି ଯାଇଥିଲେ କେଇ ଦଶକ ତଳେ। ଏମିତି କାବୁ କରିପାରେ କବିତାର ପ୍ରଭାବ! କବିତାର ଧାଡ଼ିରୁ ଜୀବନ୍ତ ହୋଇଉଠେ ନଈ?! ପରବର୍ତ୍ତୀ ଭାଗ କହିବ ସେସବୁ କଥା....?

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ୫ବର୍ଷ ହେଲା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିଛି ଅତିରିକ୍ତ ଶ୍ରେଣୀ ଗୃହ

**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳଗୁମ୍ମା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହିର୍ମିମୁଣ୍ଡା ଗ୍ରାମରେ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ସରକାରଙ୍କ ତରଫରୁ ଲକ୍ଷ ଲକ୍ଷ ଟଙ୍କା ୫ବର୍ଷ ଆଗରୁ ଆସିଥିଲା। ନିର୍ମାଣ କାମ ବି ଦ୍ରୁତ ଗତିରେ ଆଗେଇ ଚାଲିଥିଲା, ମୂଳରୁ ନିର୍ମାଣ ହୋଇ ଛାତ ଉପର ବି ସମ୍ପୂର୍ଣ୍ଣ ହେଲା। ହେଲେ କାହିଁକି ସଂପୂର୍ଣ୍ଣ ନିର୍ମାଣ ହୋଇ ପାରିନାହିଁ କହିବା ମୁସ୍କିଲ୍। ବର୍ଷ ବର୍ଷ ୫ବର୍ଷ ହେଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡିନି। ଯାହାର ପରିଣାମ ପ୍ରଥମଶ୍ରେଣୀ ରୁ ଆରମ୍ଭ କରି ୭ମ ଶ୍ରେଣୀ ପିଲାଙ୍କୁ ଦେଖିଲେ, ଲାଗୁଛି ଗାଈ ଗୋଠ ରେ ଯେମିତି ଏକତ୍ର ଗାଈ ବଳଦ ମେଣ୍ଢା ଛେଳି ଇତ୍ୟାଦି ଗୋଟିଏ ଗୋଠ ରେ ରହିଥାନ୍ତି। ଠିକ୍ ଏହି ବିଦ୍ୟାଳୟ ଗୃହ ରେ ମଧ୍ୟ ଯେ, ଦେଖିଲେ ସେ କହୁଛି ଏହିଟା ଗାଈ ଗୋଠ ନା କଣ? ବିଦ୍ୟାଳୟ ରେ ଶିକ୍ଷା ଦେବା ପାଇଁ ଶିକ୍ଷକ ଶିକ୍ଷୀୟତ୍ରିର ଅଭାବ ନାହିଁ। ଅତିରିକ୍ତ ଶ୍ରେଣୀ ଗୃହ ର ହିଁ ଅଭାବ ରହିଛି। ରାଜ୍ୟ ସରକାର ଶିକ୍ଷା ବିଭାଗର ଗଣ ଶିକ୍ଷା ମନ୍ତ୍ରୀ ସମୀର ଦାସ ବାହାବା ମାରୀ ପବିତ୍ର ଗୃହ ରେ ବିଧାନସଭାରେ ବିଧାୟକ ମାନଙ୍କ ପ୍ରଶ୍ନ ବାଣରେ ଅତି ସୁନ୍ଦର ଭାବରେ ଶିକ୍ଷାର ବିକାଶ ପାଇଁ ଭିତ୍ତିଭୂମି ଉପରେ ରାଜ୍ୟ ସରକାର ୫ଟି ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତ ରେ ସ୍ମାର୍ଟ ବିଦ୍ୟାଳୟ ନିର୍ମାଣ କାମ ଆଗେଇ ନେଉଛନ୍ତି। ହେଲେ ବାସ୍ତବରେ ମନ୍ତ୍ରୀ ଉତ୍ତର ଦେଉଛନ୍ତି ଗୋଟେ ହେଉଛି ଗୋଟେ, କେତେ ବେଳେ ୫ଟି ରେ ନିର୍ମାଣ ଗୃହ ସଂପୂର୍ଣ୍ଣ ହୋଇ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗୀୟ ଅଧିକାରୀ ଜିଲ୍ଲା ରେ ପାଦ ଦେଉଁ ଦେଉ ଭୂଷଡି ପଡୁଛି ତ କେତେବେଳେ ପାଚେରୀ ଭାଙ୍ଗି ଦୁଇ ଫାଳ ହୋଇଯାଉଛି। ହେଲେ ବି ଜିଲ୍ଲା ଶିକ୍ଷା ବିଭାଗୀୟ ଅଧିକାରୀ ଆରମରେ ଘୁଙ୍ଗୁଡ଼ି ନିଦ ମାରି ଶୋଇଥିବା ଦେଖିବାକୁ ମିଳୁଛି। ବ୍ଲକ୍ ପ୍ରଶାସନ ଠାରୁ ପ୍ରତିକ୍ରିୟା ନେଲେ ଉତ୍ତର ମିଳୁଛି ସେ କିଛି ମାସ ହେଲା ଦାୟୀତ୍ୱ ନେଇ, ହେଲେ



ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବାବୁ ମାନେ କହୁଛନ୍ତି କଣ? ୨ବର୍ଷ ହେଲା ଶ୍ରେଣୀ ଗୃହ ଗୁଡ଼ିକ ବ୍ଲକ୍ କୁ ଆମେ ସମର୍ପଣ କରି ଦେଇଚୁ କହି କାମ ସାରି ଦେଉଛନ୍ତି। ଏଥିରୁ ସ୍ପଷ୍ଟ ଭାବରେ ଜଣା ପଡୁଛି ଯେ, ବିଭାଗୀୟ ଅଧିକାରୀ ମାନଙ୍କ ମଧ୍ୟରେ ଉତ୍ତମ ତାଳ ମେଳ ରହି ନ ଥିବା ଯୋଗୁ ବିଭାଗୀୟ ଅଧିକାରୀ ଙ୍କ ତୃଟି ଯୋଗୁଁ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଆଉ କେତେ ବର୍ଷ, ମାସ, ଦିନ ଗଲେ ଦୀପ ତଳ ଅନ୍ଧାର ହଟିବ ଅସମ୍ପୂର୍ଣ୍ଣ ଶ୍ରେଣୀ ଗୃହ ସଂପୂର୍ଣ୍ଣ ହେବ। ଶ୍ରେଣୀ ଗୃହ ରେ ପିଲାଏ ପ୍ରବେଶ କରିବେ କେବେ? ଏହାକୁ ନେଇ ବିଜେପି କଂଗ୍ରେସ ଶାସକ ଦଳ ର ନିର୍ବାଚିତ ପ୍ରତିନିଧି ମାନେ ପଞ୍ଚାୟତ ସମିତି ବୈଠକ କିମ୍ବା ଜିଲ୍ଲା ପରିଷଦ ବୈଠକ ରେ ମାସ ବର୍ଷ ହେଲା ସ୍ୱର ଉତ୍ତୋଳନ ନ କରିବା ଏବଂ ସରକାରୀ ବାବୁ ମାନଙ୍କୁ ପଦୁଟିଏ ନ କହିବା ଶାସକ ଦଳ ପିଲାମାନଙ୍କ ଭବିଷ୍ୟତ ସହିତ ଖେଳୁଛି ବୋଲି କହିବା ସହିତ ଜିଲ୍ଲାପାଳ ତୁରନ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଜିଲ୍ଲା କଂଗ୍ରେସ ଆଦିବାସୀ ସେଲ ସଭାପତି ଦିଲ୍ଲିପ ପ୍ରଧାନୀ, ବିଜେପି ଅଞ୍ଚଳଗୁମ୍ମା ମଣ୍ଡଳ ସଭାପତି ନନ୍ଦ ନନ୍ଦନ ବିଷୋୟୀ ଙ୍କ ସମେତ ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରେସ ଦାବୀ କରିଛି। ଏ ନେଇ ତେନ୍ତୁଳିଖୁଣ୍ଟି ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ଯୋଗା ଯୋଗ ହୋଇ ହୋଇ ନ ଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଁ ପାରି ନାହି।

# ମଞ୍ଜୁବାଳା ନାୟକ ବନ୍ତ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ

**ଆଗରପଡ଼ :** ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ତରଫରୁ ନିର୍ଦ୍ଦେଶନାମା ନଂ.ଏସଏମଇ-ଏଫଇ-ଓଇଏସ-୦୧୫୨-୨୦୨୨-୧୫୯୫୫/ଏସଏମଇ,ତା୨୨/୦୭/୨୦୨୨ ଅନୁଯାୟୀ ମଂଜୁବାଳା ନାୟକଙ୍କୁ ବନ୍ତ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଦାୟିତ୍ୱ ଅର୍ପଣ କରାଯାଇଛି। ଏଠାରେ ପ୍ରକାଶ ଥାଉକି; ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ତରଫରୁ ନିର୍ଦ୍ଦେଶନାମା ନଂ.ଏସଏମଇ-ଏଫଇ-ଓଇଏସ-୦୧୫୨-୨୦୨୨-୧୧୪୮୮/ଏସଏମଇ,ତା୨୭/୦୫/୨୦୨୨ ଅନୁଯାୟୀ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ଅଧିର କୁମାର ତରାଇଙ୍କୁ ଭଣ୍ଡାରିପୋଖରୀ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ରୂପେ ବଦଳି କରାଯାଇଥିଲା। ବଦଳି ପୂର୍ବରୁ କିଛି ମାସ ଧରି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ଅଧିର କୁମାର ତରେଇ ନିଜ କାର୍ଯ୍ୟକୁ ନେଇ ବେସ ଚର୍ଚ୍ଚାରେ ରହି ଆସୁଥିଲେ। ତାଙ୍କ ବିରୁଦ୍ଧରେ ସାମଜିକ କର୍ମୀ ବିକାଶ କୁମାର ଧଳ ସୂଚନା ଅଧିକାର ଆଇନ ବଳରେ ହସ୍ତଗତ କରିଥିବା ବିଭିନ୍ନ ଅଭିଯୋଗକୁ ଭଦ୍ରକ ଜିଲ୍ଲାପାଳଙ୍କ ସମେତ ବିଭାଗୀୟ ଅଧିକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ଉକ୍ତ ବ୍ଲକ ସମ୍ବଳ ଶିକ୍ଷୟିତ୍ରୀ ଟୁନାବାଳା ଦାସ ଶ୍ରୀ ତରାଇଙ୍କ ବିରୁଦ୍ଧରେ ଅଭିଯୋଗ ଆଣି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ କିନ୍ତୁ ତାଙ୍କ ଅଭିଯୋଗକୁ ୨ମାସ ପୁରି ଯାଇଥିଲେ ସୁଦ୍ଧା ଜିଲ୍ଲାପାଳ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସେ ମଇ ମାସ ୯ ତାରିଖରୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ତାଙ୍କୁ ଭଣ୍ଡାରିପୋଖରୀ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ରୂପେ ବଦଳି କରାଯିବା ସହ



ଭଣ୍ଡାରିପୋଖରୀ ଶିକ୍ଷାଧିକାରୀ ମଂଜୁବାଳା ନାୟକଙ୍କୁ କପ୍ତିପଦା, ମୟୂରଭଞ୍ଜକୁ ଶିକ୍ଷାଧିକାରୀ ରୂପେ ବଦଳି କରାଯାଇଥିଲା। ଉକ୍ତ ବଦଳିକୁ ନେଇ ସେତେବେଳେ ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଥିଲା। ଆଶାବାଡି ଧରି ଚଲାବୁଲା କରୁଥିବା ଜଣେ ସଙ୍କୋଟ ମହିଳା ବିଇଓଙ୍କୁ ରାଜନୈତିକ ଆକ୍ରୋଶ ରଖି ଜିଲ୍ଲା ବାହାରକୁ ବଦଳି କରାଯାଇଥିବା ଖବର ପ୍ରକାଶ ପାଇଥିଲା।

# ବଢ଼ିଚାଲିଛି ଜମି ଦର; ବଢୁନାହିଁ ରାଜସ୍ୱ

**ଜଗତସିଂହପୁର :** କଟକ-ପାରାଦ୍ୱୀପ ରାସ୍ତା ପାର୍ଶ୍ୱ ଚାଷଜମି ଗୁଡ଼ିକର ଦର ଅପ୍ରତ୍ୟାଶିତ ଭାବେ ବଢି ବଢ଼ି ଚାଲିଥିବା ବେଳେ ସରକାରଙ୍କ ରାଜସ୍ୱ ବୃଦ୍ଧି ହୋଇପାରୁନାହିଁ। ହଜାର ହଜାର ଚାଷଜମି ଏଥି ମଧ୍ୟରେ ଘରୋଇ ଭାବେ ବାସପୋଯୋଗୀ ଜମିରେ ପରିବର୍ତ୍ତନ ହୋଇ ଘରଦ୍ୱାର ଠାରୁ ଆରମ୍ଭ କରି ଦୋକାନ ବଜାର ହୋଇଚାଲୁଥିବା ବେଳେ ଚାଷ ଜମି ସବୁ ଦ୍ରୁତଗତିରେ ହ୍ରାସ ହୋଇଚାଲିଛି। କେବଳ କଟକ-ପାରାଦ୍ୱୀପ ରାସ୍ତା ନୁହେଁ ଗାଁରେ ଗାଁରେ ଘରେ ଘରେ ମତାନ୍ତର ଯୋଗୁଁ ଗୋଟିଏ ଭାଇ ଅନ୍ୟସ୍ଥାନରେ ଚାଷଜମି କିଣି ଘରକରି ରହିଯିବାରେ ସକ୍ଷମ ହେଉଛି, ଫଳରେ ବିଲ ମଧ୍ୟରୁ ଜଳନିଷ୍କାଷନ ପଥ ଉପରେ ଅଙ୍କୁଷ ଲାଗିଯାଉଛି। ଏପରିକି କେନାଲ ମଧ୍ୟରୁ ବିଲ ମଧ୍ୟକୁ ପାଣି ଯିବାରେ ଏକପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବହୁ ଲୋକ ରାସ୍ତାକଡ ମାନଙ୍କରେ ଜମିସବୁ କ୍ରୟ କରି ନିଜର ଯାତାୟତ ରାସ୍ତାପାଇଁ ବହୁ ମାତ୍ରାରେ ଗୋଚର, ଅନାବାଦୀ ଓ ଅଙ୍କିରା ଜମି ସବୁକୁ ଜବରଦଖଲ କରି ରଖୁଛନ୍ତି। ଏ ବାବଦରେ ଗୋଟିଏ ବି ଟଙ୍କା ସରକାରଙ୍କ ତହବିଲ୍‌କୁ ଯାଉନାହିଁ। ବହୁ ସ୍ଥାନମାନଙ୍କରେ ଲୋକମାନେ ସରକାରୀ ଜମି ଉପରେ ଦୋକାନ ଘର, ହୋଟେଲ, ଚା ଓ ଜଳଖିଆ ଦୋକାନ ମାନ ନିର୍ମାଣ କରି ଲକ୍ଷଲକ୍ଷ ଟଙ୍କାର ବେପାର କରୁଥିଲେ ବି ତହସିଲ କାର୍ଯ୍ୟାଳୟ ଓ ରାଜସ୍ୱ ନିରୀକ୍ଷକମାନେ ସେମାନଙ୍କ ଠାରୁ ଖଜଣା ଆଦାୟ କରିବାରେ ସକ୍ଷମ ହୋଇପାରିନାହାଁନ୍ତି। ସରକାରି ଜମି ସବୁକୁ ଦଲାଲ ମାନେ ହରିଲୁଟ୍ କରି ନେଉଛନ୍ତି। ବହୁସ୍ଥାନ ମାନଙ୍କରେ ନଈ, ନାଳ ଜମିସବୁକୁ ମନକୁ ରୂପାନ୍ତରିତ କରି ପୋଖରୀ ବା ବୃକ୍ଷରୋପଣ କରିଦେବାକୁ ସକ୍ଷମ ହେଉଛନ୍ତି। ଜଗତସିଂହପୁର ଜିଲ୍ଲାରେ ବଡବଡ ନଈ ଓ ନାଳ ଗୁଡିକ ନିକଟରେ ଥିବା ଅନବାଦୀ ଜମିଗୁଡିକୁ ରାତି ଅଧିଆ ଦଖଲ କରି ଜେସିବି ମେସିନ୍ ଦ୍ୱାରା ମାଟି ଖୋଳି ଘର ବା କୋଠାଘର ମାନ କରି କୋଟିପତି ହେଉଥିବା ବେଳେ ସରକାରଙ୍କ ହାତକୁ ରାଜସ୍ୱ ଆସିପାରୁନାହିଁ। ଗାଁ ଗାଁ ମାନଙ୍କରେ ବହୁ ଲୋକ ସରକାରୀ ଜମି ମାନଙ୍କରେ ପୋଖରୀ ଖୋଳି ବା ବୃକ୍ଷରୋପଣ କରି ନିଜର ବାରି ବନାଇ ଦେଉଥିବା ବେଳେ ରାଜସ୍ୱ ନୀରିକ୍ଷକଙ୍କ ନଜରକୁ ନଆସିଲା ପରି ମନେ ହେଉଛି। ଏହି ସରକାରୀ ଜମି ଗୁଡିକର ଏକ ସର୍ଭେ କରାଯାଇ କେଉଁ କେଉଁ ସ୍ଥାନ ମାନଙ୍କରେ ସରକାରୀ ଜମି ସବୁ ଜବରଦଖଲ କରାଯାଇଛି। ତାହାର ଏକ ତାଲିକା ଝୁଲାଇବା ନିମନ୍ତେ ସର୍ବସାଧାରଣରେ ଦାବି ହେଉଥିବା ବେଳେ ଜିଲ୍ଲ ପ୍ରଶାସନ ନିଦରେ ଶୋଇପଡିଲା ପରି ମନେ ହେଉଛି। ଆଗାମୀ ଦିନରେ ଚାଷ ଜମି ସବୁ ଲୋପପାଇଯିବାର ଆଶଙ୍କା ସୃଷ୍ଟି ହେଲାଣି।

# ବାଙ୍ଗିରିପୋଷି ଘାଟିରେ ବାରମ୍ବାର ଦୁର୍ଘଟଣାର ଉଚ୍ଚସ୍ତରୀୟ ସମୀକ୍ଷା



**ଭୁବନେଶ୍ୱର / ବାରିପଦା :** ଲୋକସେବା ଭବନର ପୂର୍ତ୍ତମନ୍ତ୍ରୀଙ୍କ ପ୍ରକୋଷ୍ଠରେ ବାଙ୍ଗିରିପୋଷି ଘାଟିରେ ବାରମ୍ବାର ଦୁର୍ଘଟଣାର ଉଚ୍ଚସ୍ତରୀୟ ସମୀକ୍ଷା ହୋଇଛି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବାଙ୍ଗିରିପୋଷି ବିଧାୟକ ସୁଦାମା ମାର୍ଣ୍ଡି, ବିଶ୍ୱବ୍ୟାଙ୍କର ମୁଖ୍ୟମନ୍ତ୍ରୀ, ଜାତୀୟ ରାଜପଥ କର୍ତ୍ତୃପକ୍ଷର ଉଚ୍ଚଦାଧିକାରୀ, ମୁଖ୍ୟଯନ୍ତ୍ରୀ ସିଭିଲ, ଅଧିକ୍ଷଣ ଯନ୍ତ୍ରୀ, ବାରିଦାଙ୍କ ଉପସ୍ଥିତିରେ ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ୪୯ ନଂ ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟିରେ ବାରମ୍ବାର ଦୁର୍ଘଟଣାର ନିରାକରଣ ନିମନ୍ତେ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏଥିସହିତ ବାଙ୍ଗିରିପୋଷି-ଭୂଆଷୁଣୀ, ଭୂଆଷୁଣୀ-ରୋଲମୁଣ୍ଡାକଟା, ବାଲିଡିହା-ଭୂଆଷୁଣୀ ଏବଂ ଶଙ୍ଖାଭଙ୍ଗା-ବିଷୋଇ ରାସ୍ତାର ଉନ୍ନତିକରଣ ତଥା ଗମନାଗମନ ପାଇଁ ଉପଯୁକ୍ତ ରକ୍ଷଣାବେକ୍ଷଣ ବ୍ୟବସ୍ଥା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଥିଲା ରମନାଗମନର ସୁବିଧା ତଥା ଦୁର୍ଘଟଣା ହ୍ରାସ ନିମନ୍ତେ ବାଲିଡିହ-ଭୂଆଷୁଣୀ ରାସ୍ତା ଉପରେ ଏକ ହାଇଲେଭଲ ବ୍ରିଜ ନିର୍ମାଣ ନିମନ୍ତେ ଏକ ବୈଷୟିକ କମିଟି ଗଠନ କରାଯାଇ ଏଥିରେ ତଥ୍ୟଗତ ସହାୟତା ପାଇଁ ଏନ୍ଏଚ୍‌ର ଅଧିକାରୀ ତଥା ବିଧାୟକଙ୍କୁ ମଧ୍ୟ ସାମିଲ କରାଯାଇଛି।

# ଜୀବନ ପାଇଲା ମୃତ୍ୟୁ ସହ ସଂଗ୍ରାମ କରୁଥିବା ବୁଲାକୁକୁର




**ଜଗତ୍‌ସିଂହପୁର :** ଦିନକୁ ଦିନ ମଣିଷ ମଣିଷ ମଧ୍ୟରେ ଲଢେଇ ହୋଇ ଜୀବନ ଯାଉଥିବାର ଦେଖିବାକୁ ମିଳିଥିବା ବେଳେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବୀରକିଶୋର ପରିଡାଙ୍କ ଅକ୍ଳାନ୍ତ ଉଦ୍ୟମ କ୍ରମେ ଗୋଟିଏ ବୁଲା କୁକୁର ଜୀବନ ପାଇବାକୁ ସକ୍ଷମ ହୋଇପାରିଛି। ଡାକ୍ତର ପରିଡାଙ୍କ ଏପରି ଉଦ୍ୟମକୁ ଜିଲ୍ଲାବାସୀ କୃତଜ୍ଞତା ଜଣାଇବା ସହିତ ତାଙ୍କର ଏପରି କାର୍ଯ୍ୟକୁ ଭୂୟଂଶୀ ପ୍ରଂଶସା କରିଥିଲେ। ତା ୨୩.୦୫.୨୨ରିଖ ସୋମାବାର ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ତିର୍ତ୍ତୋଲ ବ୍ଲକରେ ଅନୁଷ୍ଠିତ ହେଉଥିବାରୁ ଡାକ୍ତର ପରିଡା ସେଠାକୁ ଯାଉଥିବା ବେଳେ ବାଟରେ ପଶୁପ୍ରେମୀ ତଥା ସାଂସଦ ମେନେକା ଗାନ୍ଧୀ ଫୋନ କରି କହିଥିଲେ ଯେ ଆପଣଙ୍କ ଜିଲ୍ଲା ଅନ୍ତର୍ଗତ ବାଲିକୁଦା ଡାକ୍ତରଖାନା ରାସ୍ତାରେ ଏକ ବୁଲାକୁକୁରର ବେକରେ ଗଭୀର କ୍ଷତ ହୋଇ ପୋକଲାଗି ଘା ହୋଇଯିବାରୁ ମୃତ୍ୟୁ ସହିତ ସଂଗ୍ରାମ କରି ରାସ୍ତା କଡରେ ପଡିରହିଛି। ତେଣୁ ଏହି ବୁଲା କୁକୁରକୁ ଉଦ୍ଧାର କରି ତାହାର ଚିକିତ୍ସା କରିବା ନିମନ୍ତେ ମେନେକା ଗାନ୍ଧୀ ଡାକ୍ତର ପରିଡାଙ୍କୁ ପରାମର୍ଶ ବି ଦେଇଥିଲେ। ଏଖବର ପାଇବା ପରେ ଡ.ପରିଡା ସଙ୍ଗେ ସଙ୍ଗେ ଜଗତସିଂହପୁର ଆନିମଲ ହେଲପଲାଇନ ଟିମକୁ ସେଠାକୁ ପଠାଇ ବୁଲାକୁକୁର ଟିର ଚିକିତ୍ସା ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ଟିମ୍ ସଙ୍ଗେ ସଙ୍ଗେ ଯାଇ ବିଭିନ୍ନ ସ୍ଥାନ ଖୋଜିଥିଲେ ବି ବୁଲାକୁକୁରଟିକୁ ପାଇପାରିନଥିଲେ କିନ୍ତୁ ଏଭିଭିଓ (ପ୍ରାଣୀମଙ୍ଗଳ) ଡାକ୍ତର ଯଦୁନାଥ ପରିଡା ସେମାନଙ୍କ ସହିତ ବୁଲି ବୁଲା କୁକୁରଟିକୁ ଧରିବାରେ ସକ୍ଷମ ହୋଇ ପ୍ରାଥମିକ ଚିକିତ୍ସା କରିବାପରେ ଆନିମଲ ହେଲପଲାଇନ ଜରିଆରେ ତାର ସମସ୍ତ ଚିକିତ୍ସା ଆରମ୍ଭ କରିଥିଲେ। ଏପରିକି ୨ମାସ ଧରି ଆନିମଲ ହେଲପଲାଇନ କର୍ମଚାରୀଙ୍କ ଉଦ୍ୟମକ୍ରମେ ସେ ଆଜି ଭଲ ହୋଇପାରିଛି। ଆନିମଲ ହେଲପଲାଇନରେ କାର୍ଯ୍ୟରତ ୨ଜଣ ବରିଷ୍ଠ ପ୍ରାଣୀ ଚିକିତ୍ସକ ଡା. କୁଞ୍ଜବିହାରୀ ସ୍ୱାଇଁ ଓ ଡା.ବିଦ୍ୟାଧର ଶତପଥୀ ତାଙ୍କ ଟିମ୍ ସହିତ ଏହି ବୁଲାକୁକୁର ଅସ୍ତ୍ରୋପ୍ରଚାର ଓ ଚିକିତ୍ସା ପ୍ରଦାନ କରିବା ଫଳରେ ବେକରେ ଟାଇଟ ହୋଇ ବନ୍ଧା ହୋଇଥିବା ଫିତା ଯୋଗୁଁ ସାଘାତିକ ରୋଗରେ ପୀଡିତା ଥିବା ଓ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ଏହି ବୁଲା କୁକୁରକୁ ଆଜି ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିବାରୁ ସେ ଅଂଚଳର ବହୁ ଶିକ୍ଷିତ ତଥା ବୁଦ୍ଧିଜୀବି ବ୍ୟକ୍ତି ଡା.ପରିଡାଙ୍କୁ ଭୂୟସୀ ପ୍ରଂଶସା କରିଛନ୍ତି। ବୁଲା କୁକୁରଟି ଆରୋଗ୍ୟ ଲାଭ କରିବା ପରେ ବାଲିକୁଦା ଅଂଚଳରେ ଆନିମଲ ହେଲପଲାଇନ ପକ୍ଷରୁ ସେଠାରେ ଛଡାଯାଇଛି। ଏବେ ଏହି ବୁଲା କୁକୁରଟି ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଚଳପ୍ରଚଳ କରିବା ସହିତ ଆନିମଲ ହେଲପଲାଇନ ପକ୍ଷରୁ ଏପରି ଉଦ୍ୟମ କରାଯାଇଥିବାରୁ ଅଂଚଳବାସୀ ପକ୍ଷରୁ ମଧ୍ୟ ପ୍ରଂଶସା କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିରୋଧୀ ...

ଏହାର ବାକି ୧୩୯ଟି ଭୋଟ ମଧ୍ୟରୁ ସବୁଠାରୁ ମୂଲ୍ୟବାନ ବୋଲି ଦଳ କହିଛି। ରାଷ୍ଟ୍ରପତି ନିର୍ବାଚନରେ ମୋଟ ବୈଧ ଭୋଟ ମଧ୍ୟରୁ ଶ୍ରୀମତୀ ମୁର୍ମୁ ୬୪% ଭୋଟ ପାଇଥିବା ବେଳେ ଶ୍ରୀ ସିହ୍ନା ୩୬% ଭୋଟ ପାଇଛନ୍ତି। ଆସାମରେ ଦ୍ରୌପଦୀ ମୁର୍ମୁଙ୍କ ପାଇଁ ୨୫ ଜଣ ବିରୋଧୀ ବିଧାୟକ କ୍ରସ ଭୋଟିଂ କରିଛନ୍ତି। ୧୨୬ ଆସନ ବିଶିଷ୍ଟ ଆସାମ ବିଧାନସଭାରେ ଏନଡିଏ ସଦସ୍ୟଙ୍କ ସଂଖ୍ୟା ୭୯। ଦୁଇ ଜଣ ବିଧାୟକ ଭୋଟ ଦେଇ ନଥିଲେ। ହେଲେ ଏଠାରେ ଦ୍ରୌପଦୀ ମୁର୍ମୁଙ୍କୁ ୧୦୪ ଖଣ୍ଡ ଭୋଟ ମିଳିଛି। ତେଣୁ ବିରୋଧୀ ମେଣ୍ଟରେ ଥିବା ୨୫ ଜଣ ବିଧାୟକ କ୍ରସ ଭୋଟିଂ କରିଥିଲେ। ଏହାପୂର୍ବରୁ ଆସାମରେ ରାଜ୍ୟସଭା ନିର୍ବାଚନ ବେଳେ ମଧ୍ୟ କ୍ରସ ଭୋଟିଂ ହୋଇଥିଲା। ଏଥିପାଇଁ ଶାସକ ବିଜେପି ଦୁଇଟି ଯାକ ଆସନ ଜିତିଥିଲା। ଉଭୟ କଂଗ୍ରେସ ଓ ଏଆଇୟୁଡିଏଫ ପରସ୍ପରକୁ କ୍ରସ ଭୋଟିଂ ପାଇଁ ଦୋଷ ଦେଇଥିଲେ। ମଧ୍ୟପ୍ରଦେଶରେ ଦ୍ରୌପଦୀ ମୁର୍ମୁ ବିଜେପିର କ୍ଷମତା ଠାରୁ ଅତିରିକ୍ତ ୧୬ ଖଣ୍ଡ ଭୋଟ ପାଇଛନ୍ତି। ସେ ୧୪୬ ଖଣ୍ଡ ଭୋଟ ପାଇଥିବା ବେଳେ ଯଶୱନ୍ତ ସିହ୍ନାଙ୍କ ଖାତାକୁ ୭୯ ଖଣ୍ଡ ଭୋଟ ଯାଇଛି। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ କହିଛନ୍ତି, ଦ୍ରୌପଦୀ ମୁର୍ମୁ ବିଜେପିର ସଂଖ୍ୟାଠାରୁ ଅଧିକ ଭୋଟ ରାଜ୍ୟରୁ ପାଇଛନ୍ତି। ଅନ୍ୟ ପାର୍ଟିର ବିଧାୟକମାନେ ନିଜ ଅନ୍ତଆତ୍ମାକୁ ଶୁଣିଛନ୍ତି ଓ ଆମ ପ୍ରାର୍ଥୀଙ୍କୁ ଭୋଟ ଦେଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ। ମମତା ବାନାର୍ଜୀଙ୍କ ବେଙ୍ଗଲରେ ବି କ୍ରସ ଭୋଟିଂ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏଠାରେ ବିଜେପିର ୬୯ ଜଣ ବିଧାୟକ ଥିଲେ। ହେଲେ ଦ୍ରୌପଦୀ ମୁର୍ମୁ ୭୧ ଖଣ୍ଡ ଭୋଟ ପାଇଛନ୍ତି। ନିଜ ଜନ୍ମ ସ୍ଥାନ ଝାଡ଼ଖଣ୍ଡରେ ମଧ୍ୟ ଯଶୱନ୍ତ ସିହ୍ନା ବିରୋଧୀ ଦଳର ସବୁ ଭୋଟ ପାଇ ନାହାନ୍ତି। ରାଜ୍ୟର ୮୧ ଜଣ ବିଧାୟକଙ୍କ ମଧ୍ୟରୁ ମାତ୍ର ୯ ଜଣ ହିଁ ଶ୍ରୀ ସିହ୍ନାଙ୍କୁ ଭୋଟ ଦେଇଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ୧୬୪ ଖଣ୍ଡ ଭୋଟ ପାଇ ଆସ୍ଥା ଭୋଟ ଜିତିଥିଲେ। ଏହା ଏନଡିଏର ସଂଖ୍ୟା। କିନ୍ତୁ ରାଜ୍ୟର ୧୮୧ ଜଣ ବିଧାୟକ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ ଦେଇଛନ୍ତି। ଏହାବାଦ ବିହାରର ୬ ଜଣ, ଛତିଶଗଡ଼ର ୬ ଜଣ, ଗୋଆର ୪ ଜଣ ଓ ଗୁଜରାଟର ୧୦ ଜଣ ବିରୋଧୀ ଦଳ ବିଧାୟକ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ ଦେଇଛନ୍ତି। ଆନ୍ଧ୍ର ପ୍ରଦେଶ, ସିକ୍କିମ ଓ ନାଗାଲ୍ୟାଣ୍ଡରେ ଯଶୱନ୍ତ ସିହ୍ନା ଗୋଟିଏ ବି ଭୋଟ ପାଇ ନାହାନ୍ତି। ସୂଚନାଯୋଗ୍ୟ, ଗୁରୁବାର ପ୍ରାୟ ୧୦ ଘଣ୍ଟାର ଗଣତି ପରେ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ନିର୍ବାଚନରେ ଜିତିଥିବା ଘୋଷଣା କରାଯାଇଥିଲା। ଦ୍ରୌପଦୀ ମୁର୍ମୁଙ୍କୁ ୨୮୨୪ ଜଣ ସାଂସଦ ଓ ବିଧାୟକ ଭୋଟ ଦେଇଥିବା ବେଳେ ଶ୍ରୀ ସିହ୍ନାଙ୍କ ସପକ୍ଷରେ ୧୮୭୭ ଖଣ୍ଡ ଭୋଟ ପଡ଼ିଥିଲା। ଶ୍ରୀମତୀ ମୁର୍ମୁଙ୍କ ଭୋଟ ମୂଲ୍ୟ ୬,୭୬,୮୦୩ ଓ ଶ୍ରୀ ସିହ୍ନାଙ୍କ ଭୋଟ ମୂଲ୍ୟ ୩,୮୦,୧୭୭ ରହିଛି।

### କାଉନସିଲରରୁ ...

ସ୍ୱାମୀଙ୍କ ଚାକିରି ପାଇଁ ଦ୍ରୌପଦୀ ମୁର୍ମୁ ପରିବାର ସହ ରାଇରଙ୍ଗପୁର ସହରର ବାଙ୍ଗିରପୋଷିରେ ରହିଥିଲେ। ୧୯୯୭ ମସିହାରେ ସେ ରହୁଥିବା ୨ ନଂ ୱାର୍ଡ ଆଦିବାସୀ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଥିଲା। ଏହି ସମୟରେ ବିଜେପି ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରିଥିଲା। ଶ୍ରୀମତୀ ମଧ୍ୟ ନିର୍ବାଚନ ଜିତି କାଉନସିଲର ହୋଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଦ୍ରୌପଦୀ ଏହି ଅଞ୍ଚଳର ମୂଳବାସିନ୍ଦା ନୁହନ୍ତି। ତଥାପି ସେ ଲୋକଙ୍କ ଭରସା ଜିତିବାକୁ ସକ୍ଷମ ହୋଇଥିଲେ। ବିଜେପି ମଧ୍ୟ ଅଧିକ ସଂଖ୍ୟକ ୱାର୍ଡରେ ଜିତି ଅଧ୍ୟକ୍ଷ ପଦ ହାତେଇଥିଲା। ଦ୍ରୌପଦୀ ମୁର୍ମୁ ବିଜ୍ଞାପିତ ଅଞ୍ଚଳ ପରିଷଦର ଉପାଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଉପାଧ୍ୟକ୍ଷା ଭାବେ ସେ ସ୍ୱଚ୍ଛତା କାମରେ ଲାଗି ପଡ଼ିଥିଲେ। ଗଳିଗଳି ବୁଲି ଅଳିଆ ଓ ଡ୍ରେନ ସଫା କରିବାକୁ ଗୁରୁତ୍ୱ ଦେଇଥିଲେ। ସେ ସବୁଦିନ ୧୫ଟି ଯାକ ୱାର୍ଡ ବୁଲି ସ୍ୱଚ୍ଛତା କାମ ତଦାରଖ କରୁଥିଲେ। ଏହି କାମ ଯୋଗୁ ସେ ୨୦୦୦ ମସିହାରେ ବିଧାୟକ ଭାବେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୦ରୁ ୨୦୦୪ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ଓ ବିଜେପି ମେଣ୍ଟ ସରକାରରେ ଶ୍ରୀମତୀ ମୁର୍ମୁ ବାଣିଜ୍ୟ ଓ ପରିବହନ, ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିବାବେଳେ ରାଇରଙ୍ଗପୁର ଆସନରୁ ୨୦୦୯ ମସିହା ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭା ସଦସ୍ୟ ଥିଲେ। ସାନ୍ତାଳୀ ସମୁଦାୟର ମହିଳା ଶ୍ରୀମତୀ ମୁର୍ମୁଙ୍କୁ ୨୦୧୫ ମସିହାରେ ଝାଡ଼ଖଣ୍ଡର ପ୍ରଥମ ମହିଳା ରାଜ୍ୟପାଳ କରି ବିଜେପି ପଠାଇଥିଲା। ୨୦୦୯ ଓ ୨୦୧୪ରେ ସେ ଲୋକସଭା ନିର୍ବାଚନ ଲଢ଼ିଥିଲେ ମଧ୍ୟ ହାରିଥିଲେ। ଦ୍ରୌପଦୀ ରାଷ୍ଟ୍ରପତି ଭାବେ ନିର୍ବାଚନ ଜିଣିବା ପରେ ଓଡ଼ିଶାରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ଶ୍ରୀମତୀ ମୁର୍ମୁ ଓଡ଼ିଶାର ଝିଅ ହୋଇଥିବାରୁ ତାଙ୍କ ପାଇଁ ଓଡ଼ିଶା ଆଜି ଗର୍ବ ଓ ଗୌରବ ଅନୁଭବ କରୁଛି। ଇତିହାସରେ ଓଡ଼ିଶାର ଏହି ଗୌରବମୟ ଅଧ୍ୟାୟ ଯୋଡିହୋଇ ରହିବ।

### ଦାରିଦ୍ର୍ୟ ସୀମାରେଖା ...

ପ୍ରତି ୧୦ ଜଣଙ୍କ ମଧ୍ୟରୁ ତିନି ଜଣ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ସରକାରୀ ତଥ୍ୟ ଅନୁସାରେ, ଦାରିଦ୍ର୍ୟ ସୀମା ତଳେ ରହି ଜୀବନ ବିତାଉଥିବା ସବୁଠୁ ଅଧିକ ଲୋକ ଛତିଶଗଡରେ ବାସ କରନ୍ତି। ଏହି ରାଜ୍ୟର ୪୦ ପ୍ରତିଶତ ଲୋକେ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ଝାଡଖଣ୍ଡ, ମଣିପୁର, ଅରୁଣାଚଳ, ବିହାର, ଓଡିଶା, ଆସାମ, ମଧ୍ୟ ପ୍ରଦେଶ ଏବଂ ଉତ୍ତର ପ୍ରଦେଶରେ ଏଠାକାର ଜନସଂଖ୍ୟାର ୩୦ ପ୍ରତିଶତ ଲୋକେ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ଏହି ରାଜ୍ୟ ଗୁଡିକରେ ପ୍ରତି ୧୦ ଜଣ ବ୍ୟକ୍ତିଙ୍କ ଭିତରୁ ୩ ଜଣ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ଲୋକସଭାରେ ଦାରିଦ୍ର୍ୟ ସୀମାରେଖା ସହ ଜଡିତ ଏକ ପ୍ରଶ୍ନ ଉପରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ସୂଚନା ଦେଇ କହିଛି ଦେଶର ୨୧.୯ ପ୍ରତିଶତ ଲୋକେ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ତେବେ ଏହି ସଂଖ୍ୟା ୨୦୧୧-୧୨ ମସିହାର ଏବଂ ଏହାପରେ ଦେଶରେ ଗରିବ ଲୋକଙ୍କ ତଥ୍ୟ ସଂଗ୍ରହ କରାଯାଇ ନାହିଁ। ସରକାରଙ୍କ ଦାରିଦ୍ର୍ୟ ସୀମାରେଖ ମାନଦଣ୍ଡ ଅନୁସାରେ, ଗାଁରେ ଯଦି କେହି ପ୍ରତି ମାସରେ ୮୧୬ ଟଙ୍କା ଏହଂ ସହରରେ ୧୦୦୦ ଟଙ୍କା ଖର୍ଚ୍ଚ କରନ୍ତି ତେବେ ସେ ଏହି ସୀମାରେଖା ଉପରେ ରହିବେ। ଭାରତର ସ୍ୱାଧୀନତା ସମୟରେ ଦେଶର ୮୦ ପ୍ରତିଶତ ଲୋକେ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ। ସ୍ୱାଧୀନତାର ୭୫ ବର୍ଷ ପରେ ଏହା ୨୨ ପ୍ରତିଶତକୁ ଖସି ଆସିଛି। ତେବେ, ଯଦି ଏହାକୁ ସଂଖ୍ୟା ଆଧାରରେ ଦେଖିବା ତେବେ ବେଶି ବ୍ୟବଧାନ ନାହିଁ। ଦେଶର ସ୍ୱାଧୀନତା ସମୟରେ ୨୫ କୋଟି ଲୋକେ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ ଏବଂ ଏବେ ୨୬.୯ କୋଟି ଜନସଂଖ୍ୟା ଦାରିଦ୍ର୍ୟ ସୀମାରେଖ ତଳେ ଅଛନ୍ତି।

### କେତେ ମିଛ ...

ଶାସକ ଦଳ ବିଜେଡି ବିଧାୟକଙ୍କ ସଂଖ୍ୟା ୧୧୨ ରହିଥିବା ବେଳେ ବିଜେପି ବିଧାୟକଙ୍କ ସଂଖ୍ୟା ୨୨। ବିଧାୟକ ପ୍ରଦୀପ ପାଣିଗ୍ରାହୀ ବିଜେଡିରୁ ବହିଷ୍କୃତ ଅଛନ୍ତି। କଂଗ୍ରେସ ବିଧାୟକ ମୋହମ୍ମଦ ମୋକିମ ଦ୍ରୌପଦୀଙ୍କୁ ଭୋଟକୁ ମିଶାଇ ସମୁଦାୟ ୧୩୭ ଖଣ୍ଡ ଭୋଟ ମାଟିର ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ମିଳିଛି। ସୋମବାର ରାଷ୍ଟ୍ରପତି ନିର୍ବାଚନ ପାଇଁ ବିଧାୟକଙ୍କ ମତଦାନ ପରେ ବିଜେପି ବିଧାୟକ ଶ୍ରୀ ମାଝୀ କହିଥିଲେ କଂଗ୍ରେସରୁ ମୋକିମଙ୍କ ବ୍ୟତୀତ ଆଉ ଜଣେ ବିଧାୟକ ଓଡିଶାର ଝିଅ ତଥା ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ଭୋଟ ଦେଇଛନ୍ତି। ଶ୍ରୀ ମାଝୀଙ୍କ ଏହି କଥାର ଜବାବ ଦେଇ କଂଗ୍ରେସ ବିଧାୟକ ଶ୍ରୀ ବାହିନୀପତି କହିଥିଲେ, ସେ ମର୍ଦ୍ଦ ପିଲା (ଶ୍ରୀ ମୋକିମ୍)। ଭୋଟ ଦେଲେ, ଖୋଲାଖୋଲି କହିଲେ। ହେଲେ ବିଜେପିର କିଛି ବିଧାୟକ କଂଗ୍ରେସ ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ (ଶ୍ରୀ ସିହ୍ନା) ଭୋଟ ଦେଇଛନ୍ତି, କିନ୍ତୁ କହିନାହାଛାନ୍ତି। ଗଣତନ୍ତ୍ରର ସୁରକ୍ଷା ପାଇଁ ରାଜ୍ୟ ବିଜେପିର ଦୁଇ ବିଧାୟକ ଶ୍ରୀ ସିହ୍ନାଙ୍କୁ ଭୋଟ ଦେଇଛନ୍ତି। ଫଳାଫଳ ପ୍ରକାଶ ପାଇବା ପରେ ସବୁକଥା ଧରାପଡିବ ବୋଲି ଉଭୟ ବିଧାୟକ ଜୋର୍ କରି କହିଥିଲେ। ହେଲେ ଫଳାଫଳ ଧରାପକେଇ ହେଲା! ରିପୋର୍ଟ ଅନୁଯାୟୀ କଂଗ୍ରେସ ୮ ଏବଂ ସିପିଆଇଏମର ଲକ୍ଷ୍ମଣ ମୁଣ୍ଡାଙ୍କୁ ମିଶାଇ ସମୁଦାୟ ୯ ବିଧାୟକ ଯଶୱନ୍ତ ସିହ୍ନାଙ୍କୁ ଭୋଟ ଦେଇଥିଲେ। ଏହାର ଅର୍ଥ ହେଲା, ବିଧାୟକ ମୋକିମଙ୍କୁ ବ୍ୟତୀତ ଆଉ କାହାରି ଭୋଟ ଏପଟ ସେପଟ ହୋଇ ନାହିଁ। ଆଉ ଉଭୟ ବିଧାୟକ ଶ୍ରୀ ବାହିନୀପତି ଏବଂ ଶ୍ରୀ ମାଝୀଙ୍କ କଥା ମିଛ ଥିଲା।

### ବଢ଼ିବନି ହାଇକୋର୍ଟ ...

ବିଚାରପତିମାନଙ୍କ ଅବସର ଆୟୁ ୬୫ ବର୍ଷ ପର୍ଯ୍ୟନ୍ତ କରିବା ଲାଗି ୨୦୧୦ ମସିହାରେ ଏକ ବିଧେୟକ ଉପସ୍ଥାପନା କରାଯାଇଥିଲା। ଚତୁର୍ଦ୍ଦଶ ଲୋକସଭା କାଳରେ ସମ୍ବିଧାନର ୧୧୪ତମ ସଂଶୋଧନ ବିଧେୟକ ଉପରେ ତତ୍କାଳୀନ ସଂସଦ ବିଚାର କରିନଥିଲେ। ଏଣୁ ୨୦୧୪ରେ ଚତୁର୍ଦ୍ଦଶ ଲୋକସଭାର ସମାପ୍ତି ସହିତ ବିଧେୟକ ନିଷ୍ପ୍ରଭାବି ହୋଇ ଯାଇଛି। ସମ୍ବିଧାନ ଅନୁସାରେ ହାଇକୋର୍ଟଙ୍କ ବିଚାରପତି ୬୨ ବର୍ଷ ଆୟୁରେ ଆବସର ଗ୍ରହଣ କରନ୍ତି। ତେବେ ସୁପ୍ରିମକ କୋର୍ଟରେ ଏହି ବୟସ ସୀମା ୬୫ ବର୍ଷ ରହିଛି। ପ୍ରଶ୍ନରେ ସରକାର ଉଚ୍ଚନ୍ୟାୟାଳୟଙ୍କ ବିଚାରପତିମାନଙ୍କ ଅବସର ଆୟୁ ୬୨ରୁ ୬୫କୁ ଓ ସୁପ୍ରିମକୋର୍ଟ ବିଚାରପତିଙ୍କ ଆୟୁ ୬୫ରୁ ୬୭ ଓ ଚିଫ୍ ଜଷ୍ଟିସ୍‌ଙ୍କ ଅବସର ଅଧିକ ୨ ବର୍ଷ ଅଥବା ୬୭ ବର୍ଷ ବୟସ ଯାହା ପ୍ରଥମେ ହେବ କରିବାକୁ ସରକାରଙ୍କ ବିଚାର ଅଛିକି ବୋଲି ପଚରା ଯାଇଥିଲା। ତେବେ ବର୍ତ୍ତମାନ ସରକାରଙ୍କ ନିକଟରେ ବିଚାର ଲାଗି ଏପରି କୋଣସି ପ୍ରସ୍ତାବ ଲମ୍ବିତ ନଥିବା ରିଜ୍ଜୁ କହିଛନ୍ତି।

### ତଥାପି ...

କୋଭିଡ୍ ଓ ଉଚ୍ଚଶିକ୍ଷା ପାଇଁ ଧାର୍ଯ୍ୟ ଅର୍ଥ ସୀମାକୁ ଉଠାଇ ସାଧାରଣ ଖର୍ଚ୍ଚକୁ ୩କୋଟି ଟଙ୍କା କରାଯାଉ ବୋଲି ଦାବି କରିଥିଲେ। ବିଧାୟକମାନଙ୍କ ଦାବି ଉପରେ ଉତ୍ତର ରଖି ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢ଼ୋଲକିଆ କହିଥିଲେ ଯେ, ଏବେ ଏମଏଲଏ ଲ୍ୟାଡ୍ ବୃଦ୍ଧି କରିବାର ପ୍ରସ୍ତାବ ନାହିଁ। ୨୦୨୦-୧୨ରେ ଏହା ୧କୋଟିରୁ ୩କୋଟି ଟଙ୍କାକୁ ବୃଦ୍ଧି ହୋଇଛି। ଉଚ୍ଚଶିକ୍ଷା ଓ ରାସ୍ତା ନିର୍ମାଣ ପାଇଁ ଉଦ୍ଦିଷ୍ଟ ୧କୋଟି ଟଙ୍କା ଖର୍ଚ୍ଚ କରିବାରେ ସମସ୍ୟା ହେଲେ ତାକୁ ଜେନେରାଲ ଲ୍ୟାଡ୍ ଭାବେ ଖର୍ଚ୍ଚ କରାଯାଇପାରିବ। ୨୦୨୧ ଡିସେମ୍ବର ମାସରେ ଏନେଇ ସବୁ ଜିଲ୍ଲାପାଳମାନଙ୍କୁ ବିଭାଗ ପକ୍ଷରୁ ଅବଗତ କରାଯାଇଛି। ବାଚସ୍ପତି ବିକ୍ରମ କେଶରୀ ଆରୁଖ ମଧ୍ୟ ଏନେଇ ବିଭାଗୀୟ ମନ୍ତ୍ରୀ ଶ୍ରୀ ଢୋଲକିଆଙ୍କୁ ଏ ପ୍ରସ୍ତାବ ଉପରେ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରି ଗୃହକୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପ୍ରଶ୍ନ ଉଠୁଛି, ରାଜ୍ୟରେ ଏମଏଲଏ ଲ୍ୟାଡ୍ ବୃଦ୍ଧି ପାଇଁ କାହିଁକି ବିଧାୟକମାନେ ଦାବି କରୁଛନ୍ତି। ୧୯୯୭-୯୮ ମସିହା ପୂର୍ବରୁ ଏମଏଲଏ ଲ୍ୟାଡ୍ ନଥିଲା, ସେତେବେଳେ କ'ଣ ସେହି ସମୟର ରାଜ୍ୟର ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ବିକାଶ କାର୍ଯ୍ୟ ହେଉନଥିଲା? ବିଧାୟକମାନେ ସେତେବେଳେ ତ ବିନା ହାତପାଣ୍ଠିରେ ପୁଣି ଜନସାଧାରଣଙ୍କ ସେବା କରିପାରୁଥିଲେ? ପ୍ରଥମଥର ପାଇଁ ୧୯୯୭-୯୮ ମସିହାରେ ଏମଏଲଏ ଲ୍ୟାଡ୍ ୫ଲକ୍ଷ ଟଙ୍କା ଭାବେ ଲାଗୁ ହୋଇଥିଲା। ଇତିମଧ୍ୟରେ ତାହା ୧୦ଲକ୍ଷ, ୫୦ଲକ୍ଷ, ୭୫ଲକ୍ଷ ଓ ଏକ କୋଟି ହୋଇ ଏବେ ୩କୋଟି ଟଙ୍କାରେ ପହଞ୍ଚିଲାଣି। ୬୦ଗୁଣ ବୃଦ୍ଧି ସତ୍ତ୍ୱେ ଏହି ଲ୍ୟାଡ୍ ପରିମାଣକୁ ଆହୁରି ବୃଦ୍ଧି ପାଇଁ ବିଧାୟକମାନେ ଦାବି କରୁଛନ୍ତି। ଗ୍ରାମାଞ୍ଚଳରେ ବିକାଶ କାର୍ଯ୍ୟ ନିମନ୍ତେ ସରକାର ପ୍ରତିବର୍ଷ ପଞ୍ଚାୟତଗୁଡ଼ିକୁ ଆବଶ୍ୟକ ପରିମାଣର ଅର୍ଥ ଦେଉଥିବାବେଳେ ବ୍ଲକଠୁ ଆରମ୍ଭ କରି ଅନ୍ୟାନ୍ୟ ବିଭାଗ ମଧ୍ୟ ଅର୍ଥ ଖର୍ଚ୍ଚ କରୁଛନ୍ତି। ପଡ଼ୋଶୀ ପଶ୍ଚିମବଙ୍ଗରେ ବିଧାୟକ ହାତପାଣ୍ଠି ମାତ୍ର ୬୦ଲକ୍ଷ ଟଙ୍କା ହୋଇଥିବାବେଳେ ଆନ୍ଧ୍ରପ୍ରଦେଶରେ ୨କୋଟି ଟଙ୍କା ରହିଛି। ଗୁଜୁରାଟରେ ଦେଢ଼ କୋଟି, କର୍ଣ୍ଣାଟକରେ ୨କୋଟି, ଆସାମରେ ଏକ କୋଟି, ମଧ୍ୟପ୍ରଦେଶରେ ଅଢ଼େଇ କୋଟି, ତାମିଲନାଡୁରେ ୩ କୋଟି, ବିହାରରେ ୩କୋଟି ଟଙ୍କା ରହିଛି। ଅବଶ୍ୟ ମହାରାଷ୍ଟ୍ର, ତେଲେଙ୍ଗାନା, ଉତ୍ତରପ୍ରଦେଶ ଭଳି ରାଜ୍ୟରେ ଏହି ପରିମାଣ ୫କୋଟି ଟଙ୍କା ରହିଛି। ତେବେ ଓଡ଼ିଶାରେ ବିଧାୟକ ପାଣ୍ଠି ମାତ୍ର ୨ବର୍ଷ ତଳେ କୋଟିଏରୁ ୩କୋଟି ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ବିଧାୟକମାନେ ଏହି ପରିମାଣକୁ ବୃଦ୍ଧି ପାଇଁ ପୁଣିଥରେ ଦାବି ରଖିବାକୁ ନେଇ ସାଧାରଣରେ ଆଲୋଡନ ସୃଷ୍ଟି ହୋଇଛି।

### ଶିମିଳିପାଳରେ ...

ଆସିଥିବା ବେଳେ, ରାଜ୍ୟ ବାହାରୁ ୨୬ ହଜାର ୧୪୪ ଜଣ ଆସିଥିଲେ। ତେବେ ମାତ୍ର ୩ ଜଣ ବିଦେଶୀ ପର୍ଯ୍ୟଟକ ଶିମିଳିପାଳ ଆସିଥିବାର ଜଣାଯାଇଛି। ପୂର୍ବ ବର୍ଷ ମାନଙ୍କରେ ଶିମିଳିପାଳକୁ ତଥା ଚଳିତ ବର୍ଷ ଦେଶର ଅନ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପକୁ ବହୁ ସଂଖ୍ୟକ ବିଦେଶୀ ପର୍ଯ୍ୟଟକ ଭ୍ରମଣ ପାଇଁ ଆସୁଥିଲା ବେଳେ ଶିମିଳିପାଳକୁ ଚଳିତ ଥର ମାତ୍ର ୩ଜଣ ବିଦେଶୀ ପର୍ଯ୍ୟଟକ ଭ୍ରମଣରେ ଆସିଥିବା ଚର୍ଚ୍ଚାର ବିଷୟ ପାଲଟିଛି। ଶିମିଳିପାଳ ପ୍ରତି ବିଦେଶୀ ପର୍ଯ୍ୟଟକ ବିମୁଖ କାହିଁକି ଏବଂ ବିଦେଶୀ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ ଆନ୍ତରିକ ପ୍ରଚେଷ୍ଟା କରିବା ଉଚିତ ବୋଲି ପରିବେଶବିତ ଏବଂ ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଉଛି। ବିଦେଶୀ ପର୍ଯ୍ୟଟକ ମାନଙ୍କୁ ସୁବିଧା ଯୋଗାଇଦେଲେ ଅଧିକ ସଂଖ୍ୟାରେ ସେମାନେ ଶିମିଳିପାଳକୁ ଆସିବେ। ଏଥିପାଇଁ ଆନ୍ତର୍ଜାତିକ ସ୍ତରରେ ଶିମିଳିପାଳର ପ୍ରଚାର ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

### ଆବର୍ଜନା ମୁକ୍ତ ...

ବ୍ୟବହୃତ ସମସ୍ତ ବର୍ଜ୍ୟ ପଦାର୍ଥକୁ ଆୟୋଜକ ମାନେ ଏହିଠାରେ ଆଣି ବିସର୍ଜନ କରି ଥାଆନ୍ତି। ସେମାନଙ୍କୁ ସେସବୁ କରିବା ପାଇଁ ନିରୁତ୍ସାହିତ କରାଯାଉ। ଯଦି ପ୍ରାଚୀକୁ ଭଲ ପାଉଥିବା ସଂଗଠନ ଓ ବ୍ୟକ୍ତିମାନେ ଏହି ୩ଟି ଦିଗକୁ ଦୃଷ୍ଟିରେ ରଖି କାର୍ଯ୍ୟ କରନ୍ତେ ତେବେ ପ୍ରାଚୀ ନଦୀ ଜଳ ପରିଷ୍କାର ପରିଚ୍ଛନ୍ନ ରହି ପାରନ୍ତା। ମା' ମଙ୍ଗଳାଙ୍କ ମନ୍ଦିର ତରଫରୁ ଯାତ୍ରୀ, ପର୍ଯ୍ୟଟକଙ୍କ ଠାରୁ ଗାଡି ପାର୍କିଂ, ଭୋଗ, ଦୀପ ବାବଦରେ ବହୁ ଅର୍ଥ ଆଦାୟ କରାଯାଉଥିବା ବେଳେ ଛୋଟ ପିଲାଙ୍କ ମୁଣ୍ଡ ମଣ୍ଡନ କରିବାକୁ ବି ଦେୟ ଆଦାୟ କରାଯାଉଛି। କିନ୍ତୁ ଭକ୍ତ, ଯାତ୍ରୀ,ପର୍ଯ୍ୟଟକ ମାନଙ୍କୁ ଯେତିକି ମୌଳିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବା କଥା ଦିଆଯାଉନଥିବା ଅଭିଯୋଗ ହେଉଛି। ଘଣ୍ଟ ତୋଳା ତୁଠ ଠାରେ ନଦୀ ମଧ୍ୟ ରେ ବ୍ୟାରିକେଟ ନିର୍ମାଣ ସାଙ୍ଗକୁ ସେଠାର ପାଣିକୁ ପରିଷ୍କାର ପରିଚ୍ଛନ୍ନ ରଖିଲେ ଯାତ୍ରୀ, ଭକ୍ତ, ପର୍ଯ୍ୟଟକ ମାନେ ପ୍ରାଚୀ ନଦୀ ଜଳରେ ସ୍ନାନ କରିବା ସହିତ ସୁବିଧାରେ ପିଲା ମାନଙ୍କୁ ମଣ୍ଡନ କରି ପାରନ୍ତେ। ଏ ଦିଗରେ ଦୃଷ୍ଟି ଦିଆଗଲେ ଆଗାମୀ ପର୍ଯ୍ୟଟନ ଋତୁରେ କାକଟପୁର ମା ମଙ୍ଗଳାଙ୍କ ମନ୍ଦିର କୁ ବହୁ ଭକ୍ତ, ଯାତ୍ରୀ, ପର୍ଯ୍ୟଟକ ଆସିପାରନ୍ତେ ବୋଲି ମତ ପ୍ରକାଶ ପାଉଛି। ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଗୃହ ରାଷ୍ଟ୍ର ମନ୍ତ୍ରୀ ଓ ପୁରୀ ଜିଲ୍ଲାପାଳ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ମାତୃ ଭକ୍ତ ମହଲରେ ଦାବି ହେଉଛି।

# ନ୍ୟାୟାଳୟ



**ପଙ୍କଜ କୁମାର ପାଣିଗ୍ରାହୀ**

ତଥ୍ୟ ଉପରେ ଆଧାରିତ ବିଚାର କରି ଦୋଷୀକୁ ଶାସ୍ତି,

ନିର୍ଦ୍ଦୋଷକୁ ନ୍ୟାୟ ପ୍ରଦାନ କରାଯିବା ଲକ୍ଷ ରଖି ସଂସ୍ଥାପିତ

ନ୍ୟାୟାଳୟର ପ୍ରକୃତ ଏବଂ ଅଲୌକିକ ବାସ୍ତବତା କ'ଣ ?

ଭାରତୀୟ ନ୍ୟାୟୀକ ବ୍ୟବସ୍ଥା କେବଳ ଉଚ୍ଚ / ଉଚ୍ଚତମ ନ୍ୟାୟାଳୟ ମଧ୍ୟରେ ପରିସର ଭୁକ୍ତ ନୁହେଁ ! ଆମ ଦେଶର ଅନେକ ସରକାରୀ କାର୍ଯ୍ୟାଳୟରେ ନିୟୋଜିତ ବିଭିନ୍ନ ପଦସ୍ଥ ଅଧିକାରୀ ସ୍ଥଳ ବିଶେଷକୁ ନେଇ ଜଣେ ଜଣେ ବିଚାରପତି ଭାବେ ନିୟୋଜିତ ହୋଇଥା'ନ୍ତି ! ସେମାନେ ନିଜନିଜ କ୍ଷମତା ପରିସରଭୁକ୍ତ ନ୍ୟାୟ ପ୍ରଦାନରେ ବିଚ୍ୟୁତି / ବ୍ୟତିକ୍ରମ ଦେଖାଗଲେ ଉଚ୍ଚ / ଉଚ୍ଚତମ ନ୍ୟାୟାଳୟର ଆଶ୍ରୟ ନେଇ ଲୋକଙ୍କୁ ନିଜର ନ୍ୟାୟ ଭିକ୍ଷା କରିବା ବ୍ୟବସ୍ଥା ଅତ୍ୟନ୍ତ ମର୍ମସ୍ପର୍ଶୀ । କାରଣ ଯଦି ଜଣେ ନ୍ୟାୟାଦାତା ପ୍ରକୃତ ନ୍ୟାୟ ଦେବାରେ ଅକ୍ଷମ ପ୍ରମାଣିତ ହୁଅନ୍ତି ତାହେଲେ ତାଙ୍କୁ ଜଣେ ନ୍ୟାୟଦାତା / ନ୍ୟାୟାଧୀଶ ଭାବେ ନିୟୋଜିତ କରାଯିବା ଅର୍ଥ କ'ଣ ଆମ ବୁଝିବା କ୍ଷମତା ବହିର୍ଭୁତ ? ଆଉ ଜଣେ ବ୍ୟକ୍ତି ଯଦି ନିମ୍ନ ନ୍ୟାୟାଳୟରେ ଉପଯୁକ୍ତ ନ୍ୟାୟ ପାଇପାରୁନାହିଁ ତାହେଲେ ସେ ଉଚ୍ଚ / ଉଚ୍ଚତମ ନ୍ୟାୟାଳୟରେ ନ୍ୟାୟ ପାଇବା ଆଶା କେତେ ଏବଂ ଏହି ବ୍ୟବସ୍ଥା କାହିଁକି / କିପରି ହୋଇଥାଏ ? ଆମ ତଳୁ ଉପର ପର୍ଯ୍ୟନ୍ତ ଥିବା ନ୍ୟାୟିକ ବ୍ୟବସ୍ଥାରେ କ'ଣ ପ୍ରକୃତ ନ୍ୟାୟ ମିଳିଥାଏ ନିର୍ଦ୍ଦୋଷକୁ ? ନା କେତେକ କ୍ଷେତ୍ରରେ ତାହାର ବ୍ୟତିକ୍ରମ ଦେଖାଯାଏ ? ଏମିତି ଅସୀମ ପ୍ରଶ୍ନ ସୃଷ୍ଟି ହୁଏ ମନରେ ଯାହାର ଉତ୍ତର ଦେବାରେ ସମ୍ପୃକ୍ତ ନ୍ୟାୟାଳୟ / ନ୍ୟାୟାଧୀଶ ମଧ୍ୟ ନିର୍ବାକ ?

ଆଉ ସାଧାରଣ ଲୋକେ ଏହି ବ୍ରିଟିଶ ନିୟମରେ ପରିଚାଳିତ ନ୍ୟାୟିକ ବ୍ୟବସ୍ଥାକୁ ବୁଝିଛନ୍ତି କେତେଯେ, ନିଜର ନିର୍ଦ୍ଦୋଶକୁ ସାବ୍ୟସ୍ତ କରି ନ୍ୟାୟ ପାଇଁ ନିଜର ବିଶ୍ୱାସ ରଖିପାରିବେ ? ଅନେକ ପ୍ରଶ୍ନକୁ ନେଇ କିଛି ତର୍ଜମା କରି ବିଚାର କରି ଦେଖିଲେ ମନକୁ ଆସେ କି........

ଆମେ ଭାରତୀୟ ଭାବେ ଜନ୍ମ ହୋଇ ଆମ ଦେଶର ସଂସ୍କାର, ସଂସ୍କୃତିକୁ କେବେହେଲେ କେହି ପ୍ରତ୍ୟାଖ୍ୟାନ କରିପାରିବା ନାହିଁ । ଆମ ଦେଶର ଅନେକ ନ୍ୟାୟ ପଦ୍ଧତି ଥିଲା ଯାହା ସବୁ ବର୍ତ୍ତମାନ କାର୍ଯ୍ୟକ୍ଷମ ନଥାଇ କେବଳ ବ୍ରିଟିଶର ନକଲ ଲିଖିତ ସମ୍ବିଧାନ ଏବଂ ଆଇନ ଗୁଡିକ ମାଧ୍ୟମରେ ଭାରତର ବ୍ୟବସ୍ଥା ଚାଲୁଥିବା ସମସ୍ତେ ଜାଣନ୍ତି । ଏହାର ଗୋଟିଏ ଅତି ସାଧାରଣ ଉଦାହରଣ ଏହା ହୋଇପାରେଯେ ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ଭାରତୀୟ ଭାଷାରେ ଲିଖିତ ଦଲିଲ, ଦସ୍ତାବିଜ ଗ୍ରହଣୀୟ ହୁଏନାହିଁ ! କେବଳ ବ୍ରିଟିଶ ଭାଷାରେ ଲେଖାଯାଇଥିବା ଦଲିଲ, ଦସ୍ତାବିଜ ଗ୍ରହଣ କରାଯାଇ ଭାରତୀୟ ନାଗରିକଙ୍କୁ ନ୍ୟାୟ ପ୍ରଦାନ କରାଯିବା ବ୍ୟବସ୍ଥା ମଧ୍ୟରେ ଜଣେ ସାଧାରଣ ନାଗରିକ ଯାହା ବୁଝୁଥିବ ଏବଂ ସେଗୁଡିକୁ ତର୍ଜମା କରି ଯାହା ଉତ୍ତର ପ୍ରଦାନ କରିବାରେ ସମର୍ଥ ହେବ ସେସବୁ ସହଜେ ଅନୁମେୟ ! ଅଧିକନ୍ତୁ ଇଂଗ୍ରେଜ୍ ବ୍ୟତୀତ କେତେକ ରୋମାନ ଏବଂ ପାର୍ସି ଭାଷାର ମଧ୍ୟ ପ୍ରୟୋଗ ହୋଇଥାଏ ଆମ ନ୍ୟାୟାଳୟରେ ଯାହା ସାଧାରଣ ଲୋକଙ୍କ ବୁଝିବା କ୍ଷମତା ବହିର୍ଭୁତ କ'ଣ ସମ୍ପୃକ୍ତ ଆଇନଜୀବୀ ମାନେ ମଧ୍ୟ ବେଳେ ବେଳେ ବୁଝିବାକୁ କଷ୍ଟକର ହୋଇଥାଏ ! ଆଉ ଏହି ବ୍ୟାବସ୍ଥାରେ ସାଧାରଣ ଲୋକଙ୍କୁ ନ୍ୟାୟ ଦେବାପାଇଁ ମଧ୍ୟସ୍ଥିତା କରୁଥିବା ଓକିଲ (ଆଇନଜୀବୀ) ମାନଙ୍କ ବିଷୟରେ ସାଧାରଣ ଲୋକଙ୍କ ବ୍ୟକ୍ତିଗତ ଅନୁଭୂତି ଯାହା..... ! !

ପ୍ରାଚୀନ ଭାରତୀୟ ନ୍ୟାୟୀକ ପଦ୍ଧତିରେ ଜଣେ ଦୋଷୀ ଖସିଯାଇ ନିର୍ଦ୍ଦୋଶକୁ ଦଣ୍ଡବିଧାନ କରାଯିବା ଅତୀବ ବିରଳ ଥିଲା । କାରଣ କୌଣସି ଘଟଣା / ଦୁର୍ଘଟଣାର, ବିଚାରପତିଙ୍କ ଠାରୁ ଆରମ୍ଭ କରି ରାଜା, ମହାରାଜାଙ୍କ ଦ୍ୱାରା କରାଯାଉଥିଲା ଯାହା ପ୍ରୟୋଗାତ୍ମକ ତଥ୍ୟ ଏବଂ ତତ୍ୱ ଉପରେ ଆଧାର କରି ଗୋଟିଏ ଥରରେ ନିଷ୍ପତ୍ତି ନିଆ ଯାଉଥିଲା । ପୁଣି ସେହି ନିଷ୍ପତ୍ତିରେ ବ୍ୟତିକ୍ରମ ଦେଖିବାକୁ ମିଳୁନଥିଲା । ନ୍ୟାୟାଧୀଶ ନିଜର ସ୍ୱାଭିମାନ / ଗୌରବ ରକ୍ଷା କରି କେତେକ କ୍ଷେତ୍ରରେ ନିଜେ ଭୁଲ କରୁଥିବା କଥାକୁ ସ୍ୱୀକାର କରୁଥିଲେ । ନ୍ୟାୟବେଳେ ଅଭିଯୁକ୍ତ ନ୍ୟାୟାଧୀଶଙ୍କ ଆଜ୍ଞାକୁ ଶ୍ରୀରାଧାର୍ଯ୍ୟ କରି ଯଥା ସମ୍ଭବ ଶାସ୍ତିକୁ ଗ୍ରହଣ କରିବାକୁ ବାଧ ହେଉଥିଲେ । ଅନ୍ୟଥା କଠୋର ଦଣ୍ଡ ଭୋଗିବାକୁ ପଡୁଥିଲା ଯାହା ସ୍ଥଳ ବିଶେଷରେ ମୃତ୍ୟୁଦଣ୍ଡ ମଧ୍ୟ ହେଉଥିଲା । କି'ନ୍ତୁ କୌଣସି ମତେ ଲୋକଙ୍କ ସେହି ନ୍ୟାୟାଧୀଶଙ୍କ ଉପରେ ପ୍ରଗାଢ଼ ଅନୁରୋକ୍ତି ଏବଂ ବିଶ୍ୱାସ ରହିଥିଲା । ସର୍ବୋଚ୍ଚ କ୍ଷେତ୍ରରେ ଦୋଷୀଙ୍କୁ ଦଣ୍ଡ ଏବଂ ନିର୍ଦ୍ଦୋଶଙ୍କୁ ନ୍ୟାୟ ନିଶ୍ଚିତ ଭାବେ ମିଳୁଥିଲା ଯାହା ବର୍ତ୍ତମାନ ଅତ୍ୟନ୍ତ ବିରଳ ଦେଖିବାକୁ ମିଳୁଛି । କାରଣ କ'ଣ ଏବଂ କେଉଁ ଅଭାବନୀୟତା କାରଣରୁ ଏମିତି ହେଉଛି ବିଚାର କରିବା ।

ଅନ୍ୟୁନ ୩୦-୪୦ କୋଟି ଲୋକଙ୍କୁ କ୍ଷମତା ପରିସରଭୁକ୍ତ କରି ଶାସନ କରିବା ପାଇଁ ଲକ୍ଷ ଲକ୍ଷ ବ୍ରିଟିଶ ଆସିନଥିଲେ । କେତେକ ହାତ ଗଣତି ବ୍ରିଟିଶ ଦୂତ ଆମ ଦେଶରେ ନିୟୋଜିତ ଥାଇ ଆମ ଦେଶର କିଛି ଲୋଭାଶକ୍ତ ଭ୍ରଷ୍ଟାଚାରୀ, ଦେଶଦ୍ରୋହୀଙ୍କୁ କରାୟତ କରି ଆମ ପୂର୍ବଜଙ୍କୁ ଶାସନ ପରିସର ଭୁକ୍ତ କରି ରଖି ସେମାନଙ୍କୁ ଶୋଷଣ, ଅତ୍ୟାଚାର କରି ଜୀବନ ହନ୍ତସନ୍ତ କରୁଥିଲେ ସେମାନେ ମିଳିମିଶି ! କୌଣସି କାରଣ ବଶତଃ ଅସହିଷ୍ଣୁତାର ସ୍ୱର ଉତ୍ତୋଳନକାରୀଙ୍କୁ ଦଣ୍ଡ ବିଧାନ କରିବା ଏବଂ ସେମାନଙ୍କ ଚାଟୁକାରଙ୍କୁ ମିଥ୍ୟା ନ୍ୟାୟ ପ୍ରଦାନ କରିବା ଦେଖାଇ ସାଧାରଣ ଲୋକଙ୍କୁ ଭଣ୍ଡିବା ପାଇଁ ସେମାନଙ୍କ ଦ୍ୱାରା ବ୍ୟାପକ ଆଇନ ପ୍ରଚଳନ କରାଯାଇଥିଲା, ଯାହାର ସଜ୍ଞା ପାକ୍ଷିକ କଠୋର ଏବଂ ପାକ୍ଷିକ ନମନୀୟ ଭାବେ ଦର୍ଶାଯାଉଥିଲା ଯାହା ଏପର୍ଯ୍ୟନ୍ତ ଆମ ଦେଶରେ ପ୍ରଚଳିତ ଏକ ଅମାନବୀୟ ଆଇନ କହିଲେ ଅତ୍ୟୁକ୍ତି ହେବନାହିଁ ! ସେହି ପାକ୍ଷିକ କଠୋର ଏବଂ ପାକ୍ଷିକ ନମନୀୟ ନୀତିକୁ ଧରି ସେମାନେ ଅସୀମ ଅନ୍ୟାୟ ଅତ୍ୟାଚାର କରିବାରେ ସକ୍ଷମ ହେଉଥିଲେ ସେହି ସମୟରେ ଯାହା ଏପର୍ଯ୍ୟନ୍ତ ଆମକୁ ଛାଡ଼ିନାହିଁ ! ସେମାନଙ୍କ କବଳରୁ ଆମ ଦେଶ ବଂଚିତ ହୋଇଛି ସତ୍ୟ କି'ନ୍ତୁ ଦେଶବାସୀ କୌଣସି ମତେ ରକ୍ଷା ପାଇନାହାନ୍ତି ! କାରଣ ସେମାନଙ୍କ ପରବର୍ତ୍ତୀ ଯେଉଁସବୁ ଶାସନ ଭାରପ୍ରାପ୍ତ ମଣିଷ ଦେଶରେ କାର୍ଯ୍ୟ କରି ଆସୁଛନ୍ତି, ସେହି ବ୍ରିଟିଶ ନୀତିକୁ ଆଦରି ଯଥେଷ୍ଟ ସ୍ୱାର୍ଥ ହାସଲ କରିବା ଦିଗରେ ସମର୍ଥ ତଥା ସାଧାରଣ ଲୋକଙ୍କୁ ପ୍ରତାରିତ କରି ରଖିବାରେ ଯଥେଷ୍ଟ ସହାୟକ ସେହି ବ୍ରିଟିଶ ଆଇନ ଗୁଡିକୁ ପରିବର୍ତ୍ତନ କରାଯିବା ଲକ୍ଷ ରଖିନାହାନ୍ତି, ରଖିବେ ଅବା କାହୁଁ ? ସାଧାରଣ ଲୋକେ, ଆମ ଦେଶବାସୀ ଯଥା ପୂର୍ବଂ ତଥା ପରଂ ଅବସ୍ଥାରେ ରହି ସମୟୋପୋଯୋଗୀ ଶାସନ ବ୍ୟବସ୍ଥାର ମିଥ୍ୟା କୁହେଳିକାରେ ନିଜକୁ ଜଡିତ କରି ପ୍ରତାରିତ ହେଉଥିବା ସମ୍ପୂର୍ଣ୍ଣ ସ୍ୱୀକାର୍ଯ୍ୟ । ଆଉ ଏହି ସାମ୍ବିଧାନିକ ବ୍ୟବସ୍ଥା ସହିତ ଅଂଗୀକାରବଦ୍ଧ ନ୍ୟାୟିକ ବ୍ୟବସ୍ଥାଯେ ସେହି ବ୍ରିଟିଶ ମାନଙ୍କ ପ୍ରତାରଣାପୂର୍ଣ୍ଣ, ଛଳନାତ୍ମକ ନିୟାମକ ଗୁଡିକୁ ଅନ୍ତରଣୀୟ କରି ଲୋକଙ୍କ ସେବାରେ ନିୟୋଜିତ ହେଉଛି ତାହା କେହି ଅସ୍ୱୀକାର କରିପାରିବେ ନାହିଁ । ଆମ ସଂସ୍କୃତିର ନ୍ୟାୟୀକ ବ୍ୟବସ୍ଥା ଯାହା ଥିଲା ବ୍ରିଟିଶ ମାନଙ୍କ ଦ୍ୱାରା ପ୍ରଣୟନ ଆଜିର ଏହି ବ୍ୟବସ୍ଥା ମଧ୍ୟରେ ପାର୍ଥକ୍ୟ କ'ଣ ବିଚାର କରିବା ।

ସତ୍ୟ ସବୁବେଳେ ଶାଶ୍ୱତ, ଚିରନ୍ତନ । ସତ୍ୟର ଅମଳିନତାକୁ ଅସ୍ୱୀକାର କରିବା ଅର୍ଥ ନିଜକୁ ନିଜେ ଦଣ୍ଡିତ, ପ୍ରତାରିତ କରି ନିଜର ମାନବିକତାକୁ ହତ୍ୟା କରିବା । ତେଣୁ ନ୍ୟାୟୀକ ବ୍ୟବସ୍ଥାରେ ସତ୍ୟକୁ ନ୍ୟାୟ ଦେବା ପାଇଁ ଉଦ୍ୟମରତ ନ୍ୟାୟାଧୀଶ କେବେହେଲେ ପାର୍ଶ୍ୱ ପରିବର୍ତ୍ତନ କିମ୍ବା ପାକ୍ଷିକ ବିଚାର କରିବା ଲକ୍ଷ ରଖିବା ଅର୍ଥ ନ୍ୟାୟୀକ ବ୍ୟବସ୍ଥାକୁ ହତ୍ୟା କରିବା ସହିତ ସମାନ ହୋଇଥାଏ ବୋଲି ବିଚାର ଆମର । ବ୍ରିଟିଶ ସେହି ପାକ୍ଷିକ କଠୋର ଏବଂ ପାକ୍ଷିକ ନମନୀୟ ଆଇନ ସାହାଯ୍ୟରେ ସବୁବେଳେ ସେମାନଙ୍କ ସହଚର ମାନଙ୍କୁ ଅନୈତିକ ନ୍ୟାୟ ପ୍ରଦାନ କରାଯିବା ଲକ୍ଷ ରଖି ଏହି ବର୍ଷ ବର୍ଷ ଧରି ବିଚାରାଧୀନ ବ୍ୟବସ୍ଥା ଲାଗୁ କରିଥିଲେ ଯାହା ସାହାଯ୍ୟରେ ପ୍ରମାଣ ନଷ୍ଟ କରିବା ପାଇଁ ଯଥେଷ୍ଟ ସମୟ ମିଳିବା ସାଙ୍ଗକୁ ଘଟଣାର ସତ୍ୟାସତ୍ୟ ଭୁଲିଯାଇ ସମୟ ସାପେକ୍ଷ ଯୁକ୍ତି ବଢ଼ିବାରେ ଯଥେଷ୍ଟ ସହାୟକ ହେଉଥିଲା ଯାହା ଅଦ୍ୟାବଧି ଆମ ଦେଶରେ ବଳବତ୍ତର ରହି ସେହି ଅମାନବୀୟ ବିଚାର ପ୍ରଦର୍ଶନ କରାଯିବାରେ ସିଦ୍ଧହସ୍ତ ହେଉଅଛି । ବର୍ଷ ବର୍ଷ ଧରି ବିଭିନ୍ନ ମାମଲା ବିଚାରାଧୀନ ରଖାଯାଉଥିବା ହେତୁ ପ୍ରକୃତ ଘଟଣାକୁ କରାୟତ କରାଯିବା ପରିବର୍ତ୍ତେ ଦୋଷୀଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରାଯିବାରେ ଯଥେଷ୍ଟ ସୁବିଧା ମିଳୁଛି ଯାହା ବ୍ରିଟିଶ ଆଇନର ମୂଳ ଲକ୍ଷ ଥିଲା । ତେଣୁ କହିବାକୁ ଗଲେ କେବଳ ମିଥ୍ୟାକୁ ସତ୍ୟରେ ପରିଣତ କରିବା ପାଇଁ ନ୍ୟାୟୀକ ବ୍ୟବସ୍ଥା ଯଥେଷ୍ଟ ସାହାଯ୍ୟ କରୁଥିବା ବେଳେ ସତ୍ୟର ଅନ୍ତ କରିବା ଏହି ନ୍ୟାୟୀକ ବ୍ୟବସ୍ଥାର ମୂଳ ଲକ୍ଷ ଭଳି ଅନୁଭବ ହୁଏ ଆଜି ସମୟରେ ଯାହା ସେହି ବ୍ରିଟିଶ ମାନଙ୍କ ମୂଳ ମନ୍ତ୍ର ରହିଥିଲା ।







କାରଣ ସେମାନେ ସେହି ଆଇନ ବଳରେ ସାଧାରଣ ଲୋକଙ୍କୁ ପ୍ରତାରିତ କରି କଠୋର ଶାସନ ବ୍ୟବସ୍ଥା ମଧ୍ୟରେ ନିଜର ଶାସନ ପ୍ରଚଳନ କରୁଥିଲେ ।

ସତ୍ୟ କେବେ ଲୁଚି ରହେନା ବୋଲି ଆମ ଉକ୍ତିଟି କଣ ବାସ୍ତବରେ ମର୍ମହିନ ? ନା' ! ଏହା ସତ୍ୟଯେ, ସତ୍ୟ କେବେ ଲୁଚି ରହେନା । କାରଣ ସତ୍ୟ ସବୁବେଳେ ଶାଶ୍ୱତ ଏବଂ ଚିରନ୍ତନ । କିନ୍ତୁ ମିଥ୍ୟକୁ ସତ୍ୟରେ ପରିଣତ କରି ନିଆଯାଉଥିବା ନିଷ୍ପତ୍ତି ସେହି ବ୍ରିଟିଶ ମାନଙ୍କ ନ୍ୟାୟ ଭଳି ହୋଇପାରେ । ଆଉ ସେମାନଙ୍କ ନ୍ୟାୟ ବ୍ୟବସ୍ଥାର ମୂଳ ଆଧାର ହେଉଛି ମିଥ୍ୟାକୁ ସତ୍ୟରେ ପରିଣତ କରିବା ! ବିଚାରାଳୟ / ନ୍ୟାୟାଳୟ ସହିତ ଅସଂଖ୍ୟ ଆଇନ/କାନୁନ ପ୍ରଚଳନ କରାଯିବାର ଅର୍ଥ ହେଉଛି କେବଳ ମିଥ୍ୟାକୁ ସତ୍ୟ ବୋଲି ସାବ୍ୟସ୍ତ କରାଯିବା ଯାହା ଏକ ତାର୍କିକ ଯୁକ୍ତି ମାତ୍ର ! କାରଣ ପ୍ରକୃତ ନ୍ୟାୟ ପାଇଁ ତର୍କ ନୁହେଁ ତଥ୍ୟ, ତତ୍ୱର ଆବଶ୍ୟକତା ରହିଥାଏ ଯାହା କେବଳ ମିଥ୍ୟା ଆଉ ସତ୍ୟ ଏହି ଦୁଇଟି ଯୁକ୍ତି ମଧ୍ୟରେ ସୀମିତ । ସେହି ମିଥ୍ୟା ଏବଂ ସତ୍ୟକୁ ଉନ୍ମୋଚନ କରାଯିବା ଲକ୍ଷ ରଖାଗଲେ ଅଜସ୍ର ଆଇନ, କାନୁନର କୌଣସି ଆବଶ୍ୟକତା ନଥାଇ କେବଳ ପ୍ରୟୋଗାତ୍ମକ ଅନୁଶୀଳନ ଏବଂ ଉନ୍ମୋଚନର ଆବଶ୍ୟକତା ରହିଥାଏ । ବ୍ରିଟିଶ ସାଧାରଣ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଏବଂ ସେମାନଙ୍କ ମସ୍ତିଷ୍କ ବିଚଳନ କରି ସତ୍ୟକୁ ମିଥ୍ୟା, ମିଥ୍ୟକୁ ସତ୍ୟରେ ପରିଣତ କରିବା ପାଇଁ ଯେଉଁସବୁ ହଜାର ହଜାର ଆଇନ ତିଆରି କରିଥିଲେ ସେଗୁଡିକ ବାସ୍ତବ, ସତ୍ୟ ଏବଂ ମାନବୀୟ ବିଚାରଧାରା ସମ୍ପନ୍ନ ନୁହେଁ କି ଭାରତୀୟ ସଂସ୍କୃତି, ସଂସ୍କାର ଉପରେ ଆଧାରିତ ନୁହେଁ ! ତେଣୁ ସେମାନଙ୍କ ଦ୍ୱାରା ପ୍ରଚଳିତ ଏହି ଆଇନରେ ଜଣେ ମିଥ୍ୟାବାଦୀ କେବଳ ଭାଗିଦାରୀତା କରି ନିଜକୁ ମୁକୁଳାଇବା ପାଇଁ ଚେଷ୍ଟା କରିବା ଛଡା ଯଦି କୌଣସି ସତ୍ୟବାଦୀ ଏହି ଆଇନର ଆଶ୍ରୟ ନିଏ ତାହେଲେ ସେହି ବ୍ୟକ୍ତି ପାଇଁ ତାହା ଏକ ଅଭିଶପ୍ତ ଦଣ୍ଡ ଭଳି ହେବାଛଡା ଆଉ କିଛି ନୁହେଁ ! କାରଣ ସତ୍ୟକୁ ପ୍ରମାଣ କରି ଉପସ୍ଥାପନ କରିବା ପାଇଁ ନ୍ୟାୟାଧୀଶଙ୍କ ଅପେକ୍ଷା ଅନୁସନ୍ଧାନକାରୀଙ୍କ ଉପଯୋଗୀତା ଯଥେଷ୍ଟ ଅଧିକ ରହିଥାଏ । ଅନୁସନ୍ଧାନ କରି ସତ୍ୟ, ମିଥ୍ୟାର ଉନ୍ମୋଚନ ହେବା ପରେ ନ୍ୟାୟ ଦେବା ପାଇଁ କୌଣସି ଅସୁବିଧା ହୁଏନାହିଁ ଯାହା କେତେକ ଜଟିଳ ନିୟାମକ ମଧ୍ୟରେ ପାଳିତ ହୋଇଥାଏ ଏହି ବ୍ରିଟିଶ ଆଇନ ମାଧ୍ୟମରେ ଯାହା ସେମାନଙ୍କୁ ଯଥେଷ୍ଟ ସହାୟକ ହେଉଥିଲା । ଆଉ ସେହି ଆଇନ ପ୍ରଚଳନ କରି ଆମେ ଅଦ୍ୟାବଧି ନିଜକୁ ସ୍ୱାଧୀନ ରାଷ୍ଟ୍ରର ନାଗରିକ ବୋଲି କହୁଥିବା କେତେ ଯୌକ୍ତିକ ବିଚାର ଯୋଗ୍ୟ ! ସତ୍ୟବାଦୀଙ୍କ ପାଇଁ ଏହି ନ୍ୟାୟୀକ ବ୍ୟବସ୍ଥା ଏକ ଅଲୌକିକ ସ୍ଥାନ ଭଳି ବିବେଚିତ ହେଉଥିବା ବେଳେ ମିଥ୍ୟାଚାରୀ, ଦେଶଦ୍ରୋହୀ, ଭ୍ରଷ୍ଟାଚାରୀଙ୍କୁ ସୁରକ୍ଷା ଯୋଗାଇଦେଇ ସେମାନଙ୍କ ଆତ୍ମରକ୍ଷା କବଚ ଭଳି ଦଣ୍ଡାୟମାନ ଏହି ବ୍ରିଟିଶ ବ୍ୟବସ୍ଥାରେ ପିଢ଼ିକୁ ପିଢ଼ି ପ୍ରଚଳିତ ହୋଇ ଆସୁଥିବା ଅମାନବୀୟ ଆଇନ, କାନୁନ ବ୍ୟବସ୍ଥାର ଅନ୍ତ କେବେ..... ? !

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଂଜାମ.*
*ଦୂରଭାଷ.: ୯୪୩୭୩୨୪୯୧୭*

# ଓଡ଼ିଶା ଆଇଟି ପଲିସି-୨୦୨୨କୁ କ୍ୟାବିନେଟ୍ ଅନୁମୋଦନ

**ଭୁବନେଶ୍ୱର :** ଦେଶ ବିଦେଶର ଆଇଟି କମ୍ପାନୀଗୁଡ଼ିକୁ ଓଡ଼ିଶାରେ ପୁଞ୍ଜିନିବେଶ ନିମନ୍ତେ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ଆଇଟି ପଲିସି-୨୦୨୨ରେ ଅନେକ ପ୍ରୋତ୍ସାହନମୂଳକ ବ୍ୟବସ୍ଥା କରିଛନ୍ତି । ରାଜ୍ୟ କ୍ୟାବିନେଟ୍ ଆଜି ଏହି ଓଡ଼ିଶା ଆଇଟି ପଲିସି-୨୦୨୨କୁ ଅନୁମୋଦନ କରିଛନ୍ତି । ଏହାସହିତ ଓଡ଼ିଶା ମୋବାଇଲ ଟାୱାର ଅପଟିକାଲ ଫାଇବର କେବୁଲ୍ ଓ ଟେଲିକମ୍ ଭିତ୍ତିଭୂମି ନୀତି-୨୦୧୭ରେ ସଂଶୋଧନକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଆଇଟି ପଲିସି-୨୦୨୨କୁ କ୍ୟାବିନେଟ୍ ଅନୁମୋଦନ ମିଳିଛି । ଓଡ଼ିଶାକୁ ଦେଶର ଆଇଟି କ୍ଷେତ୍ର ପାଇଁ ପୁଞ୍ଜିନିବେଶର ଅଗ୍ରଣୀ ସ୍ଥଳୀ ଭାବେ ପରିଣତ କରିବା ଓ ନିଯୁକ୍ତି ସୁଯୋଗ ସୃଷ୍ଟି ସହ ଆଇଟି ଆଉଟସୋର୍ସିଂରେ ଓଡ଼ିଶାକୁ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିବା ହେଉଛି ଏହି ଆଇଟି ପଲିସିର ମୁଖ୍ୟ ଲକ୍ଷ୍ୟ । ଏଥିରେ ଆଇଟି ପାର୍କ ନିମନ୍ତେ ସ୍ଥାୟୀ ପୁଞ୍ଜିନିବେଶର ୨୫%(ସର୍ବାଧିକ ୨୦କୋଟି ଟଙ୍କା) ପର୍ଯ୍ୟନ୍ତ ପ୍ରୋତ୍ସାହନ ଯୋଗାଇ ଦିଆଯିବ । ଗ୍ରୀନଫିଲଡ ଆଇଟି ପାର୍କଗୁଡ଼ିକ ଜମି କ୍ରୟ ସମୟରେ ଷ୍ଟାମ୍ପ ଡ୍ୟୁଟି ଓ ଜମିର କିସମ ପରିବର୍ତ୍ତନ ଦେୟ ଶତପ୍ରତିଶତ ଛାଡ଼ କରାଯିବ ।



ଭିତ୍ତିଭୂମିରେ ସ୍ଥାୟୀ ନିବେଶର ୩୦% (ସର୍ବାଧିକ ୩କୋଟି ଟଙ୍କା ପର୍ଯ୍ୟନ୍ତ) ଯୋଗ୍ୟ ଆଇଟି ସଂସ୍ଥାଗୁଡ଼ିକୁ ରିହାତି ଯୋଗାଇ ଦିଆଯିବ । ଯେଉଁ ଆଇଟି ଶିଳ୍ପଦ୍ୟୋଗୀ ଦୀର୍ଘମିଆଦି ସୂତ୍ରରେ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାରୁ ଋଣ କରି ଠିକ୍ ସମୟରେ ପରିଶୋଧ କରୁଥିବେ ସେମାନଙ୍କର ଋଣ ଉପରେ ବାର୍ଷିକ ୫% ସୁଧ ରିହାତି ଓ ସର୍ବାଧିକ ୧୦କୋଟି ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ପ୍ରଦାନ କରାଯିବ । ଆଇଟି ଉଦ୍ୟୋଗୀଙ୍କୁ ବିଦ୍ୟୁତ ଶୁଳ୍କ ୫ବର୍ଷ ପର୍ଯ୍ୟନ୍ତ ଛାଡ଼ କରାଯିବ । ଯୋଗ୍ୟ ଉଦ୍ୟୋଗୀଙ୍କୁ ବିଦ୍ୟୁତ ବିଲର ୩୦% (ସର୍ବାଧିକ ୩୫ଲକ୍ଷ ଟଙ୍କା) ରିହାତି ମିଳିବ । ଯେଉଁ ଆଇଟି ସଂସ୍ଥାମାନେ ଭଡ଼ାଘରେ ନୂଆକରି ବ୍ୟବସାୟ ଆରମ୍ଭ କରିବେ ସେମାନଙ୍କୁ ପ୍ରତିମାସରେ ବର୍ଗଫୁଟ ପିଛା ୨୦ଟଙ୍କା ହିସାବରେ ସହାୟତା ଦିଆଯିବ । ଯାହା ସେମାନଙ୍କର ପ୍ରକୃତ ଭଡ଼ାର ୭୫%ରୁ ଅଧିକ ହେବନି । ସେହିପରି ମହିଳା, ଭିନ୍ନକ୍ଷମ, ଅନୁସୂଚିତ ଜାତି ଓ ଜନଜାତି ଉଦ୍ୟୋଗୀଙ୍କୁ (ସର୍ବାଧିକ ୫ଲକ୍ଷ ଟଙ୍କା) ଅତିରିକ୍ତ ୨୫% ସହାୟତା ଦିଆଯିବ । ଉଦ୍ୟୋଗୀମାନେ ଜମି କ୍ରୟ ସମୟରେ ଷ୍ଟାମ୍ପ ଡ୍ୟୁଟି ୧୦୦% ଓ ଦ୍ୱିତୀୟ ଥର ପାଇଁ ୫୦% ଛାଡ଼ କରାଯିବ । ଚାଷଜମିକୁ ଶିଳ୍ପ ଉପଯୋଗୀ ଜମିରେ ପରିବର୍ତ୍ତନ ପାଇଁ ହେଉଥିବା ଖର୍ଚ୍ଚର ୧୦୦% ପ୍ରତିଶତ ପ୍ରୋତ୍ସାହନ ଆକାରରେ ଯୋଗାଇ ଦିଆଯିବ । ବିଡିଏ ଅଂଚଳରେ ବ୍ୟବସାୟ ସ୍ଥାପନ କରିଥିବା ଆଇଟି କମ୍ପାନୀଗୁଡ଼ିକୁ ୫ବର୍ଷ ପାଇଁ ଶତପ୍ରତିଶତ ନେଟ୍ ଜିଏସଟିକୁ ଭରଣା କରାଯିବ ।

ମାନବସମ୍ବଳ ବିକାଶ ପାଇଁ ମଧ୍ୟ ଓଡ଼ିଶା ସରକାର ପ୍ରୋତ୍ସାହନ ଦେବେ । ଓଡ଼ିଶାରେ ବାସ କରୁଥିବା ଲୋକଙ୍କ ନିଯକ୍ତି ନିମନ୍ତେ ପ୍ରତି ବ୍ୟକ୍ତିଙ୍କ ପାଇଁ ୧୦ହଜାର ଟଙ୍କା ସର୍ବାଧିକ ୧୦ ଲକ୍ଷ ଟଙ୍କା ଓ ପ୍ରତି ୟୁନିଟକୁ ୩ ବର୍ଷ ପାଇଁ ଯୋଗାଇ ଦିଆଯିବ । ମହିଳା, ଅନୁସୂଚିତ ଜାତି-ଜନଜାତି ଓ ଭିନ୍ନକ୍ଷମ କର୍ମଚାରୀଙ୍କ ପାଇଁ ଅତିରିକ୍ତ ୧୦୦୦ଟଙ୍କା ଯୋଗାଇ ଦିଆଯିବ । ଓଡ଼ିଆ କର୍ମଚାରୀଙ୍କ ଇପିଏଫ ଓ ଇଏସଆଇ ବ୍ୟବସ୍ଥାକୁ ଶତପ୍ରତିଶତ ଅର୍ଥ(ସର୍ବାଧିକ ୫କୋଟି) ୩ ବର୍ଷ ପାଇଁ ଯୋଗାଇ ଦେବାର ବ୍ୟବସ୍ଥା ଅଛି । ସେହିପରି ଯୋଗ୍ୟ ଆଇଟି କମ୍ପାନୀଗୁଡ଼ିକୁ ଇଣ୍ଟରନେଟ୍ ସଂଯୋଗରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବସିଡି ୨ ବର୍ଷ ପାଇଁ, ବିଜୁ ଇନୋଭେସନ ଲ୍ୟାବର ପ୍ରତିଷ୍ଠା ଓ ରକ୍ଷଣାବେକ୍ଷଣ ପାଇଁ ୫ବର୍ଷରେ ୨୦ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦିଆଯିବ । ଓଡ଼ିଶାର ଇଞ୍ଜିନିୟରିଂ କଲେଜ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ମଧ୍ୟ ଏହି ପଲିସିରେ ବ୍ୟବସ୍ଥା ରହିଛି । ଏହି ଆଇଟି ପଲିସିର ଗେଜେଟ୍ ବିଜ୍ଞପ୍ତି ଜାରି ହେବା ତାରିଖରୁ ୫ବର୍ଷ ପର୍ଯ୍ୟନ୍ତ କିମ୍ବା ଅନ୍ୟ ସେଭଳି ଏକ ଯୋଜନା କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ତାହା ବଳବତ୍ତର ରହୁଥିଲା । ସେହିପରି ରାଜ୍ୟରେ ଗ୍ରାମାଂଚଳରେ ଇଂଟରନେଟ୍ ସ୍ପିଡ୍ ବୃଦ୍ଧି ପାଇଁ ଆବଶ୍ୟକ ହେଉଥିବା ଉନ୍ନତମାନର ଟେଲିକମ୍ୟୁନିକେସନ ଭିତ୍ତିଭୂମି ଓ ନେଟୱାର୍କ ନିମନ୍ତେ ରାଜ୍ୟ ସରକାର 'ଓଡ଼ିଶା ମୋବାଇଲ ଟାୱାର,( ଓଏଫସି) ଓ ଟେଲିକମ୍ ଭିତ୍ତିଭୂମି ନୀତି-୨୦୧୭ ପ୍ରଣୟନ କରିଥିଲେ । କିନ୍ତୁ କେନ୍ଦ୍ର ସରକାରଙ୍କ 'ଇଣ୍ଡିଆନ ଟେଲିଗ୍ରାଫ ରାଇଟ୍ ଅଫ ୱେ ନିୟମ'ରେ ଭୂତଳ ଓ ଉର୍ଦ୍ଧ୍ୱ ଟେଲିଗ୍ରାଫ ଭିତ୍ତିଭୂମିର ସ୍ଥାପନ ପାଇଁ ୬୦ଦିନ ମଧ୍ୟରେ ଅନୁମତି ପ୍ରଦାନ ବାଧ୍ୟତାମୂଳକ, ଯାହା ରାଜ୍ୟ ସରକାରଙ୍କ ନୀତିରେ ବ୍ୟବସ୍ଥା ନଥିଲା । ତେଣୁ ଆଜି ରାଜ୍ୟ କ୍ୟାବିନେଟ୍ ଏହି ଓଡ଼ିଶା ମୋବାଇଲ ଟାୱାର, ଓଏଫସି ନୀତି-୨୦୧୭ରେ ସଂଶୋଧନକୁ ମଞ୍ଜୁର କରିଛନ୍ତି ।

**ତେନ୍ତୁଳିଖୁଣ୍ଟି ବ୍ଲକ ଅଁଳାଭଟ୍ଟା ଗ୍ରାମ ପଞ୍ଚାୟତ ଚାଉଳ ହଡ଼ପ ଘଟଣା**

# ନିର୍ବାହୀ ଅଧିକାରୀ ନିଲମ୍ବିତ, ଯୋଗାଣ ସହାୟକ ବହିଷ୍କୃତ

**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଁଳାଭଟ୍ଟା ଗ୍ରାମ ପଞ୍ଚାୟତ ରେ ୧୫୦୪ ହିତାଧିକାରୀ ତିନି ମାସ ମାଗଣା ଚାଉଳ ଓ ଜୁଲାଇ ମାସ ର ଚାଉଳ ଆଜି ଯାଏଁ ପାଇ ନାହାନ୍ତି । ବିଡ଼ିଓ ଦୁର୍ଯ୍ୟୋଧନ ଭୋଇ ଙ୍କ ଦ୍ୱାରା ଗଠିତ ୯ ଟି ଟିମ ର ୩୭ ଜଣ ସଦସ୍ୟ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ବିସ୍ତୃତ ରିପୋର୍ଟ ବି ଡି ଓ ଙ୍କୁ ଦେଇଥିଲେ । ବିଡ଼ିଓ ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ଙ୍କୁ ରିପୋର୍ଟ ଦେବା ପରେ ଜିଲ୍ଲାପାଳ ପି ଇ ଓ ହରେକୃଷ୍ଣ ବିଶୋଇ ଙ୍କୁ ନିଲମ୍ବନ କରିଥିବା ବେଳେ ଯୋଗାଣ ସହାୟକ ବସନ୍ତ କୁମାର ସଗରିଆଙ୍କୁ ବହିଷ୍କାର କରିବାକୁ ପଞ୍ଚାୟତକୁ ନିର୍ଦ୍ଦେଶ ଦେଇଛନ୍ତି । ବିଡ଼ିଓ ଦୁର୍ଯ୍ୟୋଧନ ଭୋଇ ଓ ବିପଣି ନିରୀକ୍ଷକ ରୋହିତ ମାଝୀ ଙ୍କୁ ୧୫୦୪ ହିତାଧିକାରୀଙ୍କ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁସାରେ ସେମାନଙ୍କ ହକ କେବେ ପାଇବେ ବୋଲି ପଚାରିବାରୁ କହିଲେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କୁ ଏ ସମ୍ପର୍କରେ ପଚାରିଛୁ, କୌଣସି ନିର୍ଦ୍ଦେଶ ମିଳିବା ପରେ ଚାଉଳ ଦିଆଯିବ ।ଜାତୀୟ ଖାଦ୍ୟ ସୁରକ୍ଷା ଆଇନ କୁ ଫୁ କରି ଦିଆ ଯାଇଛି । ନିଲମ୍ବନ ବହିଷ୍କାର କରିଦେଲେ କଣ ସମସ୍ୟା ସମାଧାନ ହୋଇଗଲା । ଚାଉଳ ୮୬୩ କ୍ୱିଣ୍ଟାଲ କିଏ କିପରି କେଉଁଠି ନେଲା ? ଚୋରି ନା ଷଡଯନ୍ତ୍ର ପୋଲିସର ତଦନ୍ତ କାହିଁକି ନିରବ ? ଭିଜିଲାନ୍ସ କାହିଁକି ଘଟଣାର ଦ୍ୱିତୀୟ ଦିନରେ ନିଜ ଆଡୁ ତଦନ୍ତ ପ୍ରକ୍ରିୟା ଆରମ୍ଭ କରି କୌଣସି ନିଷ୍କର୍ଷ ରେ ଦୀର୍ଦ୍ଦିଘ ୧୮ ଦିନ ପରେ ମଧ୍ୟ ପହଂଚିନି ? ଯଦି ଭିଜିଲାନ୍ସ ତଦନ୍ତ କରିବନି ପୋଲିସ କୁ ତଦନ୍ତ କରିବାକୁ ବିଡ଼ିଓ ସାନି ଅଭିଯୋଗ କାହିଁକି କରିନାହାନ୍ତି । ୮୬୩ କ୍ୱିଣ୍ଟାଲ ଚାଉଳ ଏବେ ଦେବ କିଏ ? ବ୍ୟବସ୍ଥା ଅନୁସାରେ ପି ଇ ଓ ଙ୍କ ନାମରେ ଲାଇସେନ୍ସ ଥିବାରୁ ସେ ଦେବେ ? ନା ବୁଝାମଣା ଭିତ୍ତିରେ ପ୍ରତ୍ୟେକ ପଂଚାୟତରେ ଯୋଗାଣ ସହାୟକ ହିଁ ଚାଉଳ ଗ୍ରହଣ ଠୁଁ ବଣ୍ଟନ କାର୍ଯ୍ୟ ତୁଲାଇ ଥାନ୍ତି ତେଣୁ କଣ ଯୋଗାଣ ସହାୟକ ଦେବେ ? କାମତା ପୋଲିସ ଫାଣ୍ଡି ଅଧିକାରୀ ଭରତ ମାଝୀ ତେନ୍ତୁଳିଖୁଣ୍ଟି ଥାନା ଅଧିକାରୀ ଉମେଶ ନାୟକଙ୍କ ନିର୍ଦ୍ଦେଶରେ ରସିଦ ଗୁଡିକର ଯାଞ୍ଚ କରିଥିଲେ । ଭିଜିଲାନ୍ସ ତଦନ୍ତ ପ୍ରକ୍ରିୟାରେ ପ୍ରବେଶ କରିବାରୁ ଆଉ ତଦନ୍ତ ଆଗକୁ ବଢ଼ାଇନୁ । ଏବେ ତଦନ୍ତ କରିବ କିଏ ? ବାକି ରହିଲା ହିତାଧିକାରୀ ପିଛିଲା ମାସ ର ଚାଉଳ ପାଇବେ କେବେ ଏହାକୁ ନେଇ ନାନା କଳ୍ପନା ଜଳ୍ପନା ଲାଗି ରହିଛି ।ଦେଖା ଯାଉ ଆଉ କେତେ ଦିନ,କେତେ ମାସ ଗଲେ ପ୍ରକୃତ ନ୍ୟାୟ ମିଳୁଛି ହିତାଧିକାରୀମାନଙ୍କୁ ।



# ସୂର୍ଯ୍ୟ ଦେଓଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର



**ଭୁବନେଶ୍ୱର :** ଓଡ଼ିଆ ସିନେ ଜଗତର ବରିଷ୍ଠ ସାମ୍ବାଦିକ, ସମୀକ୍ଷକ ତଥା ଗବେଷକ ସୂର୍ଯ୍ୟ ଦେଓ ପାଇବେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର। ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣାରେ ଓଡ଼ିଆ ପୁସ୍ତକକୁ ସ୍ଥାନ ଦେବା ପ୍ରତିଟି ଓଡ଼ିଆଙ୍କ ପାଇଁ ଗୌରବର ଦିନ। କାଲି ପାଇଁ କାଲିର ସିନେମା ସ୍ୱତନ୍ତ୍ର ବର୍ଗରେ ମନୋନୀତ ହୋଇଛି। ଓଡ଼ିଆ ସିନେମା ରୂପ ରୂପାନ୍ତର, ଅର୍ଦ୍ଧ-ଶତାବ୍ଦୀର ଓଡ଼ିଆ ସିନେମାର ତର୍ଜମା, ଝୁରାମନ ଝୁରାଗିତୀ ଓ ଓଡ଼ିଆ ସିନେମା ଗୀତ ୧୯୩୬ରୁ ୧୯୬୯ ପରେ ଏହା ଦେଓଙ୍କ ସିନେମା ସଂକ୍ରାନ୍ତୀୟ ଚତୁର୍ଥ ବହି। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ପକ୍ଷରୁ ୨୦୨୦ ମସିହା ପାଇଁ ସମ୍ମାନଜନକ ୬୮ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଛି। ଓଡ଼ିଶାର ବରିଷ୍ଠ ସିନେ ସମୀକ୍ଷକ ସୂର୍ଯ୍ୟ ଦେଓଙ୍କ କାଲି ପାଇଁ କାଲିର ସିନେମା ପୁସ୍ତକକୁ ଜାତୀୟ ପୁରସ୍କାର ମିଳିବ। ଶ୍ରେଷ୍ଠ ଆଞ୍ଚଳିକ ସିନେ ପୁସ୍ତକ ଭାବେ ଏହା ମନୋନିତ ହୋଇଛି। ୧୯୫୨ ମସିହାରେ ପ୍ରଥମ ସିନେ ପତ୍ରିକା ଭାବେ ସିନେ ଓଡ଼ିଶା ପ୍ରକାଶିତ ହୋଇଥିଲା। ଏହାପରଠାରୁ ଓଡ଼ିଆ ସିନେମାର କାହାଣୀ, ସଂଳାପ, ଚରିତ୍ର, ସଂଗୀତ ଏବଂ ବିଭିନ୍ନ ଛବିକୁ ନେଇ ଭିନ୍ନଭିନ୍ନ ସମୟରେ ପତ୍ରିକାମାନ ପ୍ରକାଶ ପାଇଛି। କିନ୍ତୁ ସିତା ବିବାହଠାରୁ ଆଜି ପର୍ଯ୍ୟନ୍ତ ଏକାଧିକ ପୁରୁଣା ଓଡ଼ିଆ ସିନେମାର ବିଭିନ୍ନ ଦିଗକୁ ନେଇ ଶ୍ରୀଯୁକ୍ତ ଦେଓ ଲେଖିଥିବା କାଲି ପାଇଁ କାଲିର ସିନେମା ଓଡ଼ିଶାର ସିନେମା ଜଗତରେ ଏକ ଦୁର୍ମୂଲ୍ୟ ପୁସ୍ତକ ଭାବରେ ପରିଗଣିତ ହେଉଛି। ପୂର୍ବରୁ ଦୁଇ ଓଡ଼ିଆ ଅଳକା ସାହାଣୀ ଏବଂ ପିୟୁଷ ରଥଙ୍କୁ ଶ୍ରେଷ୍ଠ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଛି। କିନ୍ତୁ ଉଭୟ କ୍ରିଟିକ ବା ସମୀକ୍ଷା କ୍ୟାଟେଗୋରୀରେ ପାଇଥିବାବେଳେ କାଲି ପାଇଁ କାଲିର ସିନେମା ପ୍ରଥମ କରି ପୁସ୍ତକ କ୍ୟାଟେଗୋରୀରେ ସମ୍ମାନଲାଭ କରିବ।

# ଓଡ଼ିଶାରେ ଆଇନଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ରହିଛି। ଗୃହ ବିଭାଗ ଖର୍ଚ୍ଚଦାବି ଆଲୋଚନାରେ ଭାଗ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାରେ ଏହି ବିବୃତି ରଖିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ଅଛି। ମାଓବାଦୀ କାର୍ଯ୍ୟକଳାପ କମିଛି। ପୁଲିସ ବିଭାଗର ମାନବସମ୍ବଳ ବଢାଇବା ପାଇଁ ପ୍ରାଥମିକତା ଦିଆଯାଇଛି। ଗତବର୍ଷ ଓଡ଼ିଶା ପୁଲିସର ବିଭିନ୍ନ ପଦବିରେ ୯୪୪ ଜଣଙ୍କୁ ନିଯୁକ୍ତି ମିଳିଛି। ଅର୍ଥନୈତିକ ଅପରାଧ ରୋକିବା ପାଇଁ ୧୫ଟି ସାଇବର ଥାନା ପ୍ରତିଷ୍ଠା କରାଯାଇଛି। ଟ୍ରାନ୍ସଜେଣ୍ଡରମାନଙ୍କୁ ଏସ୍‌ଆଇ ପଦବିରେ ନିଯୁକ୍ତି ଦିଆଯାଇଛି। ରାଜ୍ୟରେ ୧୭୩୦ ଏଏସ୍‌ଆଇ ଓ ଏସ୍‌ଆଇ ପଦବି ପୂରଣ ହେବ। ଏଥି ପାଇଁ ପ୍ରକ୍ରିୟା ଚାଲିଛି। ସେହିଭଳି ରାଜ୍ୟର ସବୁ ପୁଲିସ ଷ୍ଟେସନରେ ସିସିଟିଭି ଲାଗିବ। ଏ ପର୍ଯ୍ୟନ୍ତ ୫୯୩ଟି ଥାନା ମଧ୍ୟରୁ ୫୮୪ଟି ଥାନାରେ ସିସିଟିଭି ଖଞ୍ଜାଯାଇ ସାରିଛି। ପୁଲିସ ଥାନାଗୁଡ଼ିକୁ 'ମୋ ସରକାର' ସହିତ ଯୋଡ଼ାଯାଇଛି। ପଞ୍ଚାୟତ, ପୌର ନିର୍ବାଚନ ଓ ମାଓ ଇଲାକାରେ ଶାନ୍ତି ଶୃଙ୍ଖଳାରେ ନିର୍ବାଚନ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୁରୀରେ ରଥଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଛି। ୨ ବର୍ଷ ପରେ ସାଧାରଣ ଭକ୍ତି ପୁରୀ ରଥଯାତ୍ରାରେ ସାମିଲ ହୋଇଥିଲେ। ବ୍ୟାପକ ପୁଲିସ ମୁତୟନ ଯୋଗୁଁ ମହାପ୍ରଭୁଙ୍କ ରଥଯାତ୍ରା ଶୃଙ୍ଖଳିତ ହୋଇପାରିଛି।

# ରାଜ୍ୟର ୪୨,୨୭୪ ପିଲାଙ୍କୁ ଅନାଥ କରିଛି କରୋନା



**ଭୁବନେଶ୍ୱର :** କରୋନା ମହାମାରୀ ଯୋଗୁ ରାଜ୍ୟର ୪୨୨୭୪ ଜଣ ଶିଶୁ ଅନାଥ ହୋଇଛନ୍ତି। ୯୮୮ଜଣ ଶିଶୁ ଉଭୟ ପିତାମାତାଙ୍କୁ ହରାଇ ସମ୍ପୂର୍ଣ୍ଣ ଅନାଥ ହୋଇଥିବାବେଳେ ୪୨୨୭୪ଜଣ ଶିଶୁ ନିଜ ପରିବାରର ରୋଜଗାରକ୍ଷମ ଅଭିଭାବକ(ପିତା କିମ୍ବା ମାତା)ଙ୍କୁ ହରାଇଛନ୍ତି। ୨୦୨୦ ଏପ୍ରିଲ ୧ରୁ ୨୦୨୧ ସେପ୍ଟେମ୍ବର ୧୫ତାରିଖ ମଧ୍ୟରେ ଏହି ଶିଶୁମାନେ ନିଜର ପିତାମାତା ଅବା ଅଭିଭାବକଙ୍କୁ ହରାଇ ଅନାଥ ହୋଇଛନ୍ତି। ଆର୍ଶୀବାଦ ଯୋଜନାରେ ରାଜ୍ୟ ସରକାର ଏହି ଶିଶୁମାନଙ୍କୁ ଆର୍ଥିକ ସହାୟତା ସହିତ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଯୋଜନାରେ ଯତ୍ନ ଓ ସୁରକ୍ଷାର ବନ୍ଦୋବସ୍ତ କରିଛନ୍ତି। ରାଜ୍ୟ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ବିଧାନସଭାରେ ଏହି ସୂଚନା ଦେଇ କହିଛନ୍ତି ଯେ, ୨୦୧୧ ମସିହା ଜନଗଣନା ଅନୁସାରେ ରାଜ୍ୟରେ ୯୨୦୮୭ଜଣ ଶିଶୁ ବିଭିନ୍ନ କାମ କରୁଛନ୍ତି। ଶିଶୁ ଶ୍ରମିକ ନିଷେଧ ନିମନ୍ତେ ରାଜ୍ୟ ସରକାର ଅନ୍ୟ ବିଭାଗର ସମନ୍ୱୟରେ କାର୍ଯ୍ୟ କରୁଛନ୍ତି। ତେବେ କରୋନା ସମୟରେ ଗରିବ ଓ ଶ୍ରମିକ ଶ୍ରେଣୀର ପରିବାରରେ ପିତାମାତାଙ୍କ ମୃତ୍ୟୁ ଯୋଗୁ ଅନାଥ ହୋଇଥିବା ଶିଶୁମାନେ ଶ୍ରମିକ ହେବାକୁ ବାଧ୍ୟ ହୋଇଥିବା ସମ୍ପର୍କିତ ତଥ୍ୟ ଏହି ବିଭାଗରେ ଉପଲବ୍ଧ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ସାହୁ କହଥିଲେ ମଧ୍ୟ କରୋନା ଯୋଗୁ ୨୦୨୦ ଏପ୍ରିଲ ୧ରୁ ୨୦୨୧ ସେପ୍ଟେମ୍ବର ୧୫ ମଧ୍ୟରେ ନିଜର ପିତାମାତାଙ୍କୁ ହରାଇଥିବା ୯୮୮ଜଣ ଶିଶୁ ଓ ପରିବାରର ରୋଜଗାରକ୍ଷମ ଅଭିଭାବକଙ୍କୁ ହରାଇଥିବା ୪୨୨୭୪ଜଣ ଶିଶୁଙ୍କୁ ରାଜ୍ୟ ସରକାର ସ୍ୱତନ୍ତ୍ର ଯତ୍ନଗ୍ରାହୀ ଶିଶୁ ଭାବେ ବିବେଚନା କରି ସେମାନଙ୍କର ଯତ୍ନ ଓ ଥଇଥାନ ପାଇଁ 'ଆଶୀର୍ବାଦ' ଯୋଜନାରେ ଆର୍ଥିକ ସହାୟତା ଓ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଯୋଜନାରେ ଯତ୍ନ ଓ ସୁରକ୍ଷାର ବନ୍ଦୋବସ୍ତ କରିଛନ୍ତି। ଶିଶୁ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ବିଭିନ୍ନ ସଂସ୍ଥା ଓ ଅନୁଷ୍ଠାନ, ୧୦୯୮ ଚାଇଲଡ ଲାଇନ୍, ସ୍ୱତନ୍ତ୍ର ପୁଲିସ ୟୁନିଟ୍, ଜିଲ୍ଲା-ବ୍ଲକ-ପଂଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ଜରିଆରେ ଏପରି ଶିଶୁର ଯଥାଶୀଘ୍ର ଚିହ୍ନଟ ଓ ଯତ୍ନ ସୁରକ୍ଷା ବନ୍ଦୋବସ୍ତର ବ୍ୟବସ୍ଥା ଥିବାରୁ ପିତାମାତାଙ୍କୁ ହରାଇଥିବା ଶିଶୁଟିଏ ଅସୁରକ୍ଷିତ ହେବାରୁ ରକ୍ଷା କରାଯାଇ ପାରୁଛି ବୋଲି ମନ୍ତ୍ରୀ ଶ୍ରୀ ସାହୁ କହିଛନ୍ତି। କରୋନା ପ୍ରଭାବିତ ଅନାଥ କିମ୍ବା ଜଣେ ରୋଜଗାରକ୍ଷମ ମୁରବୀ(ପିତା କିମ୍ବା ମାତା) ମୃତ୍ୟୁବରଣ କରିଥିଲେ ନୂଆ ଯୋଜନା 'ଗ୍ରୀନ ପ୍ୟାସେଜ' ଅନ୍ତର୍ଗତ ସେହି ପିଲାମାନଙ୍କୁ ମାଗଣା ଉଚ୍ଚଶିକ୍ଷା ଦେବାର ପ୍ରାବଧାନ ରହିଛି।

## ଦୁର୍ଗମ ଅଞ୍ଚଳରେ ମୋବାଇଲ ନେଟୱର୍କ ସୁଦୃଢ ହେବ



**ଭୁବନେଶ୍ୱର :** ରାଜ୍ୟର ସବୁ ସ୍ଥାନରେ ବିଶେଷକରି ଦୁର୍ଗମ ଅଞ୍ଚଳରେ କିଭଳି ଅବିରତ ମୋବାଇଲ ନେଟୱର୍କ ସେବା ମିଳିବ, ସେ ନେଇ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା ଟେଲିକମ୍ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଏବେବି ମୋବାଇଲ ନେଟୱର୍କ ନଥିବାରୁ ମନ୍ତ୍ରୀ ଶ୍ରୀ ବେହେରା ବିଭିନ୍ନ ଟେଲିକମ୍ ସଂସ୍ଥାର ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ରଣପୁର, ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ଦୁର୍ବଳ ନେଟୱର୍କର ସୁଦୃଢ଼ୀକରଣ କରିବା, ଶିମିଳିଝର ଜଳପ୍ରପାତ ପର୍ଯ୍ୟଟନ ଅଞ୍ଚଳରେ ପ୍ରାୟ ୧୦ହଜାର ଆଦିବାସୀ ବସବାସ କରୁଥିଲେ ହେଁ ଏହି ଅଞ୍ଚଳରେ ମୋବାଇଲ ନେଟୱର୍କ ନଥିବାରୁ ସେଠାରେ ତୁରନ୍ତ ମୋବାଇଲ ସେବା ଯୋଗାଇବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ବିଏସ୍‌ଏନ୍‌ଏଲ୍, ରିଲାଏନ୍ସ ଜିଓ, ଏୟାରଟେଲ୍ ଓ ଭୋଡାଫୋନ୍ ଆଦି ଟେଲିକମ୍ ନେଟୱର୍କ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।




ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ହାତରେ 'ଏକମାତ୍ର'। ନିକଟରେ ଅଛନ୍ତି ଆମ ପ୍ରତିନିଧି ତଥା ଉକ୍ତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ବିଶ୍ୱଜିତ ପଟ୍ଟନାୟକ।

# ୧,୬୭୨ ସ୍କୁଲରେ ଜଣେ ଲେଖାଏଁ ଶିକ୍ଷକ

**ଭୁବନେଶ୍ୱର :** ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ନେଇ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ। ତଥ୍ୟ ଅନୁଯାୟୀ ୨୦୨୧ ଆର୍ଥିକ ବର୍ଷରେ ରାଜ୍ୟର ୬ରୁ ୧୪ ବର୍ଷ ପିଲାଙ୍କ ପାଇଁ ଖର୍ଚ୍ଚ ହୋଇଛି ୨୫ ହଜାର ୫୬ ଟଙ୍କା। ୨୦୧୪-୧୫ରେ ଏହି ରାଶି ଥିଲା ୯ ହଜାର ୧୮୪ ଟଙ୍କା। ବିଧାନସଭାରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀଙ୍କ ପ୍ରଶ୍ନରେ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାସ ଏହି ଲିଖିତ ଉତ୍ତର ଦେଇଛନ୍ତି। କେବଳ ସେତିକି ନୁହେଁ, ରାଜ୍ୟରେ ଥିବା ୧୬୭୨ଟି ସ୍କୁଲରେ ଜଣେ ଲେଖାଏ ଶିକ୍ଷକ ଅଛନ୍ତି। ରାଜ୍ୟରେ ୩୦ ହଜାର ୩୭୭ ପ୍ରାଥମିକ ବିଦ୍ୟାଳୟ,୧୯ହଜାର ୨୩୮ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,୨୬୦୧ ଇଂରାଜୀ ମଧ୍ୟ ବିଦ୍ୟାଳୟ,୧୦ ହାଜର ୧୭ ଉଚ୍ଚ ବିଦ୍ୟାଳୟ ରହିଛି। ସ୍କୁଲ ଓ ଗଣଶିକ୍ଷା ବିଭାଗର ଅଧୀନରେ ଥିବା ୧୬୭୨ ଟି ସ୍କୁଲରେ ଜଣେ ଲେଖାଏ ଶିକ୍ଷକ ରହିଛନ୍ତି। ସର୍ବାଧିକ ମୟୂରଭଞ୍ଜ ୧୭୧ଟି ସ୍କୁଲ ରେ ଅଛନ୍ତି ଜଣେ ଲେଖାଏ ଶିକ୍ଷକ। ତାପରେ ଗଞ୍ଜାମ ଜିଲ୍ଲାରେ ୧୩୪ ସ୍କୁଲରେ ଜଣେ ଲେଖାଏ ଶିକ୍ଷକ ଅଛନ୍ତି। ୪୩୫ଟି ସରକାରୀ ଅନୁଦାନ ପ୍ରାପ୍ତ ସ୍କୁଲରେ ଜଣେ ଲେଖାଏ ଶିକ୍ଷକ ଅଛନ୍ତି। ୨୧୦୭ ସରକାରୀ ଅନୁଦାନ ପ୍ରାପ୍ତ ଓ ଗଣଶିକ୍ଷା ଅଧୀନରେ ଥିବା ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ ଥିବା ସେ ତାଙ୍କ ଉତ୍ତରରେ ଲେଖିଛନ୍ତି। ପ୍ରାଥମିକ ବିଦ୍ୟାଳୟରେ ଛାତ୍ର ଶିକ୍ଷକ ଅନୁପାତ ୨୪। ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ର ଶିକ୍ଷକ ଅନୁପାତ ୨୦। ୨୦୨୧ ଡିସେମ୍ବର ୩୧ ସୁଦ୍ଧା ଉଚ୍ଚ ବିଦ୍ୟାଳୟରେ ଖାଲି ପଡ଼ିଛି ୧୧ ହଜାର ୪୦୩ ଶିକ୍ଷକ ପଦବୀ। ଏହି ସମୟ ସୁଦ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୮୫୨ ଶିକ୍ଷକ ପଦବୀ ଖାଲି ଅଛି। ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୭୪ ପଦବୀ ଖାଲି ପଡ଼ିଛି ବୋଲି ସେ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

PLO T FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

# ୪୯ ବ୍ଲକରେ ଏବେବି ୩୫% ଛୁଇଁନି ଜଳସେଚନ



**ଭୁବନେଶ୍ୱର :** ଦୀର୍ଘ ଦେଢ଼ ଦଶନ୍ଧି ଧରି ରାଜ୍ୟ ସରକାରଙ୍କ ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ ଏବେବି ରାଜ୍ୟର ୪୯ଟି ବ୍ଲକରେ ଜଳସେଚନ ୩୫% ଛୁଇଁପାରିନି। ଏଥିରୁ ଅଧିକାଂଶ ବ୍ଲକରେ ଜଳସେଚନ ୨୦ ପ୍ରତିଶତରୁ କମ୍ ରହିଛି। ସେହିପରି ରାଜ୍ୟରେ ମୋଟ ଚାଷ ଜମି ୬୧.୮୦ଲକ୍ଷ ହେକ୍ଟର ଥିବାବେଳେ ସେଥିରୁ ୭୪.୮୮ ପ୍ରତିଶତ ଜମିରେ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରାଯାଇଛି। ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ବିଧାନସଭାରେ ବିଧାୟକ ନରସିଂହ ମିଶ୍ର ଓ ପ୍ରଫୁଲ୍ଲ ସାମଲଙ୍କ ଦୁଇଟି ଭିନ୍ନ ଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ, ୨୦୨୨ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟରେ ମୋଟ ୩୧୪ଟି ବ୍ଲକ ମଧ୍ୟରୁ ୪୯ଟିରେ ୩୫ ପ୍ରତିଶତରୁ କମ୍ ଜଳସେଚନ ସୁବିଧା ରହିଛି। ଏହି ବ୍ଲକଗୁଡ଼ିକରେ ବୃହତ, ମଧ୍ୟମ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସମେତ ଗୋଷ୍ଠୀ ଉଠା ଜଳସେଚନ, ଗଭୀର ନଳକୂଳ, ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଆଦି ଅଧିକ ସଂଖ୍ୟକ ନିର୍ମାଣ କରାଯାଇ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ନିମନ୍ତେ ପଦକ୍ଷେପ ନିଆଯାଉଛି। ସେହିପରି ରାଜ୍ୟରେ ମୋଟ ଚାଷ ଉପଯୋଗୀ ଜମିର ପରିମାଣ ୬୧ଲକ୍ଷ ୮୦ହଜାର ୨୪୬ ହେକ୍ଟର ଥିବାବେଳେ ୨୦୨୨ ମାର୍ଚ୍ଚ ଶେଷ ସୁଦ୍ଧା ସେଥିରୁ ୪୬ଲକ୍ଷ ୨୭ହଜାର ୭୬୪ ହେକ୍ଟର ଚାଷ ଜମିରେ ଜଳସେଚନ ସୁବିଧା ରହିଛି। ଏହା ମୋଟ ଚାଷ ଜମିର ୭୪.୮୮ ପ୍ରତିଶତ। ତେବେ ଏଥିରୁ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ମାଧ୍ୟମରେ ୧୫ଲକ୍ଷ ୦୯ହଜାର ୯୯୨ ହେକ୍ଟର ଜମି ଜଳସେଚିତ ହୋଇଥିବାବେଳେ ମେଗା ଲିଫ୍ଟ ମାଧ୍ୟମରେ ୨ଲକ୍ଷ ୮ହଜାର ୩୨୫ ହେକ୍ଟର ଜମି, କ୍ଷୁଦ୍ର ଜଳସେଚନରେ ୭ଲକ୍ଷ ୩୬ହଜାର ୫୧୮ ହେକ୍ଟର ଜମି, ଉଠା ଜଳସେଚନରେ ୧୪ଲକ୍ଷ ୪ହଜାର ୯୧୭ ହେକ୍ଟର ଜମି ଓ ଅନ୍ୟାନ୍ୟ ବିଭାଗ ଦ୍ୱାରା ୭ଲକ୍ଷ ୬୮ହଜାର ୦୧୨ ହେକ୍ଟର ଜମିକୁ ଜଳସେଚନ ସୁବିଧା କରାଯାଇଛି।

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମିଳିତ ଜନ ଅଭିଯୋଗ ଶୁଣାଣି



**ଜଗତ୍‌ସିଂହପୁର :** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ଜଗତସିଂହପୁର ଜିଲ୍ଲାପାଳ ପାରୁଲ ପଟ୍ଟୱାରୀଙ୍କ ଅଧ୍ୟକ୍ଷତାରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଜନସାଧାରଣଙ୍କର ଅଭିଯୋଗ ଶୁଣାଣି କରିଥିଲେ। ଏହି ଅଭିଯୋଗ ଶିବିରରେ ମୋଟ ୬୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା, ଇନ୍ଦିରାଆବାସ, ଥାନା ମାନଙ୍କରୁ ନ୍ୟାୟ ପାଉନଥିବା, ରାସନକାର୍ଡ ପାଉନଥିବା ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସାହାଯ୍ୟ ପାଇବା ନିମନ୍ତେ ଆବେଦନ କରିଥିବା ବେଳେ ଏହାର ତଦନ୍ତ କରିବାକୁ ଉପସ୍ଥିତ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ମିଳିତ ଜନଶୁଣାଣି ଶିବିରରେ ସବୁଠାରୁ ଉଲ୍ଲେଖନୀୟ ଘଟଣା ଥିଲା ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ୩ଜଣ ଭିନ୍ନକ୍ଷମ ଶ୍ରବଣ ବାଧିତ ଯୁବକ ଆଲୋକ କୁମାର, ବିଶ୍ୱରଞ୍ଜନ ସ୍ୱାଇଁ ଓ ରତିକାନ୍ତ ସ୍ୱାଇଁଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ଜିଲ୍ଲାପାଳ ଶ୍ରୀମତୀ ପଟୱାରୀ ୩ଗୋଟି ଲ୍ୟାପ୍‌ଟପ ପ୍ରଦାନ କରିଥିବା ବେଳେ ନାଉଗାଁ ବ୍ଲକ ଅନ୍ତର୍ଗତ ଘୋଡାଂଶ ଗ୍ରାମର ଫିରୋଜ ବାରିକଙ୍କ ଭିନ୍ନକ୍ଷମ ପୁଅ ସାଇରାମ ବାରିକଙ୍କୁ ସିଏସଆର ଫଣ୍ଡ ଅନୁଦାନରେ ୫୭ହଜାର ଟଙ୍କା ମୂଲ୍ୟର ଶ୍ରବଣ ଯନ୍ତ୍ର ଜିଲ୍ଲାପାଳ ପ୍ରଦାନ କରିଥିଲେ। ସେହିପରି ଭିନ୍ନକ୍ଷମ ପିତାମାତାଙ୍କ ପୁଅଝିଅଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ମେଧାବୃତି ଯୋଜନାରେ ଘୋଡାଂଶ ନାଉଗାଁର ବର୍ଷା ଦାସଙ୍କୁ ୫୨ହଜାର ୪୭ଟଙ୍କା ଖଟିକୂଳଦା ଏରସମା ବ୍ଲକର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ୮ହଜାର ୩୨୫ଟଙ୍କା ଅର୍ଥ ସହାୟତା ଜିଲ୍ଲାପାଳ ପ୍ରଦାନ କରିଥିଲେ। ଏହି ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମେଶ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ, ଉପଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ସମସ୍ତ କ୍ଷେତ୍ରବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନଶୁଣାଣିରେ ସହାୟତା କରିଥିଲେ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**
Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**